ବର୍ଷ-୨୫, ସଂଖ୍ୟା-୨୧୯
ଭୁବନେଶ୍ୱର
୧୫, ଅଗଷ୍ଟ, ୨୦୨୫ ଶୁକ୍ରବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 219
Bhubaneswar
15, August, 2025 Friday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat




**ଛୁଟି ଘୋଷଣା**

ପବିତ୍ର ସ୍ୱାଧୀନତା ଦିବସ ଅବସରରେ ଉପଲକ୍ଷେ ଦୈନିକ 'ମହାଭାରତ' କାର୍ଯ୍ୟାଳୟ ଓ ପ୍ରେସ୍ ବନ୍ଦ ରହୁଛି। ତେଣୁ ଏହାର ପରବର୍ତ୍ତୀ ସଂସ୍କରଣ ୧୭ ତାରିଖରେ ପ୍ରକାଶ ପାଇବ। - ପରିଚାଳକ




## ୭୯ତମ ସ୍ୱାଧୀନତା ଦିବସର ଅଭିନନ୍ଦନ ଓ ଶୁଭେଚ୍ଛା

## ବିକଶିତ ଭାରତ@୨୦୪୭ ମାର୍ଗରେ ଓଡ଼ିଶାର ସମାବେଶୀ ବିକାଶ

### ସୁରକ୍ଷିତ ହେଉଛି ଓଡ଼ିଆ ଅସ୍ମିତା, ବିକଶିତ ହେଉଛି ଐତିହ୍ୟ

ପୁରୀର ପ୍ରସିଦ୍ଧ 'ସାହିଯାତ'କୁ ମିଳିଛି **୧୭ ଲକ୍ଷ** ଟଙ୍କାର ଅନୁଦାନ

'ବରପୁତ୍ର ଐତିହ୍ୟ ଗ୍ରାମ' ଯୋଜନାର ଶୁଭାରମ୍ଭ

### ସଶକ୍ତ ମହିଳା, ବିକଶିତ ଓଡ଼ିଶା

'ସୁଭଦ୍ରା' ଯୋଜନାରେ **୧ କୋଟି** ମହିଳା ଉପକୃତ, କୋଟିଆ ପଞ୍ଚାୟତରୁ ୧୭୮୩

**୧୭ ଲକ୍ଷ** 'ଲକ୍ଷପତି ଦିଦି' ସୃଷ୍ଟି କରି ସାରା ଦେଶରେ ସବୁଠୁ ଆଗରେ ଓଡ଼ିଶା

### କୃଷି ଓ କୃଷକଙ୍କ କଲ୍ୟାଣରେ ସମର୍ପିତ ଲୋକଙ୍କ ସରକାର

ଗୋପାଳକଙ୍କୁ ପ୍ରୋତ୍ସାହିତ କରୁଛି 'ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା'

'ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ' ଯୋଜନାରେ **୧୧୭ ପ୍ରକାର** କୃଷି ଉଦ୍ୟୋଗ ପାଇଁ **୧ କୋଟି** ଟଙ୍କା ଯାଏଁ ରିହାତି

### ଲୋକଙ୍କ ସରକାରରେ ସ୍ୱାସ୍ଥ୍ୟ ସେବାକୁ ଗୁରୁତ୍ୱ

ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଏବଂ ଆୟୁଷ୍ମାନ୍ ବୟୋ ବନ୍ଦନା ଯୋଜନା କାର୍ଯ୍ୟକାରୀ

### ସୁଲଭ ଓ ସୁରକ୍ଷିତ ଯାତାୟାତ ଏବଂ ଉନ୍ନତ ପରିବହନ ଓ ପର୍ଯ୍ୟଟନ ବ୍ୟବସ୍ଥା

ଭୁବନେଶ୍ୱରରୁ ଆବୁଧାବିକୁ ସିଧାସଳଖ ବିମାନ ଚଳାଚଳ ଆରମ୍ଭ

ସୁବର୍ଣ୍ଣପୁରରୁ-ପୁରୁଣାକଟକକୁ ରେଳ ସଂଯୋଗ

୧୦୦ ଗୋଟି ଇ-ବସ୍ ସେବାର ଶୁଭାରମ୍ଭ

### ଲୋକଙ୍କ ସରକାରରେ ସାମାଜିକ ସୁରକ୍ଷାକୁ ପ୍ରାଧାନ୍ୟ

କାର୍ଯ୍ୟରତ ପଞ୍ଚାୟତିରାଜ ପ୍ରତିନିଧିଙ୍କ ମୃତ୍ୟୁରେ **୨ ଲକ୍ଷ** ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ଓ ଅକ୍ଷମତା କ୍ଷେତ୍ରରେ **୧ ଲକ୍ଷରୁ ୨ ଲକ୍ଷ** ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା

ପରିମଳ (ସ୍ୱରେଜ ଓ ସେପ୍ଟିକ୍ ଟାଙ୍କି ସଫେଇ) କର୍ମଚାରୀଙ୍କ ପାଇଁ **୧୦ ଲକ୍ଷ** ଟଙ୍କାର ଜୀବନ ବୀମା, କର୍ମକ୍ଷେତ୍ରରେ ଜୀବନହାନି ହେଲେ **୩୦ ଲକ୍ଷ** ଟଙ୍କାର ସହାୟତା ରାଶି

### ସବୁ ଜିଲ୍ଲାରେ ଶିଳ୍ପ, ସବୁ ଜିଲ୍ଲାରେ ଉଦ୍ୟୋଗୀ

ଘରୋଇ ପୁଞ୍ଜିନିବେଶରେ ଦେଶରେ ଓଡ଼ିଶା ୧ ନମ୍ବର ୨୦୨୫ ଏପ୍ରିଲରୁ ଜୁନ ମଧ୍ୟରେ ସାରା ଦେଶର ମୋଟ ଘରୋଇ ପୁଞ୍ଜିନିବେଶର ୪୦% ଓଡ଼ିଶାରେ

DMF ପାଣ୍ଠି ସଂଗ୍ରହରେ ମଧ ସାରା ଦେଶରେ ସବୁଠୁ ଆଗରେ ଓଡ଼ିଶା

### ଲୋକଙ୍କ ସରକାରରେ ସୁଶାସନ ଓ ସୁରକ୍ଷାକୁ ପ୍ରାଧାନ୍ୟ, ନ୍ୟାୟିକ ବ୍ୟବସ୍ଥା ସୁଦୃଢ଼

ଦୁର୍ନୀତି ଓ ଦୁର୍ନୀତିଗ୍ରସ୍ତଙ୍କ ପ୍ରତି ସରକାରଙ୍କ 'ଶୂନ୍ୟ ସହନଶୀଳ' ନୀତି ଅବଲମ୍ବନ ପ୍ରଶସ୍ତ କରୁଛି ସୁଶାସନ ଓ ଗରିବ କଲ୍ୟାଣ

ଲୋକଙ୍କ ସରକାରରେ ସୁଦୃଢ଼ ହେଉଛି ସହାୟତା ବ୍ୟବସ୍ଥା, ଜରୁରୀକାଳୀନ ପ୍ରଶମନ ପାଇଁ 'ଡାଏଲ ୧୧୨ ଯୋଜନା'ର ସମ୍ପ୍ରସାରଣ

### ଯୁବ ସଶକ୍ତିକରଣ ପାଇଁ ଉତ୍ସର୍ଗୀକୃତ ଲୋକଙ୍କ ସରକାର

ସରକାରୀ ଚାକିରି ଆବେଦନ ବୟସ ସୀମା **୩୨ ରୁ ୪୨** କୁ ବୃଦ୍ଧି

ଗତ ଏକ ବର୍ଷରେ ବିଭିନ୍ନ ସରକାରୀ ପଦବୀରେ ମିଳିଛି **୨୮ ହଜାରରୁ** ଅଧିକ ନିଯୁକ୍ତି, ଚଳିତବର୍ଷ ଆଉ **୪୦ ହଜାର** ସରକାରୀ ଚାକିରୀ ଦେବାର ଲକ୍ଷ୍ୟ

### ଜନଜାତି ଉନ୍ନତିରେ ଲୋକଙ୍କ ସରକାର

'ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା'ରେ **୩ ଲକ୍ଷ** ଯୋଗ୍ୟ ଆଦିବାସୀ ଛାତ୍ରଛାତ୍ରୀଙ୍କୁ ମିଳୁଛି ବାର୍ଷିକ **୫ ହଜାର** ଟଙ୍କା

'ଆମେ ପଢ଼ିବା ଆମ ଭାଷାରେ' ଯୋଜନାରେ **୧୭ଟି** ଆଦିବାସୀ ଭାଷାରେ ମିଳୁଛି ମାତୃଭାଷା ଆଧାରିତ ପ୍ରାଥମିକ ଶିକ୍ଷା

### ସୁଦୃଢ଼ ହେଉଛି ଶିକ୍ଷା ବ୍ୟବସ୍ଥା ସୁନିଶ୍ଚିତ ହେଉଛି ଭବିଷ୍ୟତ

ଗୁଣାତ୍ମକ ଶିକ୍ଷାର ସୁନିଶ୍ଚିତତା ପାଇଁ ପ୍ରଥମ ପର୍ଯ୍ୟାୟରେ **୮୩୫** 'ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ'

ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ 'ମାଗଣା ଛାତ୍ରାବାସ ସୁବିଧା'

### ବିକଶିତ ଓଡ଼ିଶା ପାଇଁ ବିକଶିତ ଗାଁ ଓ ସମୃଦ୍ଧ ସହର

'ପିଏମ୍-ଆବାସ' ଓ 'ଅନ୍ତ୍ୟୋଦୟ ଗୃହ ଯୋଜନାରେ **୨.୬୫ ଲକ୍ଷ** ଲୋକଙ୍କୁ ମିଳିଛି ପକ୍କା ଘର

ମହାନଗର ନିଗମରେ ପରିଣତ ହେବ ପୁରୀ ପୌରପାଳିକା

### ପରିବେଶ ଅନୁକୂଳ ବିକାଶକୁ ପ୍ରାଧାନ୍ୟ ଦେଉଛନ୍ତି ଲୋକଙ୍କ ସରକାର

ଅକ୍ଷୟ ଶକ୍ତି ବ୍ୟବହାରରେ ଅଗ୍ରଣୀ ଓଡ଼ିଶା

ସୌରଶକ୍ତିସମ୍ପନ୍ନ ହୋଇଛି **୭୦୩ଟି** ସରକାରୀ କୋଠା

### ଲୋକଙ୍କ ସରକାରରେ ସୁନିଶ୍ଚିତ ହେଉଛି ଛାତ୍ରୀଙ୍କ ସୁରକ୍ଷା

ଉଚ୍ଚ ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କ ସୁରକ୍ଷା, ଆତ୍ମରକ୍ଷା ଓ ସଶକ୍ତିକରଣ ସୁନିଶ୍ଚିତତା ପାଇଁ ଐତିହାସିକ ପଦକ୍ଷେପ 'ଶକ୍ତିଶ୍ରୀ'

ଛାତ୍ରୀଙ୍କ ସାଥି 'ଶକ୍ତିଶ୍ରୀ ମୋବାଇଲ ଆପ୍'

### ଓଡ଼ିଆ ଅସ୍ମିତାର ପରିଚୟ ବୁଣାକାରଙ୍କୁ ମିଳୁଛି ସମ୍ମାନ

ଓଡ଼ିଶାରେ ବୟନ ଶିଳ୍ପର ଅଭିବୃଦ୍ଧି ପାଇଁ 'ଓଡ଼ିଶା ଟେକ୍ସ-୨୦୨୫'ରେ **୧୭୦**ରୁ ଅଧିକ ଉଦ୍ୟୋଗପତିଙ୍କ ସହିତ **୩୩ ଏମଓୟୁ** ସ୍ୱାକ୍ଷରିତ, **୮ ହଜାର କୋଟି** ପୁଞ୍ଜି ନିବେଶ ପ୍ରସ୍ତାବ ପ୍ରାପ୍ତ-**୫୩,୩୦୦** ନିଯୁକ୍ତି ସୁଯୋଗ ସୃଷ୍ଟି

### ଲୋକଙ୍କ ସରକାରରେ ତ୍ୱରାନ୍ୱିତ ହେଉଛି ସାମଗ୍ରିକ ବିକାଶଧାରା

ଦୁର୍ଗମ ତଥା ପଛୁଆ ଅଞ୍ଚଳର ଉତ୍ପାଦକୁ ରାଜ୍ୟ ଓ ଜାତୀୟସ୍ତରରେ ପ୍ରୋତ୍ସାହିତ କରିବ 'ଆକାଂକ୍ଷା ହାଟ'

'ଡିଜିଟାଲ ଇ-ମାର୍କେଟ ପ୍ଲେସ'ରେ ଉପଲବ୍ଧ ହେବ ଆକାଂକ୍ଷୀ ଜିଲ୍ଲାର ଉତ୍ପାଦ

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର

OIPR:15001/13/0954/2526 DADLS-41

# କୋବି ପରଟା

ଆସନ୍ତୁ ଜାଣିବା କିପରି ଭିନ୍ନ ଅନ୍ଦାଜରେ ପ୍ରସ୍ତୁତ କରିବା କୋବି ପରଟା ।

ଆବଶ୍ୟକୀୟ ସାମଗ୍ରୀ: ଅଟା-୨୫୦ ଗ୍ରାମ, ତେଲ -୨ଚାମଚ, ଲୁଣ-ସ୍ୱାଦ ଅନୁସାରେ, କୋବି-୧ଟି ଛୋଟ ଛୋଟ କଟାଯାଇଥିବା, ୬- ହଳଦୀ, ୭- ଧନିଆ ପାଉଡର, ୮- ଜିରା ବା ଜୁଆଣୀ, ୯- ଧନିଆ ପତ୍ର, ୧୦- ଆମଚୁର ପାଉଡର

ପ୍ରସ୍ତୁତ ପ୍ରଣାଳୀ

ଏଗୁଡିକୁ ଭଲ ଭାବେ ମିଶାଇ ଏକ ଅଟା ଚକଟା ପ୍ରସ୍ତୁତ କରନ୍ତୁ । ଚକଟିବା ପରେ ୨୦ରୁ ୩୦ ମିନିଟ ପାଇଁ ଛାଡି ଦିଅନ୍ତୁ । ଏବେ ବନ୍ଧା କୋବିରୁ ଉପର ତ୍ୱଚାକୁ ବାହାର କରି ଦିଅନ୍ତୁ । ଏବେ ୫ରୁ ୧୦ ମିନିଟ ଗରମ ପାରିରେ ପକାନ୍ତୁ । ଏବେ ଏକ ପ୍ୟାନ ଗରମ କରି ସେଥିରେ ଏକ ଚାମଚ ତେଲ ଦିଅନ୍ତୁ । ଏବେ ସେଥିରେ ଛୋଟ ଚାମଚ କରି ସେଥିରେ ଛୋଟ ଚାମଚ ଜୁଆଣୀ ବା ଜିରା ଫୁଟାନ୍ତୁ ।



ପରଦା ଖବର

# ରିଲିଜ୍ ହେଲା 'ୱାର ୨', 'କୁଲୀ'

ଶେଷ ହେଲା ସବୁ ଅପେକ୍ଷାର ଅନ୍ତ । ସିନେମା ଘରେ ଅଗଷ୍ଟ ୧୪ ଅର୍ଥାତ ଗୁରୁବାରରେ ଦୁଇଟି ବଡ ଫିଲ୍ମ ରିଲିଜ୍ ହୋଇଛି । ଗୋଟିଏ ପଟେ ସୁପରଷ୍ଟାର ରଜନୀକାନ୍ତଙ୍କ 'କୁଲୀ' ଓ ଅନ୍ୟ ପଟେ ହ୍ରିତିକ ରୋଶନ ଓ ଜୁନିଅର ଏନଟିଆରଙ୍କ ଫିଲ୍ମ 'ୱାର ୨' । ଉଭୟ ଫିଲ୍ମରେ ବକ୍ସ ଅଫିସରେ ଜବରଦସ୍ତ କଲେକସନ୍ ହୋଇଛି । ଜାଣନ୍ତୁ କାହାକୁ ପଛରେ ପକାଇଲା କିଏ..



ରଜନୀକାନ୍ତଙ୍କ 'କୁଲୀ' ପାଇଁ ପ୍ରଶଂସକମାନେ ଉତ୍ସାହର ସହିତ ଅପେକ୍ଷା କରିଥିଲେ । ବର୍ତ୍ତମାନ ଫିଲ୍ମ ରିଲିଜ୍ ହେବା ପରେ ପ୍ରଶଂସକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳୁଛି । ବର୍ଷାରେ ମଧ୍ୟ ପ୍ରଶଂସକମାନେ ସେମାନଙ୍କ ପ୍ରିୟ ଷ୍ଟାରଙ୍କ ଫିଲ୍ମ ଦେଖିବାକୁ ପହଞ୍ଚି ଯାଉଛନ୍ତି । ଏହି କାରଣରୁ 'କୁଲୀ' ରିଲିଜ୍ ହେବାର ପ୍ରାରମ୍ଭିକ ଘଣ୍ଟାରେ ଖୁବ୍ ଆୟ କରିଛି । 'କୁଲୀ' ୨୮.୩୩ କୋଟି ଟଙ୍କା ରୋଜଗାର କରିଛି । ଫିଲ୍ମ ଦ୍ୱାରା ଏହା ଭାରତରେ କରାଯାଇଥିବା କଲେକ୍ସନ । ସେହିପରି ହ୍ରିତିକ୍ ରୋଶନ ଏବଂ ଜୁନିଅର ଏନଟିଆରଙ୍କ 'ୱାର୍ ୨'କୁ ନେଇ ପ୍ରଶଂସକମାନେ ମଧ୍ୟ ବହୁତ ଉତ୍ସାହିତ । ଫିଲ୍ମଟି ରିଲିଜ୍ ହେବା ମାତ୍ରେ ପ୍ରଶଂସକମାନେ ଏହାକୁ ଦେଖିବା ପାଇଁ ଥିଏଟରରେ ପହଞ୍ଚିଛନ୍ତି । ପ୍ରାରମ୍ଭିକ ସଂଖ୍ୟାରେ, 'ୱାର୍ ୨' ରଜନୀକାନ୍ତଙ୍କ 'କୁଲୀ' ଅପେକ୍ଷା ପଛରେ ପଡିଥିବା ଦେଖାଯାଇଛି । 'ୱାର୍ ୨' ୧୭.୦୭ କୋଟି ଟଙ୍କା ସଂଗ୍ରହ କରିଛି । ରଜନୀକାନ୍ତଙ୍କ ଅଭିନୀତ ଫିଲ୍ମ 'କୁଲୀ'ର କାହାଣୀ ବନ୍ଧୁତା ଉପରେ ଆଧାରିତ । ଫିଲ୍ମରେ ରଜନୀକାନ୍ତ ଦେବା ଭୂମିକାରେ ନଜର ଆସିଛନ୍ତି, ଯିଏ ତାଙ୍କ ବନ୍ଧୁଙ୍କ ମୃତ୍ୟୁର କାରଣ ଜାଣିବା ପରେ ହତ୍ୟାକାରୀଙ୍କଠାରୁ ପ୍ରତିଶୋଧ ନିଅନ୍ତି । ଏହି ଫିଲ୍ମରେ ରଜନୀକାନ୍ତଙ୍କ ବ୍ୟତୀତ ଆମିର ଖାନ, ନାଗାର୍ଜୁନ, ସୌବିନ ଶାହିର, ଉପେନ୍ଦ୍ର ରାଓ, ଶ୍ରୁତି ହାସନ ଏବଂ ସତ୍ୟରାଜ ପ୍ରମୁଖ ଭୂମିକାରେ ନଜର ଆସିଛନ୍ତି । ଏହି ଫିଲ୍ମର ନିର୍ଦ୍ଦେଶନା ଲୋକେଶ କନାଗରାଜ ଦେଇଛନ୍ତି । 'ୱାର ୨' ଫିଲ୍ମରେ ପ୍ରଥମ ଥର ପାଇଁ ଜୁନିଅର ଏନଟିଆର ହ୍ରିତିକ୍ ରୋଶନଙ୍କ ସହ ନଜର ଆସିଛନ୍ତି । ଏହି ଫିଲ୍ମ ମାଧ୍ୟମରେ ଜୁନିଅର ଏନଟିଆର ବଲିଉଡରେ ଡେବ୍ୟୁ କରୁଛନ୍ତି । ଏହା ବ୍ୟତୀତ କିଆରା ଆଡଭାନୀ, ଆଶୁତୋଷ ରାଣା ଏବଂ ଅନିଲ କପୁର ମଧ୍ୟ ଫିଲ୍ମରେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିଛନ୍ତି ।

# ଜନ୍ମାଷ୍ଟମୀରେ ଚମକିବ ଏହି ରାଶିଙ୍କ ଭାଗ୍ୟ..

ପ୍ରତ୍ୟେକ ବର୍ଷ ଭାଦ୍ରବ ମାସର କୃଷ୍ଣପକ୍ଷର ଅଷ୍ଟମୀ ତିଥିରେ ପ୍ରଭୁ ଶ୍ରୀକୃଷ୍ଣଙ୍କ ଜନ୍ମ ଉତ୍ସବ ପାଳନ କରାଯାଏ । ଏହି ଦିନକୁ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ବୋଲି କୁହାଯାଏ । ଚଳିତ ବର୍ଷ ୧୫ ଅଗଷ୍ଟରେ ଜନ୍ମାଷ୍ଟମୀ ପାଳନ କରାଯିବ । ଚଳିତ ବର୍ଷ ୧୫ ଅଗଷ୍ଟରେ ପାଳନ ହେଉଛି ଜନ୍ମାଷ୍ଟମୀ ପର୍ବ । ଏହି ଦିନ ବୁଧ, ଗୁରୁ, ଶୁକ୍ର, ଶନି ଗ୍ରହ ଏକାଠି ହୋଇ ଅଦ୍ଭୁତ ସଂଯୋଗ ହେବାକୁ ଯାଉଛି । ଏହି ଯୋଗ ୩ ରାଶି ବ୍ୟକ୍ତି ବିଶେଷଙ୍କ ଭାଗ୍ୟରେ ଶୁଭ ପରିବର୍ତ୍ତନ ଆଣିବାକୁ ଯାଉଛି । ଭାଗ୍ୟକୁ ବଦଳାଇ ଦେବ ଏହି ଯୋଗ । ଜନ୍ମାଷ୍ଟମୀରେ ବୁଧ ସିଧା ଚଳନ କରି କର୍କଟ ରାଶିରେ ସୂର୍ଯ୍ୟଙ୍କ ସହ ଏକାଠି ହେବେ ଯ ଶନି ଓଲଟା ଚଳନ କରିବେ ଓ ଗୁରୁ-ଶୁକ୍ର ମୀନ ରାଶିରେ ଏକାଠି ହୋଇ ଶୁଭ ସଂଯୋଗ ସୃଷ୍ଟି ହେବ । ବିଭିନ୍ନ



ନକ୍ଷତ୍ରଙ୍କ ମଧ୍ୟ ସଂଯୋଗ ହେବ । ଏହି ଦିନ ବୃଦ୍ଧି ଯୋଗ, ସର୍ବାର୍ଥ ସିଦ୍ଧି ଯୋଗ, ଅମୃତ ଯୋଗ ଆଦି ମହାସଂଯୋଗ ହେବାକୁ ଯାଉଛି । ଜାଣନ୍ତୁ ଏହି ୩ ରାଶିଙ୍କୁ ମିଳିବ କି କି ସଫଳତା..

ବୃଷ: ଏହି ରାଶିଙ୍କୁ ଅତ୍ୟନ୍ତ ଶୁଭଫଳ ମିଳିବ । ଅଟକି ଥିବା କାମ ପୂରଣ ହେବ । ପରିଶ୍ରମର ଫଳ ମିଳିବ । ବଡ ସଫଳତା ହାସଲ କରିବେ । ଅବିବାହିତ ଯୁବକ ଯୁବତୀଙ୍କ ବିବାହ ସ୍ଥିର ହେବ । ହଠାତ୍ ଧନ ଲାଭ ହେବ ।

ମିଥୁନ- ଏହି ରାଶିଙ୍କୁ ଗୋଟିଏ ପରେ ଗୋଟିଏ ଲାଭ ମିଳିବ । କର୍ମକ୍ଷେତ୍ରରେ ମଧ୍ୟ ସଫଳତା ମିଳିବ । ବ୍ୟବସାୟରେ ବଡ ଧନ ଲାଭ ହେବ ।

ସିଂହ- ହଠାତ ଧନ ଲାଭ ହେବ । ଏହି ସମୟରେ କରିଥିବା କାମର ଶୁଭଫଳ ମିଳିବ । ବ୍ୟବସାୟରେ ଲାଭ ମିଳିବ । ସନ୍ତାନ ପ୍ରାପ୍ତି ହେବ ।

# ଭାଦ୍ରବ ମାସ କୃଷ୍ଣ ପକ୍ଷ ଅଷ୍ଟମୀ ତିଥିରେ ପାଳନ କରାଯାଏ କୃଷ୍ଣ ଜନ୍ମାଷ୍ଟମୀ

ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ବା କୃଷ୍ଣ ଜନ୍ମାଷ୍ଟମୀ, କୃଷ୍ଣାଷ୍ଟମୀ, ସାତମ୍ ଆଠମ୍, ଗୋକୁଳାଷ୍ଟମୀ, ଅଷ୍ଟମୀ ରୋହିଣୀ, ଶ୍ରୀକୃଷ୍ଣ ଜୟନ୍ତୀ, ଶ୍ରୀ ଜୟନ୍ତୀ ବା କେବଳ ଜନ୍ମାଷ୍ଟମୀ ନାମରେ ମଧ୍ୟ ଜଣାଶୁଣା । ବିଷ୍ଣୁଙ୍କର ଅବତାରୀ ପୁରୁଷ ପ୍ରଭୁ ଶ୍ରୀକୃଷ୍ଣଙ୍କ ଜନ୍ମଦିନକୁ ହିନ୍ଦୁମାନେ ଜନ୍ମାଷ୍ଟମୀ ରୂପେ ପାଳନ କରିଥାନ୍ତି । ଏହା ହିନ୍ଦୁ ପଞ୍ଜିକା ଅନୁସାରେ ଭାଦ୍ରବ ମାସ କୃଷ୍ଣ ପକ୍ଷ ଅଷ୍ଟମୀ ତିଥିରେ ପାଳନ କରାଯାଏ । ଏଇ ଦିନ ଲଗ୍ନରେ ରୋହିଣୀ ନକ୍ଷତ୍ର ରହିଥାନ୍ତି । ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଭାଦ୍ରବ ମାସ କୃଷ୍ଣ ପକ୍ଷର ଅଷ୍ଟମୀ ତିଥିରେ ପାଳନ କରାଯାଏ । ସାରା ଦେଶରେ ଏହାକୁ ଖୁବ୍ ଧୁମଧାମରେ ପାଳନ କରାଯାଏ । ଚଳିତ ବର୍ଷ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ପର୍ବ ୧୫ ଅଗଷ୍ଟ ଶୁକ୍ରବାର ଦିନ ପାଳନ ହେଉଛି । ଏହି ଦିନ ଅତ୍ୟନ୍ତ ଶୁଭ ଯୋଗ ସୃଷ୍ଟି ହେବାକୁ ଯାଉଛି । ଚଳିତ ବର୍ଷ ସେହିପରି ଯୋଗ ସୃଷ୍ଟି ହେବାକୁ ଯାଉଛି, ଯାହା ପ୍ରଭୁଙ୍କ ଜନ୍ମ ସମୟରେ ସୃଷ୍ଟି ହୋଇଥିଲା । ମାନ୍ୟତା ଅନୁଯାୟୀ ଏହି ସମୟରେ ପୂଜାର୍ଚ୍ଚନା ଓ ବ୍ରତ ପାଳନ ଦ୍ୱାରା ଶୁଭଫଳ ପ୍ରାପ୍ତି ହୋଇଥାଏ । ଉତ୍ତର ଭାରତ ଓ ଦକ୍ଷିଣ ଭାରତରେ ଗଣନା ପଦ୍ଧତିର ବୈଷମ୍ୟ ଯୋଗୁଁ ଏହାର ପାଳନ ଗୋଟିଏ ଦିନ ଆଗପଛ ହୋଇଥାଏ । ଭାଦ୍ର କୃଷ୍ଣାଷ୍ଟମୀ ଅର୍ଦ୍ଧରାତ୍ର ସମୟରେ ଜନ୍ମାଷ୍ଟମୀ ହିନ୍ଦୁ ଜଗତରେ ପାଳିତ ହୋଇଥାଏ । କିନ୍ତୁ ବିଷ୍ଣୁ ପୁରାଣରେ କୃଷ୍ଣଙ୍କର ଜନ୍ମ



ଶ୍ରାବଣମାସ କୃଷ୍ଣ ଅଷ୍ଟମୀରେ ହୋଇଥିବାର ଉଲ୍ଲେଖ ରହିଛି । ମୁଖ୍ୟଚନ୍ଦ୍ରମାସ ଓ ଗୌଣ ଚନ୍ଦ୍ରମାସ ଗଣନା ଏ ପ୍ରଭେଦର କାରଣ ବୋଲି ଅନୁମେୟ । ଯ ଶ୍ରୀକୃଷ୍ଣ ମାନବ ସମାଜକୁ କର୍ମଯୋଗର ଶିକ୍ଷା ଦେଇଛନ୍ତି । ଶ୍ରୀମଦ୍‌ଭଗବଦଗୀତାରେ କର୍ମ ଅନୁସାରେ ଫଳ ମିଳିବ ବୋଲି ସେ ଉଲ୍ଲେଖ କରିଛନ୍ତି । ତେଣୁ ଜନ୍ମାଷ୍ଟମୀର ପାଳନ ଅବସରରେ ଜଣେ ପ୍ରକୃତ କର୍ମଯୋଗୀ ହେବାପାଇଁ ଶପଥ ନିଆଯାଏ । ଫଳର ଆଶା ନ ରଖି ବିଶ୍ୱର ସେବା କରିବା ହେଉଛି ପ୍ରକୃତ କର୍ମଯୋଗ । ଗୀତାରେ ଶ୍ରୀକୃଷ୍ଣଙ୍କ ପ୍ରଦର୍ଶିତ ପଥ ଅନୁସରଣ କରି ଯେ କେହି ସ୍ଥିତପ୍ରଜ୍ଞ ହୋଇପାରେ ।

# 'ଶ୍ରୀକୃଷ୍ଣ ତୁମେ ମିଥ୍ୟାବାଦୀ'



ଦିନେ ଶ୍ରୀକୃଷ୍ଣ ରାମେଶ୍ୱର କୁଣ୍ଡର ଉତ୍ତର କୂଳରେ ଶ୍ରୀରାଧିକା ଓ ଗୋପୀମାନଙ୍କ ସହିତ ଗଛ ଛାଇରେ ବସି ରାସ କରୁଥିଲେ । ସେହି ସମୟରେ ତାଙ୍କ ରୂପରେ ଆକର୍ଷିତ ହୋଇ ନିକଟରେ ଥିବା କିଛି ବାନର(ମାଙ୍କଡ଼) ଗଛରୁ ଓହ୍ଲାଇ ଶ୍ରୀକୃଷ୍ଣଙ୍କ ପାଦତଳେ ପ୍ରଣାମ କରି ନାଚିବା ଏବଂ ଡେଇଁବା ଆରମ୍ଭ କଲେ । ପୁଷ୍କରିଣୀର ଦକ୍ଷିଣ ପାର୍ଶ୍ୱରେ ଥିବା ଗଛରୁ ଓହ୍ଲାଇ ଦୀର୍ଘ ସମୟ ଡେଇଁବା ପରେ ଅନେକ ବାନର ତାଙ୍କ ଚରଣ ନିକଟରେ ପହଞ୍ଚିଥିଲେ । ଭଗବାନ କୃଷ୍ଣ ସେହି ବାନରମାନଙ୍କର ବୀରତ୍ୱର ପ୍ରଶଂସା କରିବା ଆରମ୍ଭ କଲେ ।

ଏହି ଆଶ୍ଚର୍ଯ୍ୟଜନକ ଲୀଳା ଦେଖି ଗୋପୀମାନେ ମଧ୍ୟ ମନ୍ତ୍ରମୁଗ୍ଧ ହୋଇଗଲେ । ସେମାନେ ମଧ୍ୟ ପ୍ରଭୁ ରାମଚନ୍ଦ୍ରଙ୍କ ଚମତ୍କାର ଲୀଳା ବିଷୟରେ ବର୍ଣ୍ଣନା କରିବା ଆରମ୍ଭ କରି କହିଥିଲେ ଯେ ଶ୍ରୀରାମଚନ୍ଦ୍ର ମଧ୍ୟ ବାନରମାନଙ୍କ ସାହାଯ୍ୟ ନେଇଥିଲେ । ସେତେବେଳେ ଲଳିତା ନାମକ ଜଣେ ଗୋପୀ କହିଥିଲେ- ଆମେ ଶୁଣିଛୁ ଯେ ମହାପରାକ୍ରମୀ ହନୁମାନ ତ୍ରେତୟା ଯୁଗରେ ଗୋଟିଏ ଲମ୍ଫ ଦେଇ ସମୁଦ୍ର ପାର ହୋଇଥିଲେ । କିନ୍ତୁ ଆଜି ଆମେ ଦେଖୁଛୁ ଯେ ବାନରମାନେ ମଧ୍ୟ ଏକ ଲମ୍ଫରେ ଏହି ପୁଷ୍କରିଣୀ ଅତିକ୍ରମ କରୁଛନ୍ତି ।

ଏହା ଶୁଣି କୃଷ୍ଣ ଗର୍ବର ସହିତ କହିଲେ- ତୁମେ ଜାଣ ! ମୁଁ ହିଁ ତ୍ରେତୟା ଯୁଗରେ ଶ୍ରୀରାମ ଥିଲି, ମୁଁ ହିଁ ରାମ ରୂପରେ ସମସ୍ତ ଲୀଳା ପ୍ରଦର୍ଶନ କରିଥିଲି । କିନ୍ତୁ ଲଳିତା ଶ୍ରୀରାମଚନ୍ଦ୍ରଙ୍କ ଅଦ୍ଭୁତ ଲୀଳାକୁ ପ୍ରଶଂସା କରିବା ସହ କହିଥିଲେ, ଟିକେ ହସି କହିଥିଲେ, ଶ୍ରୀକୃଷ୍ଣ ତୁମେ ଜଣେ ମିଥ୍ୟାବାଦୀ, ତୁମେ କଦାପି ରାମ ନ ଥିଲ... ଏପରି ସାହସିକତା ତୁମ ପାଇଁ ସମ୍ଭବ ନୁହେଁ । ଶ୍ରୀକୃଷ୍ଣ ସ୍ମିତହାସ୍ୟ ଦେଇ କହିଲେ - ତୁମେ ଏହାକୁ ବିଶ୍ୱାସ କରିପାରିବ ନାହିଁ, କିନ୍ତୁ ମୁଁ ଶ୍ରୀରାମ ରୂପ ନେଇ ଜନକପୁରୀରେ ଶିବଙ୍କ ଧନୁ ଭାଙ୍ଗି ସୀତାଙ୍କୁ ବିବାହ କଲି । ପିତାଙ୍କ ଆଦେଶ ଅନୁଯାୟୀ, ଧନୁ ଏବଂ ତୀର ଧାରଣ କରି ସୀତା ଏବଂ ଲକ୍ଷ୍ମଣଙ୍କ ସହ ଚିତ୍ରକୁଟ ଏବଂ ଦଣ୍ଡକାରଣ୍ୟ ଯାତ୍ରା କରି ସେଠାରେ ଥିବା ଅତ୍ୟାଚାରୀ ଦୈତ୍ୟମାନଙ୍କୁ ବିନାଶ କରିଥିଲି । ତା'ପରେ ସୀତାଙ୍କ ବିରହ ମଧ୍ୟରେ ଏ ବନରୁ ସେ ବନ ବୁଲି ପୁନର୍ବାର ବାନରମାନଙ୍କ ସାହାଯ୍ୟରେ ରାବଣ ସହିତ ଲଙ୍କାପୁରୀ ଧ୍ୱଂସ କରି ଅଯୋଧ୍ୟାକୁ ଫେରିଥିଲି ।

ମୁଁ ଏହି ଯୁଗରେ ଗୋପାଳ ରୂପ ଧାରଣ କରି ବଂଶୀ ବଜାଇ ଗୋଚାରଣ କରି ଜଙ୍ଗଲରୁ ଜଙ୍ଗଲ ବୁଲିଛି । ଏହି ସମୟରେ ମୁଁ ପ୍ରିୟତମା ଶ୍ରୀରାଧିକାଙ୍କ ଏବଂ ତୁମ ଗୋପୀମାନଙ୍କ ସହିତ ବିନୋଦ କରୁଛି । ମୋର ରାମ ଅବତାରରେ ଧନୁ ଏବଂ ତୀରର ଟଙ୍କାରରେ ତ୍ରିଲୋକ ଥରି ଉଠୁଥିଲା । କିନ୍ତୁ ବର୍ତ୍ତମାନ ମୋର ମଧୁର ବେଣୁନାଦରେ ସମସ୍ତ ପ୍ରାଣୀ ଉନ୍ମତ୍ତ ହେଉଛନ୍ତି । ଲଳିତା ଶୁଣି ହସିଲେ ଏବଂ କହିଲେ - ଆମେ କେବଳ ଖାଲି ଶବ୍ଦ ସହିତ ବିଶ୍ୱାସ କରିପାରିବୁ ନାହିଁ, ଯଦି ଆମକୁ ଶ୍ରୀରାମଙ୍କ ପରି କିଛି ପରାକ୍ରମ ଦେଖାଇ ପାରିବ, ତେବେ ଆମେ ବିଶ୍ୱାସ କରିପାରିବୁ । ଲଳିତାଙ୍କ କଥା ଶୁଣି ଶ୍ରୀକୃଷ୍ଣ ବେଣୁ ଧ୍ୱନି ଦ୍ୱାରା କ୍ଷଣମାତ୍ରକେ ସମସ୍ତ ବାନରମାନଙ୍କୁ ଏକତ୍ରିତ କରାଇ ସେମାନଙ୍କୁ ପ୍ରସ୍ତର ଶିଳା ମାଧ୍ୟମରେ ସେହି ପୁଷ୍କରିଣୀ ଉପରେ ସେତୁ ବାନ୍ଧିବା ପାଇଁ ଆଦେଶ ଦେଲେ । ଶ୍ରୀକୃଷ୍ଣଙ୍କ ଆଦେଶରେ ଦେଖୁ ଦେଖୁ ହଜାର ହଜାର ବାନର ବହୁ ଉତ୍ସାହର ସହିତ ଦୂର ସ୍ଥାନରୁ ପଥର ଆଣି ସେତୁ ନିର୍ମାଣ ଆରମ୍ଭ କଲେ । ସେହି ବାନରମାନେ ଆଣିଥିବା ପଥରଗୁଡ଼ିକ ଦ୍ୱାରା ଶ୍ରୀକୃଷ୍ଣ ନିଜ ହାତରେ ସେତୁ ନିର୍ମାଣ କରିଥିଲେ । ସେତୁ ଆରମ୍ଭରେ ଶ୍ରୀକୃଷ୍ଣ ପୁଷ୍କରିଣୀର ଉତ୍ତର ଦିଗରେ ନିଜର ପ୍ରିୟ ଭଗବାନ ରମେଶ୍ୱର ମହାଦେବଙ୍କ ପ୍ରତିଷ୍ଠା ମଧ୍ୟ କରିଥିଲେ ।

# ବୈଜ୍ଞାନିକ ସିଦ୍ଧାନ୍ତ ଓ ଶ୍ରୀହରିଙ୍କ ଦଶାବତାର

ଭାରତୀୟ ପୌରାଣିକ ଗ୍ରନ୍ଥରେ ଏପରି କେତେକ ଆଖ୍ୟାନ ବର୍ଣ୍ଣିତ, ଯାହାସବୁ ବୈଜ୍ଞାନିକ ସିଦ୍ଧାନ୍ତ ଉପରେ ଆଧାରିତ । ପୌରାଣିକ କାହାଣୀ ସିଦ୍ଧ କରିଥାଏ ଯେ ବୈଦିକ କାଳରେ ବିଜ୍ଞାନ ଅତ୍ୟନ୍ତ ସମୃଦ୍ଧ



ଥିଲା । ଏହି ବୈଜ୍ଞାନିକ ଆଧାର ହିଁ ସାମାଜିକ ପରିବର୍ତ୍ତନର କାରଣ ସାଜିଥିବା ଦେଖିବାକୁ ମିଳିଥାଏ । ବିଶିଷ୍ଟ ବୈଜ୍ଞାନିକ ଚାର୍ଲସ୍ ଡାରଓ୍ୱିନ୍‌ଙ୍କ 'ବିବର୍ତ୍ତନବାଦ' ବିଷୟରେ ଗଭୀର ଭାବେ ଅଧ୍ୟୟନ କଲେ ଏଥିରେ ଭାରତୀୟ ପୌରାଣିକ କାହାଣୀଗୁଡ଼ିକ ସହ କେତେକ ସାମଞ୍ଜସ୍ୟ ଦେଖିବାକୁ ମିଳିଥାଏ । ମନୁଷ୍ୟର କ୍ରମ ବିକାଶ ଜଟିଳ ଜୀବିତ ପ୍ରାଣୀଙ୍କ ଠାରୁ ହୋଇଛି । ଜଳଚର, ସ୍ଥଳଚର ଉଭୟଚର ଆଦି ପ୍ରାଣୀଙ୍କ ସୃଷ୍ଟି ତଥା ବିବର୍ତ୍ତନ ଏକ ପ୍ରାକୃତିକ ତଥା କ୍ରମିକ ପ୍ରକ୍ରିୟା ବୋଲି ଡାରଓ୍ୱିନ୍ କହିଛନ୍ତି । ଭଗବାନ ବିଷ୍ଣୁଙ୍କ ଦଶ ଅବତାର କଥା ନିଆଯାଉ । ସମଗ୍ର ସୃଷ୍ଟି ଜଳମଗ୍ନ ଥିବା ସମୟରେ ଶ୍ରୀହରି ପ୍ରଥମ ଅବତାର ନେଇଥିଲେ । ସେ ପ୍ରଥମେ ମତ୍ସ୍ୟ ଅବତାର ଧାରଣ କରିଥିଲେ । ସେତେବେଳକୁ ପୃଥିବୀ ନଷ୍ଟ ହୋଇସାରିଥିଲା । କିନ୍ତୁ ସେ ମନୁ ଏବଂ ଜୀବ ଓ ପାଦପ ଜଗତର କେତେକ ବିଶେଷ ବସ୍ତୁ ବଞ୍ଚାଇ ରଖିଥିଲେ । ଠିକ୍ ସେହିପରି ଶ୍ରୀହରିଙ୍କ ଅନ୍ତିମ ଅବତାର କଳ୍କି ହେବ । ସେ ଜନ୍ମ ନେବା ବେଳକୁ ସବୁକିଛି ନଷ୍ଟ ହୋଇସାରିଥିବ । ଶ୍ରୀହରି କ୍ରମଶଃ ମତ୍ସ୍ୟ, କଚ୍ଛପ, ବରାହ, ନରସିଂହ, ବାମନ, ପର୍ଶୁରାମ, ଶ୍ରୀରାମ, ଶ୍ରୀକୃଷ୍ଣ ଅବତାର ଧାରଣ କରିଥିଲେ । ସେ କଳ୍କୀ ଅବତାର ନେଲେ କଳିଯୁଗର ଅନ୍ତ ହୋଇଯିବ । ଭଗବାନ ବିଷ୍ଣୁଙ୍କ ଏହି ଅବତାର ସହିତ ଜୀବଜଗତର କ୍ରମବିକାଶ ନେଇ ରହିଥିବା ବୈଜ୍ଞାନିକ ଧାରଣା ସହିତ ମେଳ ଖାଇଯାଇଥାଏ ।

ବର୍ଷ-୨୫, ସଂଖ୍ୟା-୨୧୯
ଭୁବନେଶ୍ୱର
୧୫, ଅଗଷ୍ଟ, ୨୦୨୫ ଶୁକ୍ରବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 219
Bubaneswar
15, August, 2025 Friday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



# 'ସିନ୍ଦୂର' ଆତଙ୍କବାଦ ବିରୁଦ୍ଧରେ ମାନବତାର ଲଢ଼େଇ

ନୂଆଦିଲ୍ଲୀ,୧୪।୮(ପିଆଇବି): ୭୯ତମ ସ୍ୱାଧୀନତା ଦିବସର ଅବ୍ୟବହିତ ପୂର୍ବରୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଦେଶବାସୀଙ୍କୁ ସମ୍ବୋଧନ କରିଛନ୍ତି। ଦେଶବାସୀଙ୍କୁ ଅଭିନନ୍ଦନ ଜଣାଇ ସେ କହିଛନ୍ତି ଯେ ଏହି ସମାରୋହ ଆମକୁ ଭାରତୀୟ ହେବାର ଗୌରବକୁ ସ୍ମରଣ କରାଏ। ଭାରତ ଆତ୍ମନିର୍ଭର ରାଷ୍ଟ୍ର ହେବାର ମାର୍ଗରେ ଯଥେଷ୍ଟ ଦୂର ଆଗେଇ ଆସିଛି ଏବଂ ଦୃଢ଼ ଆତ୍ମବିଶ୍ୱାସର ସହିତ ଆହୁରି ଆଗକୁ ବଢ଼ିଚାଲିଛି। ଏହି ଅବସରରେ ରାଷ୍ଟ୍ରପତି କାଶ୍ମୀରରେ ହୋଇଥିବା ନାରକୀୟ କାଣ୍ଡ ବିରୋଧରେ ଅପରେସନ୍ ସିନ୍ଦୂର ଜରିଆରେ ଭାରତୀୟ ସେନା କିପରି ଆତଙ୍କବାଦୀଙ୍କ ଆଡ୍ଡା ଧ୍ୱଂସ କରିଥିଲେ ସେ ବିଷୟ କହିଥିଲେ। ରାଷ୍ଟ୍ରପତି ମୁର୍ମୁ କହିଛନ୍ତି, ଆମ ପାଇଁ, ଆମର ସମ୍ବିଧାନ ଏବଂ ଆମର ଗଣତନ୍ତ୍ର ସର୍ବୋପରି ଅତୀତକୁ ଦେଖିଲେ, ଆମେ ଦେଶ ବିଭାଜନର ଯନ୍ତ୍ରଣାକୁ ଭୁଲିବା ଉଚିତ ନୁହେଁ। ଆଜି ଆମେ ବିଭାଜନ ବିଭୀଷିକାର ସ୍ମୃତି ଦିବସ ପାଳନ କରିଛୁ। ବିଭାଜନ ଭୟଙ୍କର ହିଂସାର ସାକ୍ଷୀ ଥିଲା ଏବଂ ଲକ୍ଷ ଲକ୍ଷ ଲୋକ ଦେଶାନ୍ତର କରିବାକୁ ବାଧ୍ୟ ହୋଇଥିଲେ। ଆଜି ଆମେ ଇତିହାସର ଏହି ଭୁଲର ଶିକାର ହୋଇଥିବା ଲୋକଙ୍କୁ ଶ୍ରଦ୍ଧାଞ୍ଜଳି ଦେଉଛୁ। ଆମର ସମ୍ବିଧାନ ଚାରୋଟି ମୂଲ୍ୟବୋଧର ଉଲ୍ଲେଖ କରିଛି ଯାହା ଆମର ଗଣତନ୍ତ୍ରକୁ ସୁଦୃଢ଼ ରଖୁଥିବା ଚାରିଟି ସ୍ତମ୍ଭ। ଏଗୁଡ଼ିକ ହେଉଛି ନ୍ୟାୟ, ସ୍ୱାଧୀନତା, ସମାନତା ଏବଂ ଭ୍ରାତୃତ୍ୱ। ଏଗୁଡ଼ିକ ହେଉଛି ଆମର ସଭ୍ୟତାର ନୀତି ଯାହାକୁ ଆମେ ସ୍ୱାଧୀନତା ସଂଗ୍ରାମ ସମୟରେ ପୁନର୍ଜୀବିତ କରିଛୁ'। ଭାରତ ବିଶ୍ୱର ସର୍ବପୁରାତନ ଗଣରାଜ୍ୟର ଭୂମି ହୋଇଆସିଛି। ଏହାକୁ



ଗଣତନ୍ତ୍ରର ଜନନୀ ବୋଲି କହିବା ସମ୍ପୂର୍ଣ୍ଣ ଯଥାର୍ଥ। ଆମ ଗଣତନ୍ତ୍ରର ନିର୍ମାଣ ଆମ ଦ୍ୱାରା ଗୃହୀତ ସମ୍ବିଧାନର ମୂଳଦୁଆ ଉପରେ ନିର୍ମିତ ହୋଇଛି। ଆମେ ଗଣତନ୍ତ୍ର ଉପରେ ଆଧାରିତ ଅନୁଷ୍ଠାନ ସୃଷ୍ଟି କରିଥିଲୁ ଯାହା ଗଣତାନ୍ତ୍ରିକ କାର୍ଯ୍ୟକୁ ସୁଦୃଢ଼ କରିଥିଲା। ଏହିସବୁ ସିଦ୍ଧାନ୍ତକୁ ସର୍ବୋପରି ରଖି ଆମେ ୧୯୪୭ରେ ଏକ ନୂଆ ଯାତ୍ରା ଆରମ୍ଭ କରିଥିଲୁ ବିଦେଶୀ ଶାସନର ଲମ୍ବା ଅବଧି ପରେ, ସ୍ୱାଧୀନତା ସମୟରେ ଭାରତ ଘୋର ଦାରିଦ୍ର୍ୟ ଦେଖି ଗତି କରୁଥିଲା। କିନ୍ତୁ ସେହି ସମୟ ଠାରୁ ବର୍ତ୍ତମାନ ସମୟ ପର୍ଯ୍ୟନ୍ତ ୭୮ ବର୍ଷ ମଧ୍ୟରେ ଆମେ ସବୁ କ୍ଷେତ୍ରରେ ଅସାଧାରଣ ପ୍ରଗତି ହାସଲ କରିଛୁ। ଭାରତ ଆତ୍ମନିର୍ଭର ରାଷ୍ଟ୍ର ହେବାର ମାର୍ଗରେ ଯଥେଷ୍ଟ ଦୂର ଆଗେଇ ଆସିଛି ଏବଂ ଦୃଢ଼ ଆତ୍ମବିଶ୍ୱାସର ସହିତ ଆହୁରି ଆଗକୁ ବଢ଼ିଚାଲିଛି। ଆର୍ଥିକ କ୍ଷେତ୍ରରେ ଆମର ସଫଳତା ସ୍ପଷ୍ଟ ଭାବେ ଦେଖାଯାଇପାରିବ ବିଗତ ଆର୍ଥିକ ବର୍ଷରେ ୬.୫ ପ୍ରତିଶତ ସକଳ ଘରୋଇ ଉତ୍ପାଦ ବୃଦ୍ଧି ହାର ସହିତ ଭାରତ ବିଶ୍ୱର ପ୍ରମୁଖ ଅର୍ଥବ୍ୟବସ୍ଥାଗୁଡ଼ିକ ମଧ୍ୟରେ ସବୁଠୁ ଆଗରେ ଥିଲା। ବିଶ୍ୱ ଅର୍ଥବ୍ୟବସ୍ଥାରେ ଲାଗି ରହିଥିବା ସମସ୍ୟା ସତ୍ତ୍ୱେ ଘରୋଇ ଚାହିଦାରେ ଦ୍ରୁତ ଅଭିବୃଦ୍ଧି ହେଉଛି ମୁଦ୍ରାସ୍ଫିତୀକୁ ନିୟନ୍ତ୍ରଣରେ ରଖାଯାଇପାରିଛି। ରପ୍ତାନି ମଧ୍ୟ ବଢୁଛି।ସମସ୍ତ ପ୍ରମୁଖ ସଂକେତକ ଅର୍ଥବ୍ୟବସ୍ଥାର ଦୃଢ଼ ସ୍ଥିତିକୁ ଦର୍ଶାଉଛି ଏହା ଆମ ଶ୍ରମିକ ଏବଂ ଚାଷୀ ଭାଇଭଉଣୀଙ୍କ କଠିନ ପରିଶ୍ରମ ଓ ସମର୍ପଣ ସହିତ ସୁଚିନ୍ତିତ ସଂସ୍କାର ଏବଂ ଦକ୍ଷ ଆର୍ଥିକ ପରିଚାଳନା କାରଣରୁ ସମ୍ଭବ ହୋଇପାରିଛି।

With Best Compliments From

JSW

JSW Utkal Steel Ltd. Paradeep




# ବାଦଲଫଟା ବର୍ଷା : ୪୦ ମୃତ

କିସ୍ତଓ୍ୱାଡ,୧୪।୮(ଏଜେନ୍ସି): ଶ୍ରଦ୍ଧାଳୁଙ୍କ ପାଇଁ କାଳ ହେଲା ବାଦଲଫଟା ବର୍ଷା। ଜମ୍ମୁ କଶ୍ମୀରର କିସ୍ତଓ୍ୱାଡ ଜିଲ୍ଲାରେ ତାଣ୍ଡବ ରଚିଲା ପ୍ରକୃତି। ଉତ୍ତରାଖଣ୍ଡର ଧରାଲୀ ପରେ ଏବେ ଜମ୍ମୁ କଶ୍ମୀରରେ ଅସ୍ତବ୍ୟସ୍ତ ହୋଇପଡ଼ିଛି ଜନଜୀବନ। ମାଟି ମିଶା ପାଣି ତଳେ ଚାପି ହୋଇଯାଇଛନ୍ତି ଶହ ଶହ ଲୋକ। ଏପର୍ଯ୍ୟନ୍ତ ୪୦ଜଣ ଲୋକଙ୍କ ମୃତ୍ୟୁ ହୋଇଥିବା ଜଣାଯାଇଛି। ଏହା ସହ ୧୨୦ଜଣଙ୍କୁ ଆହତ ଅବସ୍ଥାରେ ଉଦ୍ଧାର କରିଛନ୍ତି ଉଦ୍ଧାରକାରୀ ଟିମ୍। ଅନେକ ଲୋକ ମାଟି ତଳେ ଚାପି ହୋଇଯାଇଥିବା କୁହାଯାଉଛି।

ଏହି ବିପର୍ଯ୍ୟୟ ଘଟିଛି କିସ୍ତଓ୍ୱାଡ ଜିଲ୍ଲାର ପଡ୍‌ଦର ସବ-ଡିଭିଜନରେ।ପଡ୍‌ଦରର ଚିଶୋଟି ଗାଁର ମଚୈଲ ମାତା ମନ୍ଦିର ନିକଟରେ ବାଦଲଫଟା ବର୍ଷା ପାଇଁ ବନ୍ୟା ଆସିବାରୁ ପାଇଁ ସେଠାରେ ଏକତ୍ରିତ ହୋଇଥିବା ଅନେକ ଶ୍ରଦ୍ଧାଳୁ ଭାସିଯାଇଛନ୍ତି। କିସ୍ତଓ୍ୱାଡ ସହିତ, କଶ୍ମୀରର ରଜୌରୀ ଏବଂ ମେଣ୍ଢରରେ ମଧ୍ୟ ବାଦଲଫଟା ବର୍ଷା ହୋଇଥିବା ଜଣାଯାଇଛି। କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂହ କହିଛନ୍ତି ଯେ, ଚିଶୋଟିରେ ଘଟିଥିବା ଏହି ଘଟଣାରେ ବହୁତ ଜୀବନହାନି ହୋଇଥିବା ନେଇ ଆଶଙ୍କା କରାଯାଉଛି।୨୦୦ରୁ ଅଧିକ ଲୋକଙ୍କୁ ଉଦ୍ଧାର କରାଯାଇଛି।

କିସ୍ତଓ୍ୱାଡରେ ବର୍ତ୍ତମାନର ପାଗର ସ୍ଥିତି ଏବଂ ଚିଶୋଟିରେ ବାଦଲଫଟା ବର୍ଷା ଯୋଗୁଁ ହୋଇଥିବା ବନ୍ୟାକୁ ଦୃଷ୍ଟିରେ ରଖି, କିସ୍ତଓ୍ୱାଡ ପୁଲିସ ଏବଂ ଜିଲ୍ଲା ପ୍ରଶାସନ ସମଗ୍ର ଜିଲ୍ଲାରେ ନିୟନ୍ତ୍ରଣ କକ୍ଷ ଏବଂ ସହାୟତା ଡେସ୍କକୁ ସକ୍ରିୟ କରିଛନ୍ତିୟ ସମସ୍ତ ଉପଖଣ୍ଡକୁ ହାଇ ଆଲର୍ଟରେ ରଖାଯାଇଛି।ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ସ୍ୱତନ୍ତ୍ର ପୁଲିସ ଦଳ ନିୟୋଜିତ କରାଯାଇଛି, ଯେଉଁମାନେ ଏହି ପରିସ୍ଥିତି ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ।

ଚନା ମିଳିଛି ଯେ, ଧାର୍ମିକ ତୀର୍ଥଯାତ୍ରା ପାଇଁ ଲୋକମାନେ ଘଟଣା ଘଟିଥିବା ସ୍ଥାନରେ ଏକାଠି ହୋଇଥିଲେ। ସେଠାରେ ପୂଜାର୍ଚ୍ଚନା ପାଇଁ ତମ୍ବୁ ଲଗାଯାଇଥିଲା ଏବଂ ଭକ୍ତମାନଙ୍କ ରହିବା ପାଇଁ ବ୍ୟବସ୍ଥା କରାଯାଇଥିଲାୟ ଭକ୍ତମାନେ ପହଞ୍ଚି ପୂଜା ପାଇଁ ପ୍ରସ୍ତୁତି କରୁଥିବା ବେଳେ ହଠାତ ମାଡ଼ିଆସିଥିଲା ପ୍ରଳୟଙ୍କାରୀ ବନ୍ୟାୟ ହଠାତ୍ ଉପରମୁଣ୍ଡରେ ବାଦଲଫଟା ବର୍ଷା ହେବାରୁ ପାଣି ପ୍ରଖର ବେଗରେ ତଳକୁ ଆସିଥିଲା। ଲୋକଙ୍କ ପାଖରେ ଏହାର କେଣସି ସୂଚନା ନଥିବାରୁ ସେମାନେ ସଚେତନ ହୋଇପାରିନଥିଲେ, ଯାହାଫଳରେ ଏକାଧିକ ଲୋକ ପାଣିସ୍ରୋତରେ ଭାସିଯାଇଥିବା ଜଣାଯାଇଛି।

DADLS-42



ପବିତ୍ର ସ୍ୱାଧୀନତା ଦିବସ - ୨୦୨୫ ଅବସରରେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ସ୍ୱାଧୀନତା ଦିବସ ଅବସରରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।
ଓଡ଼ିଶାକୁ ଦେଶର ଏକ ବିକଶିତ ଓ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତେ ମିଳିମିଶି ନିଷ୍ଠାପର ଭାବେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି।

(ହରି ବାବୁ କମ୍ଭମ୍ପାଟି)

OIPR-15001/13/0952/2526



୭୯ତମ ସ୍ୱାଧୀନତା ଦିବସ
ଅବସରରେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ପବିତ୍ର ସ୍ୱାଧୀନତା ଦିବସ ଅବସରରେ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି।
ଆସନ୍ତୁ, ସମୃଦ୍ଧ ଓଡ଼ିଶା ଏବଂ ବିକଶିତ ଭାରତ ଗଠନ ଲକ୍ଷ୍ୟ ସହିତ ରାଜ୍ୟ ଓ ଦେଶର ସାମଗ୍ରିକ ବିକାଶ ଦିଗରେ ସମସ୍ତେ ସଂକଳ୍ପବଦ୍ଧ ହୋଇ କାମ କରିବା।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ଦେଶରେ ଉତ୍ପାଦନ

ଅତ୍ୟାଧୁନୀକ ଗନଠାରୁ ଆରମ୍ଭ କରୁ ସୁପରସୋନିକ ମିଶାଇଲ ପର୍ଯ୍ୟନ୍ତ ଅନେକ ୱିପନ ସିଷ୍ଟମ ରହିଛି । ଏହା ଉଭୟ ସ୍ଥଳସେନା ଏବଂ ନୌସେନାରେ ବ୍ୟବହୃତ ହେବ । ଏହା ଫଳରେ ଭାରତୀୟ ସେନା କେବଳ ସଶକ୍ତ ହେବ ନାହିଁ, ଦେଶର ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ ଶିଳ୍ପ ମଧ୍ୟ ସମୃଦ୍ଧ ହେବ । କାରଣ ପ୍ରସ୍ତାବିତ ୭୦ ହଜାର କୋଟି ଟଙ୍କାର ପ୍ରତିରକ୍ଷା ସାମଗ୍ରୀ ମଧ୍ୟରୁ ୯୫ ପ୍ରତିଶତ ସ୍ୱଦେଶୀ ସଂସ୍ଥାରୁ କ୍ରୟ କରାଯିବ । ଏହାକୁ ମିଶାଇ ଚଳିତ ଆର୍ଥିକ ବର୍ଷରେ ଅନୁମୋଦିତ ପ୍ରତିରକ୍ଷା ସାମଗ୍ରୀ କ୍ରୟ ପରିମାଣ ୨ ଲକ୍ଷ କୋଟି ଟଙ୍କାକୁ ଟପିଛି । ସ୍ୱଦେଶୀ ସାମଗ୍ରୀ କ୍ରୟ ଫଳରେ ପ୍ରତିରକ୍ଷା ସାମଗ୍ରୀ ଆମଦାନୀ ବାବଦ ବ୍ୟୟ ହ୍ରାସ ପାଇବା ସହିତ ଭାରତ ଏହାକୁ ରପ୍ତାନୀ କରି ବିପୁଳ ବୈଦେଶିକ ମୁଦ୍ରା ଅର୍ଜନ କରିପାରିବ । ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନରେ ସ୍ୱାବଲମ୍ବୀ ହେବା ଏକ ବହୁତ ବଡ଼ ସଫଳତା । ଏହା ଦ୍ୱାରା ସୁରକ୍ଷା ବ୍ୟବସ୍ଥା କେବଳ ସୁଦୃଢ଼ ହେବ ନି, ପ୍ରତିରକ୍ଷା ଶିଳ୍ପ ମଧ୍ୟ ସମୃଦ୍ଧ ହୋଇପାରିବ । ଭାରତ ଚାରିପଟେ ଚୀନ ଓ ପାକିସ୍ତାନ ଭଳି ଶକ୍ତିଶାଳୀ ଶତ୍ରୁ ରହିଛନ୍ତି । ସେମାନଙ୍କ ସହିତ ଭାରତର ଯୁଦ୍ଧ ସମ୍ଭାବନା ସବୁ ବେଳେ ରହିଛି । ତେଣୁ ଭାରତକୁ ସବୁ ବେଳେ ବିପୁଳ ଅର୍ଥ ପ୍ରତିରକ୍ଷା ବ୍ୟବସ୍ଥା ଲାଗି ବ୍ୟୟ କରିବାକୁ ପଡୁଛି । କିନ୍ତୁ ବିଦେଶରୁ ଲଢୁଆ ବିମାନ, ସବମେରିନ ଓ ମିସାଇଲ ସିଷ୍ଟମ ଆଣି ଭାରତ ଶକ୍ତିଶାଳୀ ଚୀନର ମୁକାବିଲା କରିପାରିବ ନାହିଁ । ଏଥିଲାଗି ଭାରତକୁ ଆତ୍ମନିର୍ଭରଶୀଳ ହେବାକୁ ପଡ଼ିବ । ନିଜକୁ ଅସ୍ତ୍ରଶସ୍ତ୍ର, ଟ୍ୟାଙ୍କ, ସବମେରିନ ଓ ଲଢୁଆ ବିମାନ ପ୍ରସ୍ତୁତ କରିବାକୁ ପଡ଼ିବ । ଏହା ଦ୍ୱାରା ଆମେ ବିଦେଶକୁ ଏହା ରପ୍ତାନୀ କରି ବିପୁଳ ବୈଦେଶିକ ମୁଦ୍ରା ଅର୍ଜନ କରିପାରିବା, ସାମରିକ କ୍ଷେତ୍ରରେ ଶକ୍ତିଶାଳୀ ହୋଇପାରିବା ଏବଂ ଚୀନ ଓ ପାକିସ୍ତାନର ମିଳିତ ମୁକାବିଲା କରିପାରିବା । ୨୦୧୪ରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ରରେ ଏନଡିଏ ସରକାର ଆସିବା ପରେ ପ୍ରତିରକ୍ଷା କ୍ଷେତ୍ରରେ ସ୍ୱାବଲମ୍ବୀ ହେବାକୁ ଭାରତ ପ୍ରୟାସ କରିଆସୁଛି । ଅତ୍ୟାଧୁନୀକ ଅସ୍ତ୍ରଶସ୍ତ୍ର, ଟ୍ୟାଙ୍କ ଓ କ୍ଷେପଣାସ୍ତ୍ର ପ୍ରସ୍ତୁତ ହେଉଛି । ଏହାକୁ ଆହୁରି ତ୍ୱରାନ୍ୱିତ କରିବାକୁ ପଡ଼ିବ । ଆଗାମୀ ୫ ବର୍ଷ ଭିତରେ ଭାରତ ସରକାର ୫ଲକ୍ଷ କୋଟି ଟଙ୍କାର ସ୍ୱଦେଶୀ ପ୍ରତିରକ୍ଷା ସାମଗ୍ରୀ କ୍ରୟ କରିବାକୁ ଯୋଜନା କରିଛନ୍ତି । ଏହା ମେକ ଇନ ଇଣ୍ଡିଆ ଅଭିଯାନର ଏକ ମାଇଲଖୁଣ୍ଟ ହେବ । ଏହା ଦ୍ୱାରା ଭାରତର ପ୍ରତିରକ୍ଷା ଶିଳ୍ପ ସମୃଦ୍ଧ ହେବା ସହିତ ଅନେକ ବ୍ୟକ୍ତି ନିଯୁକ୍ତି ସୁଯୋଗ ପାଇବେ ଏବଂ ଭାରତକୁ ଆଉ ଅସ୍ତ୍ରଶସ୍ତ୍ର ଲାଗି ଆମେରିକା ବା ରଷିଆ ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ । ସେହିପରି ୭୦ ପ୍ରତିଶତ ସ୍ୱଦେଶୀ ଜ୍ଞାନ କୌଶଳରେ ଆଇଏନଏସ ବିକ୍ରାନ୍ତ ପ୍ରସ୍ତୁତ ହୋଇଛି । ଏହା ପ୍ରତିରକ୍ଷା କ୍ଷେତ୍ରରେ ଭାରତର ଆତ୍ମନିର୍ଭରଶୀଳତାର ଏକ ମାଇଲଖୁଣ୍ଟ । ଯଦି ଏହି ପ୍ରକ୍ରିୟା ଜାରି ରହେ ତେବେ ଆଗାମୀ ୨୦ ବର୍ଷ ଭିତରେ ଭାରତ ସାମରିକ ଦୃଷ୍ଟିରୁ ଏକ ବିରାଟ ଶକ୍ତିଭାବେ ଉଭା ହେବ, ଏଥିରେ ସନ୍ଦେହ ନାହିଁ । କେବଳ ପ୍ରତିରକ୍ଷା କ୍ଷେତ୍ରରେ ନୁହେଁ, ସବୁ କ୍ଷେତ୍ରରେ ଭାରତ ଆତ୍ମନିର୍ଭରଶୀଳ ହେବା ଉଚିତ । ବିଶେଷ କରି କୃଷି କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ନିହାତି ଅପରିହାର୍ଯ୍ୟ ହୋଇପଡ଼ିଛି । ଏଥିପାଇଁ ସୁଯୋଗ ରହିଛି । କିନ୍ତୁ ଉଦ୍ୟମ ନାହିଁ । ଯଦି ଏବେଠାରୁ ଏଥିପାଇଁ ଯୋଜନାବଦ୍ଧ ଉଦ୍ୟମ କରାଯାଏ ତେବେ ଏହାର ସୁଫଳ ମିଳିବାକୁ ୧୦ ବର୍ଷ ଲାଗିଯିବ ।

# ଭାରତୀୟ ମୁକ୍ତି ସଂଗ୍ରାମର ବୀରାଙ୍ଗନା

“ କ୍ୟାପଟେନ୍ ଲକ୍ଷ୍ମୀ ସେହଗାଲ : ୧୯୧୪ ଅକ୍ଟୋବର ୧୪ରେ ମାଡ୍ରାସ କ୍ୟାପଟେଡ଼ ଲକ୍ଷ୍ମୀ ସେହଗାଲ ଭୂମିଷ୍ଠ ହୋଇଥିଲେ । ସେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିଷ୍ଠିତ ଆଜାଦ ହିନ୍ଦ ଫୌଜରେ ଅଧିକାରୀ ଥିଲେ । ନେତାଜୀଙ୍କ ଆଜାଦ ହିନ୍ଦ ସରକାରରେ ଲକ୍ଷ୍ମୀ ମହିଳା ମାମଲାର ମନ୍ତ୍ରୀ ଥିଲେ । ୧୯୪୨ ଦ୍ବିତୀୟ ମହାସମର ସମୟରେ ବ୍ରିଟିଶ ସରକାର ଠାରୁ ଜାପାନ ସିଙ୍ଗାପୁର ଅଧିକାର କରିନେଲା । ବ୍ରିଟିଶ ସେନାରେ ଯୋଗ ଦେଇଥିବା ଭାରତୀୟ ଯବାନଙ୍କ ମନରେ ଭାରତ ପ୍ରତି ମମତା ଜାଗିଲା । ଭାରତକୁ ସ୍ୱାଧୀନତା ପ୍ରଦାନ କରାଇବା ପାଇଁ ସେମାନେ ସଂକଳ୍ପବଦ୍ଧ ହେଲେ । ୧୯୪୩ ଜୁଲାଇ ୨ରେ ସୁଭାଷ ଚନ୍ଦ୍ର ବୋଷ ସିଙ୍ଗାପୁରରେ ପହଞ୍ଚିଲେ ।


॥ ଡକ୍ଟର ତପନ କୁମାର ପାଳ ॥


ରାଣୀ ଚେନାମ୍ମା : ୧୮୨୪ରେ କିତ୍ତୁର (କର୍ଣ୍ଣାଟକ) ରାଣୀ ଚେନାମ୍ମା ଇଂରେଜ ଜାତିକୁ ତଡ଼ିବା ପାଇଁ ବିଦେଶୀମାନେ ଭାରତ ଛାଡ଼ ବିଗୁଲ ବଜାଇଥିଲେ । ୧୮୫୭ ସ୍ୱାଧୀନତା ସଂଗ୍ରାମର ୩୩ବର୍ଷ ପୂର୍ବରୁ ଚେନାମ୍ମା ଇଂରେଜମାନଙ୍କ ବିରୋଧରେ ସଶସ୍ତ୍ର ବିଦ୍ରୋହ କରିଥିଲେ । ଯୁଦ୍ଧ କ୍ଷେତ୍ରରେ ରଣଚଣ୍ଡୀ ରୂପ ଧରି ରାଣୀ ଚେନାମ୍ମା ଇଂରେଜ ସୈନିକଙ୍କ ନାକରେ ପାଣି ପିଆଇ ଦେଇଥିଲେ । ଯୁଦ୍ଧ କରୁ କରୁ ଚେନାମ୍ମା ବୀରଗତି ଲାଭ କରିଥିଲେ ।

ରାଣୀ ଲକ୍ଷ୍ମୀବାଇ : ୧୮୩୫ ନଭେମ୍ବରରେ ବନାରସ ନିବାସୀ ମୋରୋପନ୍ତ ତାମ୍ବେଙ୍କ ଘରେ ଲକ୍ଷ୍ମୀବାଇ ଜନ୍ମ ନେଇଥିଲେ । ତାଙ୍କ ପିଲା ଦିନଟି କାନପୁରର ବିଠୁରରେ ନାନା ସାହେବଙ୍କ ସହ କଟିଥିଲା । ୧୮୫୫ରେ ଘୋଡ଼ାସବାରୀ ଓ ତରବାରୀ ଚାଳନାରେ ଅପରାଜେୟ ଲକ୍ଷ୍ମୀବାଇଙ୍କ ସ୍ୱାମୀ ରାଜା ଗଙ୍ଗାଧର ରାଓଙ୍କ ମୃତ୍ୟୁ ହେଲା । ଇଂରେଜ ଶାସକ ତାଙ୍କ ପାଳିତ ପୁତ୍ରକୁ ରାଜା ରୂପେ ସ୍ୱୀକାର କରିବା ପାଇଁ ପ୍ରସ୍ତୁତ ନଥିଲେ । ଫଳରେ ରାଣୀ ଲକ୍ଷ୍ମୀବାଇ ପ୍ରବଳ ପରାକ୍ରମ ସହ ଯୁଦ୍ଧ କରି ଇଂରେଜ ସେନାକୁ ଝାନ୍ସୀରୁ ତଡ଼ି ଦେଲେ । ତାନ୍ତିଆ ଟୋପେ ସାହାଯ୍ୟରେ ଗୋରା ସେନାକୁ ଗୋଆଲିୟରରୁ ତଡ଼ିବାରେ ସଫଳ ହେଲେ । ହେଲେ ଭାଗ୍ୟ ଦେବୀଙ୍କ ବିପର୍ଯ୍ୟୟର ଶିକାର ହୋଇ ପରବର୍ତ୍ତୀ ଯୁଦ୍ଧରେ ମୃତ୍ୟୁବରଣ କଲେ ।

ରାଣୀ ଅବନ୍ତୀବାଇ : ମଧ୍ୟପ୍ରଦେଶର ରାମଗଡ଼ରେ ରାଣୀ ଅବନ୍ତୀ ବାଇଙ୍କ ଜନ୍ମ ୧୮୩୧ ଜୁଲାଇ ୧୬ ତାରିଖରେ ହୋଇଥିଲା । ରାମଗଡ଼ ଶାସକ ବିକ୍ରମାଦିତ୍ୟ ସିଂହଙ୍କ ମୃତ୍ୟୁପରେ ଇଂରେଜ ସରକାର ତାଙ୍କ ରାଜ୍ୟକୁ ଦଖଲ କଲା । ୧୮୫୭ ସଂଗ୍ରାମ ସମୟରେ ରାଣୀ ଅବନ୍ତୀ ବାଇ ଇଂରେଜ ସରକାରଠୁ ଦେଶ ହାସଲ ପାଇଁ ଶପଥ ନେଇ ପରବର୍ତ୍ତୀ ସମୟରେ ଯୁଦ୍ଧକରି ବରଂ ନିଜ ଜୀବନ ହାରିବାକୁ ଶ୍ରେୟସ୍କର ମନେ କରିଥିଲେ ।

ବେଗମ୍ ହଜରତ୍ ମହଲ : ୧୮୫୭ ସ୍ୱାଧୀନତା ସଂଗ୍ରାମ ଅମଳରେ ଲକ୍ଷ୍ନୌ ବିଦ୍ରୋହର ନେତୃତ୍ୱ ନେଇଥିଲେ ବେଗମ୍ ହଜରତ ମହଲ । ନାବାଳକ ପୁଅ ବିରଜିସ କାଦରକୁ ସିଂହାସନରେ ବସାଇ ଇଂରେଜ ସରକାର ବିରୋଧରେ ଲଢ଼ାଇ କରିଥିଲେ । ତାଙ୍କ ନେତୃତ୍ୱରେ ଅଓଧ ଜମିଦାର, କୃଷକ ଓ ସୈନିକମାନେ ପ୍ରାଣମୂର୍ଚ୍ଛା ଯୁଦ୍ଧ କରିଥିଲେ । ନିଜେ ହଜରତ ବେଗମ ହାତୀ ପିଠିରେ ବସି ଦିନରାତି ଯୁଦ୍ଧ କରି ବୀରଗତି ଲାଭ କଲେ ।

ସରୋଜିନୀ ନାଇଡୁ : ୧୮୭୯ ଫେବୃୟାରୀ ୧୩ରେ ହାଇଦ୍ରାବାଦରେ ସରୋଜିନୀ ନାଇଡୁ ଜନ୍ମ ଲାଭ କରିଥିଲେ । ମାତ୍ର ୧୩ ବର୍ଷ ବୟସରେ ସରୋଜିନୀ ୧୩୦୦ ପଦବିଶିଷ୍ଟ ‘ଝରଣାର ପାଣି’ ନାମକ କବିତା ଓ ୨୦୦୦ ବାକ୍ୟବିଶିଷ୍ଟ ନାଟକ ଲେଖି ଇଂରେଜ ଭାଷାରେ ତାଙ୍କ ଦକ୍ଷତା ସାବ୍ୟସ୍ତ କରିଥିଲେ । ଇଂଲଣ୍ଡରେ ଥିବାବେଳେ ଡାକ୍ତର ଗୋବିନ୍ଦ ନାଇଡୁଙ୍କ ସହ ତାଙ୍କର ସାକ୍ଷାତ ହେଲା । ପଢ଼ା ଶେଷ ପରେ ମାତ୍ର ୧୯ବର୍ଷ ବୟସରେ ସେ ଗୋବିନ୍ଦ ନାଇଡୁଙ୍କୁ ବିବାହ କଲେ । ୧୯୪୨ରେ ଭାରତ ଛାଡ଼ ଆନ୍ଦୋଳନରେ ସାମିଲ ହୋଇ ସେ ମହାତ୍ମାଗାନ୍ଧୀଙ୍କ ସହ ଜେଲରେ ପ୍ରାୟ ୨୧ ମାସ ରହିଥିଲେ । ଭାରତ ସ୍ୱାଧୀନତା ଲାଭ ପରେ ତାଙ୍କୁ ଉତ୍ତରପ୍ରଦେଶ ରାଜ୍ୟପାଳ ରୂପେ ନିଯୁକ୍ତି ଦିଆଗଲା । ସେ ସ୍ୱାଧୀନ ଭାରତର ପ୍ରଥମ ମହିଳା ରାଜ୍ୟପାଳ ଥିଲେ ।

ପ୍ରୀତିଲତା ୱାଦେଦର : ୧୯୧୧ ମେ’ ୫ରେ ଚଟଗାଁର ଘୋଲାଘାଟରେ ପ୍ରୀତିଲତା ଜନ୍ମ ଲଭା କରିଥିଲେ । ତାଙ୍କ ବାପା ଜଗବନ୍ଧୁ ୱାଦେଦର ଚଟଗାଁ ନଗରପାଳିକାରେ କିରାଣୀ ଥିଲେ । ତାଙ୍କ ମା’ ପ୍ରତିଭା ୱାଦେଦର ସ୍ଥାନୀୟ ବିପ୍ଳବୀଙ୍କୁ ଆଶ୍ରୟ ଦେଉଥିଲେ । ୧୯୩୨ ସେପ୍ଟେମ୍ବର ୨୩ରେ ପ୍ରୀତିଲତା ସାଥିମାନଙ୍କ ସହ ମିଶି ୟୁରୋପୀୟ କ୍ଲବ ଉପରେ ଆକ୍ରମଣ କଲେ ଓ ଗିରଫଦାରୀରୁ ଉଦ୍ଧରିବା ପାଇଁ ଆତ୍ମହତ୍ୟା ରାସ୍ତା ବାଛିନେଲେ ।

ମାତଙ୍ଗିନୀ ହାଜରା : ୧୮୭୦ ଅକ୍ଟୋବର ୧୯ରେ ପଶ୍ଚିମବଙ୍ଗରେ ମାତଙ୍ଗିନୀ ହାଜରା ଜନ୍ମ ଲାଭ କରିଥିଲେ । ସେ ବିଧବା ଥିଲେ, କିନ୍ତୁ ତାଙ୍କ ଅଦମ୍ୟ ସାହସ ନିକଟରେ ଯୁବକମାନେ ବି ଫିକା ପଡ଼ିଯାଉଥିଲେ । ୧୯୩୨ରେ ତାଙ୍କ ଗାଁରୁ ଗୋଟିଏ ଶୋଭାଯାତ୍ରା ବାହାରିଲା ଯେଉଁଥିରେ କେହି ମହିଳା ନଥିଲେ । ଏକମାତ୍ର ମାତଙ୍ଗିନୀ ସେଥିରେ ଯୋଗ ଦେଇ ସାହସିକତାର ପରିଚୟ ଦେଲେ । ମହାତ୍ମା ଗାନ୍ଧୀଙ୍କ ଲବଣ ସତ୍ୟାଗ୍ରହରେ ମାତଙ୍ଗିନୀ ଯୋଗ ଦେଲେ । ଲବଣ ସତ୍ୟାଗ୍ରହରେ ବହୁ ଲୋକ ଗିରଫ ହେଲେ । ମାତଙ୍ଗିନୀଙ୍କ ବୃଦ୍ଧାବସ୍ଥା ପ୍ରତି ଦୟା ବହି ପୁଲିସ ତାଙ୍କୁ ଗିରଫ କଲାନାହିଁ । ପରବର୍ତ୍ତୀ ସମୟରେ ବ୍ରିଟିଶ ଫଉଜଙ୍କ ଗୁଳିରେ ତାଙ୍କ ଜୀବନ ଦୀପ ନିର୍ବାପିତ ହୋଇଥିଲା ।

କସ୍ତୁରବା ଗାନ୍ଧୀ : ୧୮୬୯ ଅପ୍ରେଲ ୧୧ରେ କସ୍ତୁରବା ଜନ୍ମ ଲାଭ କରିଥିଲେ । ମହାତ୍ମା ଗାନ୍ଧୀଙ୍କ ସ୍ତ୍ରୀ କସ୍ତୁରବା ଭାରତରେ ବା’ ନାମରେ ପରିଚିତା । ମାତ୍ର ୧୩ବର୍ଷ ବୟସରେ ସେ ମହାତ୍ମା ଗାନ୍ଧୀଙ୍କୁ ବିବାହ କଲେ । ଦକ୍ଷିଣ ଆଫ୍ରିକା ରହଣି ସମୟରେ କଳାଗୋରା ଭେଦଭାବ ନୀତି ବିରୋଧରେ ତାଙ୍କୁ ଅନେକ ବାର ଜେଲ କାଟିବାକୁ ପଡ଼ିଥିଲା । ସେ ବାପୁଙ୍କ ସହ ପାଦରେ ପାଦ ମିଳାଇ ଚାଲିଥିଲେ । ୧୯୪୨ରେ ବାପୁ ଗିରଫ ହେବା ପରେ ସେ ବମ୍ବେସ୍ଥିତ ଶିବାଜୀ ପାର୍କରେ ହେବାକୁ ଥିବା ସାଧାରଣ ସଭାରେ ଭାଷଣ ଦେବାକୁ ନିଷ୍ପତ୍ତି ନେଲେ । ପାର୍କ ଫାଟକ ନିକଟରେ ପହଞ୍ଚିବା ମାତ୍ରେ ତାଙ୍କୁ ପୁଲିସ ଗିରଫ କଲା । ତାଙ୍କୁ ପୁଣେର ଆଗା ଖାଁ ପ୍ରାସାଦକୁ ପଠାଇ ଦିଆଗଲା । ବଞ୍ଚିଥିବା ପର୍ଯ୍ୟନ୍ତ କସ୍ତୁରବା ମୁକ୍ତି ସଂଗ୍ରାମ ଜାରି ରଖିଥିଲେ ।

କଳ୍ପନା ଦତ୍ତ : ୧୯୩୧ ଜୁଲାଇ ୨୭ରେ ଜନ୍ମିତ ବିପ୍ଳବିଣୀ କଳ୍ପନା ଦତ୍ତ ବିପ୍ଳବୀ ସୂର୍ଯ୍ୟସେନଙ୍କ ସହ ସମ୍ପର୍କ ରକ୍ଷା କରିଥିଲେ । ସେ ଛଦ୍ମବେଶରେ ବିପ୍ଳବୀଙ୍କ ନିକଟରେ ଅସ୍ତ୍ରଶସ୍ତ୍ର ପହଞ୍ଚାଇବା କାମ କରୁଥିଲେ । ୧୯୩୩ରେ ବିପ୍ଳବୀ ଓ ପୁଲିସଙ୍କ ଭିତରେ ସଶସ୍ତ୍ର ଲଢ଼େଇ ହେଲା । ସୂର୍ଯ୍ୟସେନ୍ ତଥା ତାଙ୍କ ସାଥିମାନଙ୍କୁ ପୁଲିସ ଗରିଫ କଲା । କଳ୍ପନା ମଧ୍ୟ ପୁଲିସ ହାତରେ ଧରାପଡ଼ିଲେ । ସେମାନଙ୍କ ବିଚାର ଚାଲିଲା । ୧୯୩୪ ଫେବୃୟାରୀରେ ସୂର୍ଯ୍ୟ ସେନ୍ ଓ ତାରକେଶ୍ୱରଙ୍କୁ ଅଦାଲତ ଫାଶୀ ଦଣ୍ଡାଦେଶ ଦେଲେ । ୨୧ ବର୍ଷୀୟା କଳ୍ପନାଙ୍କୁ ଆଜୀବନ କାରା ଦଣ୍ଡାଦେଶ ମିଳିଲା । ଅବଶ୍ୟ ରାଷ୍ଟ୍ରପିତା ଓ ରବୀନ୍ଦ୍ରନାଥ ଟାଗୋରଙ୍କ ଉଦ୍ୟମ ଫଳରେ ତାଙ୍କୁ ଜେଲରୁ ମୁକ୍ତି ମିଳିଥିଲା ।

କ୍ୟାପଟେନ୍ ଲକ୍ଷ୍ମୀ ସେହଗାଲ : ୧୯୧୪ ଅକ୍ଟୋବର ୧୪ରେ ମାଡ୍ରାସ କ୍ୟାପଟେଡ଼ ଲକ୍ଷ୍ମୀ ସେହଗାଲ ଭୂମିଷ୍ଠ ହୋଇଥିଲେ । ସେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିଷ୍ଠିତ ଆଜାଦ ହିନ୍ଦ ଫୌଜରେ ଅଧିକାରୀ ଥିଲେ । ନେତାଜୀଙ୍କ ଆଜାଦ ହିନ୍ଦ ସରକାରରେ ଲକ୍ଷ୍ମୀ ମହିଳା ମାମଲାର ମନ୍ତ୍ରୀ ଥିଲେ । ୧୯୪୨ ଦ୍ୱିତୀୟ ମହାସମର ସମୟରେ ବ୍ରିଟିଶ ସରକାର ଠାରୁ ଜାପାନ ସିଙ୍ଗାପୁର ଅଧିକାର କରିନେଲା । ବ୍ରିଟିଶ ସେନାରେ ଯୋଗ ଦେଇଥିବା ଭାରତୀୟ ଯବାନଙ୍କ ମନରେ ଭାରତ ପ୍ରତି ମମତା ଜାଗିଲା । ଭାରତକୁ ସ୍ୱାଧୀନତା ପ୍ରଦାନ କରାଇବା ପାଇଁ ସେମାନେ ସଂକଳ୍ପବଦ୍ଧ ହେଲେ । ୧୯୪୩ ଜୁଲାଇ ୨ରେ ସୁଭାଷ ଚନ୍ଦ୍ର ବୋଷ ସିଙ୍ଗାପୁରରେ ପହଞ୍ଚିଲେ । ସୁଭାଷଙ୍କ ଚିନ୍ତାଧାରା ଲକ୍ଷ୍ମୀ ପ୍ରଭାବିତ ହେଲେ । ଲକ୍ଷ୍ମୀଙ୍କ ଭିତରେ ଦେଶପ୍ରେମ ଦେଖି ସୁଭାଷ ତାଙ୍କ ନେତୃତ୍ୱରେ ରାଣୀ ଲକ୍ଷ୍ମୀବାଈ ରେଜିମେଣ୍ଟ ଗଠନ କଲେ । ଭାରତ ମାତା ପାଇଁ ଜୀବନ ଦେବାକୁ ପ୍ରସ୍ତୁତ ବୀର ମହିଳାମାନଙ୍କୁ ନେଇ ରେଜିମେଣ୍ଟ ଗଠିତ ହେଲା । ୧୯୪୩ ଅକ୍ଟୋବର ୨୨ରେ ରାଣୀ ଲକ୍ଷ୍ମୀବାଈ ରେଜିମେଣ୍ଟର କ୍ୟାପଟେନ୍ ଦାୟିତ୍ୱ ସମ୍ଭାଳିଲେ ଲକ୍ଷ୍ମୀ ସେହଗାଲ । ପ୍ରାୟ ୫୦୦ ମହିଳାଙ୍କୁ ଲକ୍ଷ୍ମୀ ସେହଗାଲ ସେନାରେ ସାମିଲ କରାଇଥିଲେ । ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଜାପାନ ପରାସ୍ତ ହେବା ପରେ ପରେ ବ୍ରିଟିଶ ସେନା ଆଜାଦ ହିନ୍ଦ ଫୌଜ ଯବାନମାନଙ୍କୁ ଗିରଫ କରିନେଲା । ସେହି ଉପକ୍ରମରେ ୧୯୪୬ ମାର୍ଚ୍ଚ ୪ରେ ଲକ୍ଷ୍ମୀ ସେହଗାଲଙ୍କୁ ବ୍ରିଟିଶ ଫଉଜ ଗରିଫ କରି ଭାରତ ଆଣିଲା । ସେତିକିବେଳେ ଭାରତ ସ୍ୱାଧୀନତା ଆନ୍ଦୋଳନ ଚରମ ସୀମାରେ ଥିଲା । ଅଗତ୍ୟା ଲକ୍ଷ୍ମୀ ସେହଗାଲଙ୍କୁ ବ୍ରିଟିଶ ସରକାର ମୁକ୍ତ କରିଦେଲେ ।

ବୀଣା ଦାସ : ୧୯୧୧ ଅଗଷ୍ଟ ୧୧ରେ ରଷିକେଶରେ ଜନ୍ମିତ ବୀଣା ଦାସ ଆରମ୍ଭରୁ ସମାଜ ସେବାରେ ବ୍ରତୀ ଥିଲେ । ସେ ‘ପୂଣ୍ୟାଶ୍ରମ’ ପ୍ରତିଷ୍ଠା କରିଥିଲେ । ଅସହାୟ ମହିଳାଙ୍କ ତାଙ୍କ ସଂସ୍ଥା ଆଶ୍ରୟ ପ୍ରଦାନ କରୁଥିଲା । କଲିକତାର ବେଥୁନ କଲେଜରେ ପଢ଼ିବା ସମୟରୁ ତାଙ୍କ ବୈପ୍ଳବାତ୍ମକ ଚିନ୍ତାଧାରା ପ୍ରକାଶ ପାଇଥିଲା । ୧୯୨୮ ରେ ସାଇମନ କମିଶନ ବିରୋଧରେ ବୀଣା କିଛି ଛାତ୍ରଛାତ୍ରୀଙ୍କ ସହଯୋଗରେ କଲେଜ ଫାଟକ ନିକଟରେ ଧାରଣା ଦେଇଥିଲେ । ପରବର୍ତ୍ତୀ ସମୟରେ ତାଙ୍କୁ ୯ବର୍ଷ କାରାବାସ କରିବାକୁ ପଡ଼ିଲା । ପୁଲିସ ତାଙ୍କୁ ବହୁ ନିର୍ଯାତିତ କଲେ ମଧ୍ୟ ତାଙ୍କ ମୁହଁରୁ ଗୋଟିଏ ବି ସହଯୋଗୀଙ୍କ ନାମ ଶୁଣିବାକୁ ପାଇଲେ ନାହିଁ ।

କନକଲତା ବରୁଆ : ୧୯୨୪-୪୨ ସବୁଠୁ କମ୍ ବୟସର ବୀରାଙ୍ଗନା ଭାବେ ପରିଚିତ କନକଲତା ବରୁଆଙ୍କ ସାହସିକତାର କାହାଣୀ ଶୁଣିଲେ, ଅନେକଙ୍କ ଲୋମ ଟାଙ୍କୁରି ଉଠେ । ୧୯୩୧ ଗୈୟତ ଅଧିବେଶନରେ ଭାଗ ନେଇଥିବା ଲୋକମାନଙ୍କୁ ରାଷ୍ଟ୍ରଦ୍ରୋହ ଅପରାଧରେ ପୁଲିସ ଗିରଫ କଲା । ପରବର୍ତ୍ତୀ ମାତ୍ର ଅଠର ବର୍ଷ ବୟସରେ ସେ ଲଢ଼େଇ କରୁଥିବା ଅବସ୍ଥାରେ ହିଁ ପ୍ରାଣବଳୀ ଦେଇଥିଲେ ।

ନେଲୀ ସେନ୍‌ଗୁପ୍ତା (୧୮୮୬-୧୯୭୩) : ୧୮୮୬ ଜାନୁୟାରୀ ୧୨ରେ କଲିକତାରେ ଜନ୍ମିତ ନେଲୀ ସେନଗୁପ୍ତା ମହାତ୍ମା ଗାନ୍ଧୀଙ୍କ ଅସହଯୋଗ ଆନ୍ଦୋଳନରେ ସାମିଲ ନେଇଥିବା ଯତିନ୍ଦ୍ର ମୋହନ ସେନଗୁପ୍ତାଙ୍କ ସ୍ତ୍ରୀ । ସମସ୍ତ ସୁଖ ତ୍ୟାଗ କରି ନେଲୀ ସ୍ୱାମୀଙ୍କ ସହ ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଲେ । ଆସାମ-ବଙ୍ଗଳା ରେଳ ରୋକ ମାମଲାରେ ଯତିନ୍ଦ୍ରଙ୍କୁ ପୁଲିସ ଗିରଫ କରି ଜେଲରେ ଠୁଙ୍କି ଦେଲା । ୧୯୩୩ରେ ନେଲୀ କଲିକତା କଂଗ୍ରେସ ଅଧିବେଶନର ଅଧ୍ୟକ୍ଷତା କଲେ । ପରେ ସେ ଗିରଫ ହୋଇଥିଲେ ।

କମଳାଦେବୀ ଚଟ୍ଟୋପାଧ୍ୟାୟ (୧୯୦୩-୧୯୮୮) : ସ୍ୱାଧୀନତା ସଂଗ୍ରାମୀ କମଳାଦେବୀ ଚଟ୍ଟୋପାଧ୍ୟାୟ ଏକାଧାରରେ ସମାଜ ସୁଧାରକ ଓ ଭାରତୀୟ ହସ୍ତକଳା କ୍ଷେତ୍ରରେ ନବଜାଗରଣ ଆଣିଥିଲେ । ୧୯୦୩ ଅପ୍ରେଲ ୩ରେ କର୍ଣ୍ଣାଟକରେ ଗୋଟିଏ କୁଳୀନ ବ୍ରାହ୍ମଣ ପରିବାରରେ ଜନ୍ମିତ କମଳାଦେବୀ ବାଳିକାବଧୂ ହେଲେ ବି ମହିଳାଙ୍କ ଅଧିକାର ପାଇଁ ଲଢ଼େଇ ଚଳାଥିଲେ । ସେ ମହାତ୍ମା ଗାନ୍ଧି, ଜବାହାରଲାଲ ନେହେରୁ, ମୌଲାନା ଆବୁଲ କାଲାମ ଆଜାଦ, ସରୋଜିନୀ ନାଇଡୁ ଓ କସ୍ତୁରବା ଗାନ୍ଧିଙ୍କ ଆଦର୍ଶରେ ଅନୁପ୍ରାଣିତ ଥିଲେ । ତାଙ୍କୁ ଅନେକବାର ଜେଲ କଟାଇବାକୁ ପଡ଼ିଥିଲା ।

ଇନ୍ଦିରା ଗାନ୍ଧୀ (୧୯୧୭-୧୯୮୪) : ବିଶ୍ୱ ସ୍ତରରେ ଆଇରନ୍ ଲେଡ଼ିଭାବେ ପରିଚିତା ଏକମାତ୍ର ଭାରତୀୟ ମହିଳା ଇନ୍ଦିରା ଗାନ୍ଧୀ ୧୯୧୭ ନଭେମ୍ବର ୧୯ରେ ନେହେରୁ ପରିବାରରେ ଜନ୍ମ ଲାଭ କରିଥିଲେ । ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁଙ୍କ ଏକମାତ୍ର କନ୍ୟା ଇନ୍ଦିରାଙ୍କ ବହୁମୁଖୀ ପ୍ରତିଭା ବିଶ୍ୱ ରାଜନୀତିକୁ ପ୍ରଭାବିତ କରିଥିଲା । ସେତେବେଳେ ଆନନ୍ଦ ଭବନକୁ ସ୍ୱାଧୀନତା ସଂଗ୍ରାମୀଙ୍କ ଆଖଡ଼ା ଶାଳା କୁହାଯାଉଥିଲା । ଭାରତୀୟ ମୁକ୍ତି ସଂଗ୍ରାମ ଠାରୁ ଆରମ୍ଭ କରି ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଆନନ୍ଦ ଭବନରେ ନିଆଯାଉଥିଲା । ଫଳରେ ବାଳିକା ଇନ୍ଦିରାଙ୍କ ଉପରେ ତାହାର ଗଭୀର ପ୍ରଭାବ ପଡ଼ିଲା । ଦେଶବ୍ୟାପୀ ବିଦେଶୀ ବସ୍ତ୍ର ବର୍ଜନ ଆନ୍ଦୋଳନ ଚାଲିଥିଲାବେଳେ ବାଳିକା ଇନ୍ଦିରା ସ୍ୱୟଂ ବିଦେଶୀ ବସ୍ତ୍ରରେ ନିଆଁ ଲଗାଇ ଖଦୀ ବସ୍ତ୍ର ଧାରଣ କଲେ । ମାତ୍ର ୧୩ ବର୍ଷ ବୟସରେ ସେ ବାନର ସେନା ଗଠନ କରି ଆନ୍ଦୋଳନକାରୀଙ୍କୁ ସାହାଯ୍ୟ କରିଥିଲେ । ଆନ୍ଦୋଳନକାରୀଙ୍କ ନିକଟରେ ଗୁପ୍ତ ସୂଚନା ପହଞ୍ଚାଇ ସେ ଗୁରୁ ଦାୟିତ୍ୱ ତୁଲାଉଥିଲେ । ଜିନ୍ନାଙ୍କ ନେତୃତ୍ୱରେ ମୁସଲିମ୍ ଲିଗ୍‌ର ପାକିସ୍ତାନ ଦାବି ଭାରତୀୟ ରାଜନୀତିକୁ ଅଶାନ୍ତ କରୁଥିଲା । ଚାରିଆଡ଼େ ସାମ୍ପ୍ରଦାୟିକ ଦଙ୍ଗା ତେଜି ଉଠୁଥିଲା । ଦିଲ୍ଲୀର କେତେକ ଇଲାକାରେ ଦଙ୍ଗା ନିଆଁ ଜଳୁଥିଲା । ସେତିକିବେଳେ ମହାତ୍ମା ଗାନ୍ଧି ଇନ୍ଦିରାଜୀଙ୍କୁ ଦଙ୍ଗାଗ୍ରସ୍ତ ଅଞ୍ଚଳକୁ ପଠାଇଲେ । ନିର୍ଭୀକ ଇନ୍ଦିରା ଦଙ୍ଗାପ୍ରବଣ ଇଲାକାରେ ପହଞ୍ଚି ଲୋକମାନଙ୍କୁ ବୁଝାଇ ଶାନ୍ତ କରାଇଥିଲେ । ବିଭାଜନ ସମୟରେ ଆନନ୍ଦ ଭବନରେ ବନ୍ଦୋବସ୍ତ ହୋଇଥିବା ଶରଣାର୍ଥୀ ଶିବିରର ଦେଖାଚାଖା ଦାୟିତ୍ୱ ଇନ୍ଦିରାଙ୍କ ଉପରେ ଥିଲା । ୧୯୬୬ରୁ ୧୯୭୭ ଭିତରେ ଇନ୍ଦିରା ତିନିଥର ପ୍ରଧାନମନ୍ତ୍ରୀ ହୋଇଥିଲେ । ପରେ ୧୯୮୦-୮୪ ପର୍ଯ୍ୟନ୍ତ ଚତୁର୍ଥ ଥର ପାଇଁ ପ୍ରଧାନମନ୍ତ୍ରୀ କାର୍ଯ୍ୟ ଭାର ସମ୍ଭାଳିଥିଲେ । ତାଙ୍କ ଶାସନ କାଳରେ ଦେଶର ଆର୍ଥିକ ଅବ୍ୟବସ୍ଥା, ଆଭ୍ୟନ୍ତରୀଣ କନ୍ଦଳ, କଂଗ୍ରେସ ବିଭାଜନ, ଆର୍ଥିକ ସୁଧାର କାର୍ଯ୍ୟକ୍ରମ, ପାକିସ୍ତାନ ସହ ଯୁଦ୍ଧ ପରି ବହୁ ସମସ୍ୟା ମୁଣ୍ଡ ଟେକିଥିଲା । ସବୁ ସମସ୍ୟାକୁ ସାହସର ସହ ମୁକାବିଲା କରି ସେ ଲୌହମାନବୀ ମାନ୍ୟତା ପାଇଥିଲେ ।


ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ କଲୋନୀ, ଦେଉଳ ସାହି, ତୁଳସୀପୁର, କଟକ,
ଦୂରଭାଷ : ୯୯୩୭୬୫୮୩୬୨ / ୭୯୭୮୭୯୬୬୩୩


# ଗାନ୍ଧିଜୀଙ୍କ ଓଡ଼ିଶା ସ୍ମୃତି : ବେରବୋଇରେ ସାତ ଦିନ


॥ ଡ଼ଃ.ଅରୁନ୍ଧତୀ ଦେବୀ ॥


ମହାତ୍ମା ଗାନ୍ଧୀଙ୍କ ଡାକରାରେ ଦେଶର ଅଗଣିତ ଜନତା ଯେତେବେଳେ ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇଥିଲେ ତାହାର ବହୁ ବର୍ଷ ପୂର୍ବରୁ ଓଡ଼ିଶାରେ ଆରମ୍ଭ ହୋଇଥିଲା ଇଂରେଜଙ୍କ ବିରୁଦ୍ଧରେ ସଂଗ୍ରାମ । ଏହି ମୁକ୍ତି ଆନ୍ଦୋଳନରେ ଓଡ଼ିଶାରେ ଅବଦାନ ଥିଲା ଅତି ଗୁରୁତ୍ୱପୂର୍ଣ୍ଣ । ୧୮୧୭ ମସିହାରେ ଭାରତର ପ୍ରଥମ ସ୍ୱାଧୀନତା ଆନ୍ଦୋଳନ ଭାବେ ମୁଣ୍ଡ ଟେକିଥିଲା ଓଡ଼ିଶାର ପାଇକ ବିଦ୍ରୋହ । ଚଳିତ ବର୍ଷ ଭାରତ ୭୮ତମ ସ୍ୱାଧୀନତା ଦିବସ ପାଳନ କରିବାକୁ ଯାଉଥିବାବେଳେ ଇତିମଧ୍ୟରେ ଓଡ଼ିଶାରେ ମହାତ୍ମା ଗାନ୍ଧୀଙ୍କ ପ୍ରଥମ ଆଗମନର ଶହେବର୍ଷ ପୂର୍ତ୍ତି ପାଳିତ ହୋଇସାରିଛି । ଓଡ଼ିଶାକୁ ଗାନ୍ଧିଜୀ ଅନେକ ଭଲ ପାଉଥିଲେ । ଏଠାରେ ତାଙ୍କର ସ୍ମୃତି ଚିରଦିନ ପାଇଁ ସ୍ମରଣୀୟ ହୋଇରହିବ । ଦେଶବାସୀଙ୍କ ସାମାଜିକ ଓ ଅର୍ଥନୈତିକ ସ୍ଥିତିକୁ ପରଖିବା ସହ ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷରେ ଜାତୀୟତା ପ୍ରତି ସୁପ୍ତ ଚେତନାକୁ ଜାଗ୍ରତ କରିବାର ଆଭିମୁଖ୍ୟ ନେଇ ଦେଶର ବିଭିନ୍ନ ଭାଗ ଗସ୍ତ କରିଥିଲେ ମହାତ୍ମା ଗାନ୍ଧୀ । ଓଡ଼ିଶାକୁ ଆସିଥିଲେ ଆଠଥର, ସର୍ବାଧିକ ଦିନ ରହିଥିଲେ ନିଜ ସପ୍ତମ ଗସ୍ତ କାଳରେ ପୁରୀ ଜିଲ୍ଲାର ଡେଲାଙ୍ଗ ନିକଟସ୍ଥ ବେରବୋଇ ଗ୍ରାମରେ । ୧୯୩୮ ମାର୍ଚ୍ଚ ୨୫ରୁ ୩୧ ସେହି ସାତ ଦିନ ରାଜ୍ୟ ଇତିହାସର ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି । କର୍ଣ୍ଣାଟକର ହୁବଲି ଠାରେ ଆୟୋଜିତ ଗାନ୍ଧୀ ସେବା ସଂଘର ତୃତୀୟ ବାର୍ଷିକ ସମ୍ମିଳନୀରେ ଯୋଗ ଦେଇଥିବା ଓଡ଼ିଶାର ପ୍ରତିନିଧି ଗୋପବନ୍ଧୁ ଚୌଧୁରୀ, କୃପାସିନ୍ଧୁ ହୋତା, ଆଚାର୍ଯ୍ୟ ହରିହର, ରମା ଦେବୀଙ୍କ ପ୍ରସ୍ତାବକ୍ରମେ ସ୍ଥିରୀକୃତ ହେଲା ଯେ ଏହାର ଚତୁର୍ଥ ବାର୍ଷିକ ସମ୍ମିଳନୀ ଓଡ଼ିଶାରେ ହିଁ ହେବ । ଶେଷରେ ରାଜ୍ୟର ପ୍ରତିନିଧିମାନେ ବେରବୋଇ ଠାରେ ଚତୁର୍ଥ ସମ୍ମିଳନୀ କରିବା ପାଇଁ ନିଷ୍ପତ୍ତି ନେଲେ । ୧୯୩୮ ମାର୍ଚ୍ଚ ୨୫ରୁ ୩୧ ଯାଏ ବେରବୋଇ ଠାରେ ଏହି ଐତିହାସିକ ଆୟୋଜନ ହୋଇଥିଲା । ଏହି ସମ୍ମିଳନୀକୁ ଗାନ୍ଧୀ ସଭା କୁହାଯାଉଥିଲା । ଗାନ୍ଧୀ ଆଠଥର ଓଡ଼ିଶାକୁ ଆସିଥିଲେ ଏବଂ ସର୍ବାଧିକ ଦିନ ରହିଥିଲେ ନିଜ ସପ୍ତମ ଗସ୍ତ କାଳରେ ବେରବୋଇ ଗ୍ରାମରେ । ଏହି ସମୟରେ ସ୍ଥାନୀୟ ଲୋକମାନଙ୍କ ପ୍ରୟାସରେ ଆୟୋଜନ କରାଯାଇଥିଲା ହସ୍ତଶିଳ୍ପ ଓ ତନ୍ତ ମେଳା । ବେରବୋଇ ସମ୍ମିଳନୀର ଆୟୋଜନ ପାଇଁ ବର୍ଷ ତମାମ ପ୍ରସ୍ତୁତି ଚାଲିଥିଲା । କୃପାସିନ୍ଧୁ ହୋତା, ବିନୋଦ କାନୁନ୍‌ଗୋ, ରମାଦେବୀ, ମନମୋହନ ଚୌଧୁରୀ ପ୍ରମୁଖ ପ୍ରସ୍ତୁତିରେ ଲାଗି ପଡ଼ିଥିଲେ । ଏହି ଅଧିବେଶନରେ ଯୋଗ ଦେବାକୁ ଥିବା ପ୍ରତିନିଧିମାନଙ୍କ ପାଇଁ ସେଠାରେ ରହଣି ଓ ଖାଦ୍ୟପେୟର ବ୍ୟବସ୍ଥା କରାଗଲା । ଏହି ଅଧିବେଶନରେ ୧୦ ମାଇଲ ପରିଧି ଭିତରେ ଚାଷ କରାଯାଇଥିବା ପନିପରିବା ଖାଦ୍ୟ ସାମଗ୍ରୀ ବ୍ୟବହୃତ ହେବ ବୋଲି ନିଷ୍ପତ୍ତି ନିଆଗଲା । ସେଥିପାଇଁ ବିଭିନ୍ନ ଗ୍ରାମକୁ ଯାଇ ଚାଷୀମାନଙ୍କୁ ପନିପରିବା ଚାଷ ଓ ଗୋପାଳନ କରିବାକୁ କୁହାଗଲା । ସେତେବେଳେ ଡେଲାଙ୍ଗ ଷ୍ଟେସନରେ ଏକ୍ସପ୍ରେସ୍ ରହଣିର ସୁବିଧା ନଥିଲା । ମାତ୍ର ଇଂରେଜ ଶାସନାଧୀନ ବେଙ୍ଗଲ-ନାଗପୁର ରେଲୱେ (ବିଏନ୍‌ଆର) ଗାନ୍ଧିଜୀଙ୍କ ସମ୍ମାନାର୍ଥେ ଏହାର ସ୍ୱତନ୍ତ୍ର ବ୍ୟବସ୍ଥା କରାଇଥିଲେ । ୧୯୩୮ ମସିହା ମାର୍ଚ୍ଚ ୨୫ ତାରିଖରେ ସକାଳ ସାତଟାରେ ହାୱଡ଼ା-ପୁରୀ ଟ୍ରେନ୍‌ରେ ଗାନ୍ଧିଜୀ ଆସି ପହଞ୍ଚିଥିଲେ । ରେଳବାଇ କର୍ତ୍ତୃପକ୍ଷ ବେରବୋଇ ଗାଁ ମଝିରେ ଏକ ଅସ୍ଥାୟୀ ରେଳଷ୍ଟେସନ କରିବା ସହ ସେଠାରେ କାଠ ଓ ବାଉଁଶରେ ପାହାଚ ତିଆରି କରିଥିଲେ । ତାଙ୍କ ସାଥିରେ ଥିଲେ ତାଙ୍କ ସହଧର୍ମିଣୀ କସ୍ତୁରବା, ପୁତ୍ର ମଣିଲାଲ, ପୁତ୍ରବଧୂ ସୁଶୀଳା, ନାତି ଅରୁଣ । କଂଗ୍ରେସର ବହୁ ଶୀର୍ଷସ୍ତରୀୟ ନେତା - ଗାନ୍ଧୀ ସେବା ସଂଘର ସଭାପତି କିଶୋରଲାଲ ମସରୁୱାଲା, ଡ.ପ୍ରଫୁଲ୍ଲ ଚନ୍ଦ୍ର ଘୋଷ, ଡ. ରାଜେନ୍ଦ୍ର ପ୍ରସାଦ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ଆଚାର୍ଯ୍ୟ କୃପାଳିନୀ, ଗଙ୍ଗାଧର ରାଓ ଦେଶପାଣ୍ଡେ, ମୌଲାନା ଅବୁଲ କଲାମ ଆଜାଦ, ଗୋବିନ୍ଦ ବଲ୍ଲଭ ଭାଇ, କ୍ଷୀତିଶ ରାୟ ଚୌଧୁରୀ, ହୃଦୟନାଥ କୁଂଜୁର, ଯମୁନାଲାଲ ବଜାଜ୍, ରାମ ରତନ ଶର୍ମା, ଆନ୍ନା ସାହେବ, ସହସ୍ର ବୁଦ୍ଧେ ପ୍ରମୁଖ ଏହି ସମ୍ମିଳନୀରେ ଯୋଗ ଦେଇଥିଲେ । ସମସ୍ତ ନିକଟସ୍ଥ ବ୍ରହ୍ମେଶ୍ୱର ପୋଖରୀରେ ସ୍ନାନ କରିବା ପରେ ଉଦ୍‌ଘାଟନୀ ସଭାରେ ଯୋଗ ଦେଇଥିଲେ । ଗାନ୍ଧୀ ଓ ଅନ୍ୟ ପ୍ରତିନିଧି ମାନଙ୍କ ସାତ ଦିନ (ମାର୍ଚ୍ଚ ୨୫ରୁ ୩୧ ତାରିଖ ପର୍ଯ୍ୟନ୍ତ) ଧରି ରହଣି ପାଇଁ ବ୍ରହ୍ମେଶ୍ୱର ପୋଖରୀ ହୁଡ଼ାରେ ନିର୍ମିତ ଅସ୍ଥାୟୀ ନଡ଼ା ଛପର ଚାଳ ଘରର ବ୍ୟବସ୍ଥା କରାଯାଇଥିଲା । ବେରବୋଇ ସମ୍ମିଳନୀରେ ଶହ ଶହ ପୁରୁଷ ଓ ମହିଳା ଗାନ୍ଧିଜୀଙ୍କ ସାନିଧ ପାଇ ନିଜକୁ ଧନ୍ୟ ମଣିଥିଲେ । ଗାନ୍ଧୀ ସେବା ସଂଘର ଚତୁର୍ଥ ବାର୍ଷିକ ସମ୍ମିଳନୀକୁ ଗାନ୍ଧୀ ଉଦ୍‌ଘାଟନ କରିଥିଲେ ଏବଂ ପତାକା ଉତ୍ତୋଳନ କରିଥିଲେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ । ପ୍ରାୟ ୭୦ ହଜାର ଲୋକ ସଭାରେ ଉପସ୍ଥିତ ଥିଲେ ଏବଂ ସମସ୍ତେ ଏଥିପାଇଁ ଦୁଇ ପଇସା ଲେଖାଏଁ ଦେଇ ଟିକେଟ କିଣିଥିଲେ । ଏହି ଅବସରରେ ଭାଷଣ ଦେଇ ଗାନ୍ଧୀ କହିଥିଲେ ଯେ ଓଡ଼ିଶାର ଦୁଇଟି ଶତ୍ରୁ ହେଲା ନିଶା ଓ ଆଳସ୍ୟପରାୟଣତା । ଏହା ତ୍ୟାଗ କଲେ ଓଡ଼ିଶା ଅଚିରେ ଏକ ଉନ୍ନତ ରାଜ୍ୟ ହୋଇପାରିବ ।

ଆଜି ପବିତ୍ର ୭୮ତମ ସ୍ୱାଧୀନତା ଦିବସ ଅବସରରେ ମନେପଡୁଛି ୧୯୨୮ ମସିହାରେ କଂଗ୍ରେସ ଅଧିବେଶନରେ ଯୋଗ ଦେଇଥିବା ପ୍ରଖ୍ୟାତ ସଂଗ୍ରାମୀ ବାଞ୍ଛାନିଧି ମହାନ୍ତି ଗାଇଥିଲେ - ‘କହ କହ କେଉଁ ଜାତି ପାଇଛି ମୁକତି, କରି ହୁରି ହାରି ଗୁହାରି, କହ ପାଇଛି କିଏ ସୁଖ ଲିଭାଇଛି ଦୁଃଖ, ମାଗି ମାଗି ପଥ ଭିକାରୀ’ । ଏହାସହ ସ୍ୱାଧୀନ ଭାରତକୁ ନେଇ ତାଙ୍କର ହୃଦୟସ୍ପର୍ଶୀ ଗୀତଟି ଥିଲା - ‘ଗାଅ ସ୍ୱାଧୀନ ଭାରତ, ସ୍ୱାଧୀନ ଭାରତ, ସ୍ୱାଧୀନ ସ୍ୱାଧୀନ ସ୍ୱାଧୀନରେ, ଗାଏ ସାଗର ଭୂଧର ଅମ୍ବର ଚୁମ୍ବିତ, ଭାଇ ହିମାଚଳ ଗିରିବର କମ୍ପିତ, ସ୍ୱାଧୀନ ସ୍ୱାଧୀନ ସ୍ୱାଧୀନରେ’ ।


ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦


# ଦେଶ ପ୍ରେମରେ ଓଡ଼ିଆ ସିନେମା


॥ ସତ୍ୟ ମହାପାତ୍ର ॥


ଆଜି ଭାରତ ୭୮ତମ ସ୍ୱାଧୀନତା ଦିବସ ପାଳନ କରିବାକୁ ଯାଉଛି । ଏହି କ୍ରମରେ ଆମ ସାଧାରଣ ଜୀବନରେ ପ୍ରାୟତଃ ଏକ ସ୍ୱତନ୍ତ୍ର ସ୍ଥାନ ନେଇଥିବା ସିନେମାରେ ମଧ୍ୟ ଦେଶ ପ୍ରେମ ଓ ଦେଶାତ୍ମବୋଧକ ଗୀତର ମାଧୁର୍ଯ୍ୟ ପ୍ରେରଣା ଯୋଗାଇଛି । ଅନେକ ଗୀତରେ ମାତୃଭୂମିର ଜୟଗାନ ସହ ଅନ୍ୟାୟ, ଦୁର୍ନୀତି, ଅନୀତି ଓ ଶୋଷଣ ବିରୁଦ୍ଧରେ ବିପ୍ଳବର ସ୍ୱର ବି ଶୁଭିଛି । ସାମାଜିକ ଜୀବନ ସହ ଜନ ଜାଗରଣର ବାର୍ତ୍ତା ଦେଇଥିବା କିଛି କାଳଜୟୀ ଓଡ଼ିଆ ସିନେମା ସଂଗୀତ ସମ୍ପର୍କରେ ପବିତ୍ର ସ୍ୱାଧୀନତା ଦିବସ ଅବସରରେ ଆଲୋଚନାଟି ରଖୁଛୁ ।

ଓଡ଼ିଆ ସିନେମାରେ ଦେଶାତ୍ମବୋଧ ବା ଦେଶପ୍ରେମର ଭାବନା ଖୋଜିଲାବେଳକୁ ସର୍ବପ୍ରଥମେ ୧୯୬୮ ମସିହାରେ ରିଲିଜ ହୋଇଥିବା ସେ ସମୟର ଲୋକପ୍ରିୟ ସିନେମା ‘ସ୍ତ୍ରୀ’ ଆସୁଛି । ଏହି ଚଳଚ୍ଚିତ୍ରର ଗଙ୍ଗା ଯେ ଦେଶେ ବହେ, ଯମୁନା ଯେ ଦେଶେ ବହେ..... ଏହି କାଳଜୟୀ ହୃଦୟସ୍ପର୍ଶୀ ଓ ଚେତନାଦାୟୀ ସଂଗୀତକୁ ଲେଖିଥିଲେ କିମ୍ବଦନ୍ତୀ ବ୍ୟକ୍ତିତ୍ୱ ଅକ୍ଷୟ ମହାନ୍ତି । ତେବେ ନିର୍ମଳା ମିଶ୍ରଙ୍କ ସମେତ ଅନ୍ୟ ପାର୍ଶ୍ୱ କଣ୍ଠଶିଳ୍ପୀଙ୍କ ଏହି ସଂଗୀତରେ ସୁବିଖ୍ୟାତ ଅଭିନେତ୍ରୀ ପାର୍ବତୀ ଘୋଷ ଅଭିନୟ କରିଛନ୍ତି । ତେବେ ପରବର୍ତ୍ତୀ ସମୟରେ ଅନେକ ସଂଗୀତ ଗୁଡ଼ିକ ଦେଶାତ୍ମବୋଧକୁ ନେଇ ତିଆରି ହୋଇଛି । ମନେପକାନ୍ତୁ ସେ ସମୟର ପ୍ରିୟ ଚଳଚ୍ଚିତ୍ର ‘ସ୍କୁଲ ମାଷ୍ଟର’ । କାଳଜୟୀ ସଂଗୀତଜ୍ଞ ପ୍ରଫୁଲ୍ଲ କରଙ୍କ ସଂଗୀତ ନିର୍ଦ୍ଦେଶନାରେ ମନଛୁଆଁ ଗୀତଟି ଥିଲା ‘ଦେ ରେ ସାଥୀ ଦେ’ ଯାହାକୁ ଗାଇଥିଲେ ସିପ୍ରା ବୋଷ । ସେହିପରି ସେ ସମୟର ବ୍ୟସ୍ତତମ ଲୋକପ୍ରିୟ ଓଡ଼ିଆ ସିନେ ତାରକା ଶ୍ରୀରାମ ପଣ୍ଡାଙ୍କ ‘ଧରିତ୍ରୀ’ ସିନେମାରେ ଏକ ହୃଦୟ ଝଙ୍କୃତ କଲାପରି ଗୀତଟି ରହିଥିଲା ତାହା ଥିଲା ‘ସ୍ୱର୍ଗାଦପି ଗରୀୟସୀ, ଜନନୀ ମା’ ଧରିତ୍ରୀ...’ । ପରବର୍ତ୍ତୀ ସମୟରେ ଦେଶାତ୍ମ ଭାବନା ଭିତରେ ଶ୍ରୋତା ଓ ଦର୍ଶକଙ୍କୁ ବାନ୍ଧି ରଖିବା ପରି ସିନେମା ଆସିଥିଲା ‘ଭାଇ-ଭାଉଜ’ । ଏହି ସିନେମାର ‘ଜନ୍ମ ମାଟି ପଲ୍ଲୀ ଡାକେ....’ ଗୀତଟି ହୃଦୟକୁ ଛୁଇଁଲା ପରି । ତେବେ ଠିକ ଏହା ପଛକୁ ଆସିଥିଲା ଓଡ଼ିଆ ସିନେମା ‘ଅଦିନ ମେଘ’ । ଏହାର ‘ଏଇ ଆମରି ଗାଁ...’ ଗୀତଟି ତିଆରି କରିଥିଲେ ସଂଗୀତ ସୁଧାକର ବାଳକୃଷ୍ଣ ଦାଶ ।

ତେବେ ଓଡ଼ିଆ ସିନେମାର ସବୁଠାରୁ ଆଲୋଡ଼ନକାରୀ ହୃଦୟସ୍ପର୍ଶୀ ଦେଶପ୍ରେମ ଭିତ୍ତିକ ଗୀତଟି ଥିଲା ‘ବହି ଯାଏରେ ଗଙ୍ଗା ଉଡ଼େ ତ୍ରିରଙ୍ଗା...’ । ୧୯୭୯ ମସିହାର ସୁପରହିଟ୍ ‘ବଳୀଦାନ’ ସିନେମାରେ ଏହାକୁ ନିଜେ ଲେଖିବା ସହ କଣ୍ଠ ଦେଇଥିଲେ ପ୍ରଫୁଲ୍ଲକର । ମହମ୍ମଦ ମହସିନଙ୍କ ଉପରେ ଚିତ୍ରିତ ହୋଇଥିବା ଏହି ସିନେମାଟି ଏଯାବତ୍ ହିଟ ପର୍ଯ୍ୟାୟରେ ରହିଛି । ପରବର୍ତ୍ତୀ ସମୟରେ ଓଡ଼ିଆ ସିନେମା ‘କଳିଙ୍ଗପୁତ୍ର’ର ଦେଶପ୍ରେମ ଭିତ୍ତିକ ଗୀତଟି ଥିଲା ‘ଯଉ ଦେଶେ ସତ୍ୟ ପାଇଁ ଗାନ୍ଧୀ ଗୁଳି ଖାଏ.....’ । ତେବେ ଅଶି ଶତକର ସବୁଠାରୁ ଓଡ଼ିଆ ସିନେମାରେ ବକ୍ସ ହିଟ ସାବ୍ୟସ୍ତ ହୋଇଥିବା ସିନେମାଟି ଥିଲା ‘ଲାଲପାନ ବିବି’ ଓ ‘ପକା କମ୍ବଳ ପୋତ ଛତା’ । ପ୍ରଥମ ସିନେମାର ‘ଏ ଦୁନିଆ ମାଟି ହାଣ୍ଡି....’ ଓ ଦ୍ୱିତୀୟ ଅର୍ଥାତ ପକା କମ୍ବଳ ପୋତ ଛତା ସିନେମାର ‘ସତ କହି ପାଏ ପଛେ ଫାଶୀ ଓ ଲଙ୍ଗଳା ଫକୀରର ଆମେରେ ସନ୍ତାନ’ ଗୀତଟି ଦେଶପ୍ରେମ ଭାବନାକୁ ନେଇ ତିଆରି ହୋଇଥିଲା । ୨୦୦୬ରେ ମୁକ୍ତିଲାଭ କରିଥିଲା ଓଡ଼ିଆ ଚଳଚ୍ଚିତ୍ର ‘ଆଇ ଲଭ ମାଇଁ ଇଣ୍ଡିଆ’ । ବର୍ତ୍ତମାନ ସମୟର ହିଟ ସଂଗୀତ ନିର୍ଦ୍ଦେଶକ ପ୍ରେମ ଆନନ୍ଦଙ୍କ ନିର୍ଦ୍ଦେଶିତ ଏହି ସିନେମାରେ କଣ୍ଠଦାନ କରିଥିଲେ ବିଖ୍ୟାତ କଣ୍ଠଶିଳ୍ପୀ ଇରା ମହାନ୍ତି ଓ କୁମାର ବାପି । ସେହିପରି ୨୦୦୮ରେ ମକ୍ତିଲାଭ କରିଥିବା ‘ବନ୍ଦେ ଉତ୍କଳ ଜନନୀ’ ଓ ୨୦୧୮ରେ ରିଲିଜ ହୋଇଥିବା ‘ପ୍ରେମ କୁମାର’ ସିନେମାରେ ଦେଶାତ୍ମ ଭାବନାର ବାସ୍ନା ଭରି ରହିଥିଲା । ତେବେ ୨୦୧୯ରେ ମୁକ୍ତିଲାଭ କରିଥିଲା ଓଡ଼ିଆ ଚଳଚ୍ଚିତ୍ର ‘ବିଜୁବାବୁ’ । ସେହିପରି ୨୦୨୧ର ସିନେମା ‘ଶହୀଦ ରଘୁ ସର୍ଦ୍ଦାର’ ମଧ୍ୟ ଦେଶ ଭାବନାର ବାର୍ତ୍ତା ଭିତ୍ତିକ ସଂଗୀତକୁ ପରିସ୍ଫୁଟିତ କରିଥିଲା । ସେହିଭଳି ଏହି ବର୍ଷ ବଜାରକୁ ଆସିଥିବା ଓଡ଼ିଆ ଚଳଚ୍ଚିତ୍ର ‘ଅପରେସନ-୧୨ /୧୭’ର ଗୀତଟି ମଧ୍ୟ ଦେଶାତ୍ମବୋଧକ ଭାବନାକୁ ନେଇ । ଏହାର ‘ଡାକୁଛି ତ୍ରିରଙ୍ଗା, ଡାକୁଛି ଗଙ୍ଗା’ ଦେଶପ୍ରେମ ଭାବନାକୁ ନେଇ ତିଆରି ହୋଇଛି । ସ୍ୱାଧୀନତା ସଂଗ୍ରାମର ଆଲୋଚନା କଲାବେଳକୁ ଦେଶପ୍ରେମ ଭାବନାର ଏହି ହୃଦୟସ୍ପର୍ଶୀ ସିନେ ସଂଗୀତ ବିଶେଷକରି ଆମ ଯୁବପିଢ଼ିଙ୍କୁ ଦେଶପ୍ରେତି ସେବା ଭାବନାର ଉତ୍ସର୍ଗୀକୃତ ପ୍ରେରଣା ଯୋଗାଇଥାଏ ।


ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ‘ସତ୍ୟାଳୟ’ ପ୍ଲଟ ନଂ - ୧୦୮୭/ଡ଼ି, ସେକ୍ଟର-୬, କଟକ, ଦୂରଭାଷ : ୯୬୫୮୧୦୫୫୩୨

## ଖୋଲା ଚିଠି ଲେଖି ମୁଖ୍ୟମନ୍ତ୍ରୀ, ଆଇନ ମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବୀ କଲା ବିଜେଡି



ଆସିକା, (ମହାଭାରତ) : ବିଜୁ ଜନତା ଦଳର ରାଜ୍ୟ ସଭାପତି ତଥା ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ନିର୍ଦ୍ଦେଶ କ୍ରମେ ରାଜ୍ୟ ବିଜୁ ଯୁବ ଜନତା ଦଳର ରାଜ୍ୟ ସଭାପତି ତଥା ଚାନ୍ଦବାଲିର ବିଧାୟକ ଡକ୍ଟ. ବ୍ୟୋମକେଶ ରାୟ ଓ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସଭାପତି ତଥା ବାଙ୍କୀର ବିଧାୟକ ଦେବୀରଞ୍ଜନ ତ୍ରିପାଠୀଙ୍କ ଆହ୍ୱାନ କ୍ରମେ ଏବଂ ଆସିକା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟିକା ମଞ୍ଜୁଳା ସ୍ୱାଇଁଙ୍କ ପରାମର୍ଶ ଗଞ୍ଜାମ ଜୋନ ସଭାପତି ନଚିକେତା ସ୍ୱାଇଁ ଏବଂ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ବି ମନୋଜ କୁମାର ଦୋରାଙ୍କ ସଂଯୋଜନାରେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ଆଜି ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ଏବଂ ଛାତ୍ରୀ ଦୁଷ୍କର୍ମ ଅଭିଯୋଗରେ ରାଜ୍ୟବ୍ୟାପି ସମସ୍ତ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ, ବୈଷୟିକ ଶିକ୍ଷାନୁଷ୍ଠାନଗୁଡିକରେ ଛାତ୍ରୀ ନିର୍ଯ୍ୟାତନା ରୋକିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆସିକା ମୁଖ୍ୟ ଡାକସେବକେନ୍ଦ୍ର ଠାରେ ଆସିକା ବିଜ୍ଞାନ ମହାବିଦ୍ୟାଳୟ, ନିମିନା ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟ, ମେକମାଇକଲ ମହାବିଦ୍ୟାଳୟଛାତ୍ର ଛାତ୍ରୀ ଏବଂ ଆସିକା ନିର୍ବାଚନ ମଣ୍ଡଳୀର ବିଜୁ ଛାତ୍ର ଓ ଯୁବ ଜନତା ଦଳର ସମସ୍ତ କର୍ମକର୍ତ୍ତା ମାନେ ଉପସ୍ଥିତି ରହି ଖୋଲା ଚିଠି ଲେଖି ତ୍ୱରିତ ନ୍ୟାୟ ପ୍ରଦାନ ସହ ଦୋଷୀକୁ କଠୋର ଦଣ୍ଡ ଦେବା ସହ ମୋହନ ମାଝୀ, ଉଚ୍ଚ ଶିକ୍ଷାମନ୍ତ୍ରୀ, ଆଇନ ମନ୍ତ୍ରୀ ଙ୍କ ଇସ୍ତଫା ଦାବି କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ବିଜେଡି ଉପସଭାପତି ଦିଲୀପ କୁମାର ପାଣିଗ୍ରାହୀ, ଜିଲ୍ଲା ବିଜେଡି କାର୍ଯ୍ୟକାରିଣୀ ସଦସ୍ୟ ଅନୀଲ କୁମାର ନାୟକ, ନିର୍ବାଚନ ମଣ୍ଡଳୀ ଯୁବ ବିଜେଡି ସଭାପତି ଜୟସେନ ସ୍ୱାଇଁ, ଜିଲ୍ଲା ଯୁବ ବିଜେଡି ସମ୍ପାଦକ ପ୍ରତାପ ପ୍ରଧାନ,ନଗର ଯୁବ ବିଜେଡି ସଭାପତି ଜିତେନ୍ଦ୍ର କୁମାର ମହାରଣା, ଜିଲ୍ଲା ଛାତ୍ର ବିଜେଡି ସମ୍ପାଦକ କାହ୍ନୁ ଚରଣ ଦଳାଇ,ବ୍ଲକ ଛାତ୍ର ବିଜେଡି ସଭାପତି ବିମଳ କୁମାର ପ୍ରଧାନ, ନଗର ଛାତ୍ର ବିଜେଡି ସଭାପତି ନିଗମାନନ୍ଦ ରାଉତ, ରବୀନ୍ଦ୍ର ସାହୁ,ଜିଲ୍ଲା ଛାତ୍ର ବିଜେଡି ଆଇ. ଟି ସଂଯୋଜକ ଶ୍ୱେତ ବସନ୍ତ ଲେଙ୍କା, ବ୍ଲକ ଛାତ୍ର ଡିଜିଟାଲ ସମ୍ପାଦକ ସାଇରାଜ ଦଳାଇ, ନଗର, ଟୁକୁନା ନାହାକ, ଯୁବ ଡିଜିଟାଲ ସମ୍ପାଦକ ରବିନ ପାତ୍ର, ନଗର ଆଇ ଟି ପ୍ରଦୀପ ମୁନୀ, ଛାତ୍ର ନେତା ସାଗର ପାତ୍ର, ଶିବ ଶଙ୍କର ପାଣିଗ୍ରାହୀ, ସନ୍ତୋଷ ନାହାକ, ସୀମାଞ୍ଚଳ ସ୍ୱାଇଁ, ଲିପୁ ଡାକୁଆ, ମିଟୁ ନାହାକ, ପ୍ରଣବ ପାଢ଼ୀ, ଆକାଶ ସ୍ୱାଇଁ, ପୂର୍ଣ୍ଣ ଗୌଡ଼, ନିଳାଞ୍ଚଳ ମହାରଣା କଲେଜ ଛାତ୍ର ଜଗବନ୍ଧୁ ମହାରଣା, ଶଙ୍କର ବିଶ୍ୱାଳ, ବିରାଜ ମଳିକ, ରାଜା ଗୌଡ଼, ପ୍ରିୟ ଆପଟ, ରାହୁଲ ଦୋରା, ଶୁଭମ ନାୟକ, ସୁଧାଂଶୁ ଗୌଡ଼, ମାନସ ରଞ୍ଜନ ଗୌଡ଼, ଭଗବାନ ବିଶ୍ୱାଳ, ବାପୀନା ଜେନା, ନିର୍ବାଚନ ମଣ୍ଡଳୀ, ଯୁବ , ଛାତ୍ର ଜନତା ଦଳ ସମସ୍ତ ରାଜ୍ୟ ସ୍ତରୀୟ, ଜିଲ୍ଲା ସ୍ତରୀୟ, ବ୍ଲକ ସ୍ତରୀୟ, ପଞ୍ଚାୟତୟତ ସ୍ତରୀୟ କର୍ମକର୍ତ୍ତାଙ୍କ ସମେତ ବିଭିନ୍ନ କଲେଜ କେମ୍ପସ କମିଟିର ସଦସ୍ୟ, କଲେଜ ଛାତ୍ର ଛାତ୍ରୀମାନେ, ବିଜୁ ଜନତା ଦଳର ସମସ୍ତ ଅଗ୍ରଣୀ ଯୁବ ଛାତ୍ର ନେତାମାନେ ବହୁ ସଂଖ୍ୟାର ଉପସ୍ଥିତ ରହ କାର୍ଯ୍ୟକ୍ରମ କୁ ସଫଳ କରିଥିଲେ ।

## ମାଲକାନଗିରି ଠାରେ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ




ମାଲକାନଗିରି, (ମହାଭାରତ) : ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ସଂସ୍କୃତ ପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏନେଇ ଆଜି ସଦରମହକୁମା ବସଷ୍ଟାଣ୍ଡ ଠାରୁ ସଂସ୍କୃତି ପରିଷଦ ଭବନ ପର୍ଯ୍ୟନ୍ତ ବିରାଟ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରାରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ, ମାଲକାନଗିରି ବିଧାୟକ ନରସିଂହ ମାଡ଼କାମୀ, ଅତିରିକ୍ତ ରାଜସ୍ୱ ବେଦବର ପ୍ରଧାନ, ଉପଜିଲ୍ଲାପାଳ ସୁଶ୍ରୀ ଅଶ୍ୱିନୀ ଏ.ଏଲ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ ନରେଶ ଶାବର, ଜିଲ୍ଲା ପରିଷଦ ଅଧକ୍ଷ ସମାରି ତାଙ୍ଗୁଲ ସମେତ ଜିଲ୍ଲା ପ୍ରଶାସନ ର ଅନେକ ଅଧିକାରୀ ଓ କର୍ମଚାରୀ, ବିଏସଏଫ ର ଯବାନ, ଅଙ୍ଗନୱାଡ଼ି କର୍ମୀ ସହିତ ବହୁ ମହିଳା ଛାତ୍ରଛାତ୍ରୀ ଶୋଭାଯାତ୍ରାରେ ଭାଗ ନେଇଥିଲେ। ସମସ୍ତେ ହାତରେ ତ୍ରିରଙ୍ଗା ଧରି ଜାତୀୟ ଏକତା ସହିତ ସ୍ୱାଧୀନତାର ନାରା ଦେଇ ଥିଲେ। ଏହି ଅବସରରେ ବିଧାୟକ ନରସିଂହ ମାଡ଼କାମୀ କହିଛନ୍ତି ଏହା ସରକାରଙ୍କ 'ହରଘର' ତ୍ରିରଙ୍ଗା କାର୍ଯ୍ୟକ୍ରମ ସଫଳ କରିବାର ଏକ ପ୍ରୟାସ। ଏହି ଅବସରରେ ନବରଙ୍ଗପୁର ସାଂସଦଙ୍କ ମାଲକାନଗିରି ଜିଲ୍ଲା ପ୍ରତିନିଧି ସଞ୍ଜୟ ସରକାର, ମାଲକାନଗିରି ନିର୍ବାଚନ ମଣ୍ଡଳୀ ବିଧାୟକଙ୍କ ପ୍ରତିନିଧି ନିହାର ରାୟ, ବିଜୟ ମହାରଣା, ରାହୁଲ୍ ତାୱରି ସହିତ ବିଭିନ୍ନ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହିଥିଲେ।

## ଜଗଦୀଶ ଚନ୍ଦ୍ର ଦାଶ(ଇଶ ପଣ୍ଡିତ)ଙ୍କ ପୁଣ୍ୟତିଥୀରେ ସ୍ମୃତି ସଭା ଓ ମେଧା ସମ୍ମାନ

କଣ୍ଟାପଡ଼ା, (ମହାଭାରତ): ଶ୍ରୀ ଜଗଦୀଶ ଚନ୍ଦ୍ର ଦାଶ (ଇଶ ପଣ୍ଡିତେ) ସ୍ମୃତି ସଂସଦ ତରଫରୁ ଇଶ ପଣ୍ଡିତଙ୍କ ପୂଣ୍ୟ ତିରୋଧାନ ତିଥିରେ ଆଜି ତା୧୪-୮-୨୦୨୫ ରିଖରେ ସୁନ୍ଦର ଗ୍ରାମ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ସ୍ମୃତିଚାରଣ ସଭା ଓ ଛାତ୍ରୀଙ୍କୁ ମେଧାବୃତ୍ତି ପ୍ରଦାନ କରାଯାଇଥିଲା। ଝିଅ ସରୋଜିନୀ ଆଚାର୍ଯ୍ୟଙ୍କ ପୌରୋହିତ ଏବଂ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ଜୟଶ୍ରୀ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଇଂ. ଶ୍ରୀ ସନ୍ୟାସୀ ଜୀ (ଅଧକ୍ଷ ଆପେକ୍ସ ଆଇ ଟି ଆଇ),ମୁଖ୍ୟ ବକ୍ତା ଗାୟକ ଆଲ୍ଲାଦ ଶ୍ରୀଯୁକ୍ତ ସୁରେନ୍ଦ୍ର ନାଥ ଛୋଟରାୟ,ସମ୍ମାନୀତ ଅତିଥି ଶ୍ରୀଯୁକ୍ତ ଅଶ୍ୱିନୀ



କୁମାର ମହାପାତ୍ର(ପ୍ରାଚୀପ୍ରଜ୍ଞା ପରିସଦ ପ୍ରତିଷ୍ଠାତା), ଇଂ.ମନୋଜ ଦାଶ(ଅଧକ୍ଷ ଦଧିଚି ଶିକ୍ଷା ସମୂହ),ବିଶ୍ୱ ରଞ୍ଜନ ରଥ (ପ୍ରଧାପକ ବାଣୀବିହାର ଯୋଗ ମହାବିଦ୍ୟାଳୟ), ଏବଂ ବିଶିଷ୍ଟ ଅତିଥି ରବୀନ୍ଦ୍ର କୁମାର ସାହୁ(ବ୍ଲକ ଶିକ୍ଷା ମଣ୍ଡଳ ଅଧିକାରୀ କଣ୍ଟାପଡ଼ା) ଉକ୍ତ ସଭାରେ ଗ୍ରାମବାସୀ ଆର୍ତ୍ତ ଭଞ୍ଜନ ମହାନ୍ତି,ନନ୍ଦ କିଶୋର ଦାଶ,ରାମ ପ୍ରସାଦ ମହାନ୍ତି, ଦ୍ୱାରିକାନାଥ ଦାଶ, ରବିନାରାୟଣ ଦାଶ, ସୁବ୍ରତ ଦାଶ, ସ୍ୱୟଂପ୍ରଭା ଦାଶ, କିଶୋର କୁମାର ରାଉତରାୟ, କେଦାରନାଥ ମିଶ୍ର,ସୁମିତ୍ରା ମହାପାତ୍ର, ଜ୍ୱାଇଁ ପ୍ରଭାତ କୁମାର ଆଚାର୍ଯ୍ୟ ଏବଂ ନାତି, ନାତୁଣୀ ବୋହୂ ଏବଂ ଆରତୀ ପଣ୍ଡା ପ୍ରମୁଖଙ୍କ ଉପସ୍ଥିତିରେ ନବମ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରିୟାଙ୍କା ପ୍ରିୟଦର୍ଶିନୀ ଭୋଇ, ଦ୍ୱିତୀୟ ସିପ୍ରା ପ୍ରିୟଦର୍ଶିନୀ ସାହୁ ଓ ତୃତୀୟ ତମନ୍ନା ଭୋଇଙ୍କୁ ପ୍ରଦାନ କରା ଯାଇଥିଲା।ବିଦ୍ୟାଳୟର ପ୍ରତ୍ୟେକ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହଯୋଗ ସହିତ ଅନ୍ୟାନ୍ୟ ସହକର୍ମୀଙ୍କ ସହାୟତାରେ ଓ ଗ୍ରାମର ଯୁବକ ସଂଘର ସହଯୋଗରେ ପୁଅ ଶ୍ରୀଯୁକ୍ତ ସୂର୍ଯ୍ୟ ନାରାୟଣ ଦାଶ ଧନ୍ୟବାଦ ଅର୍ପଣ କରିବା ସହିତ ସଭା ସାଙ୍ଗ କରିଥିଲେ।

## ଅଙ୍ଗଦାନ କରି ଅମର ହେଲେ ବିଶ୍ୱଜିତ

ଅନୁଗୋଳ, (ମହାଭାରତ): ଅନୁଗୋଳ ମେଡିକାଲ ଟ୍ରେନିଂ ହଲ ଠାରେ ଆଜି ବିଶ୍ୱ ଅଙ୍ଗଦାନ ଦିବସ ପାଳନ ହୋଇଛି। ଏହି ସମାରୋହରେ ଅନୁଗୋଳ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରିତିମୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଶ୍ୱଜିତଙ୍କ ପରିବାରକୁ ୫ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ ସହ ତାଙ୍କ ପରିବାର ଙ୍କୁ ସମ୍ବର୍ଦ୍ଧନା କରିଥିଲେ । ଏଥି ସହିତ ଅଙ୍ଗଦାନ ପାଇଁ ବ୍ୟାପକ ସଚେତନତା ଆବଶ୍ୟକ ବୋଲି ଶ୍ରୀ ପ୍ରୀତିମୟ ପ୍ରକାଶ କରିଥିଲେ। ସଭାରେ ସଭାପତିତ୍ୱ କରି ସିଡିଏମ୍ ?ଓ ଡ଼ା ମଦନ ମୋହନ ପ୍ରଧାନ ଅଙ୍ଗଦାନର ମହତ୍ତ୍ୱ ଏବଂ ଏନେଇ ସାମାଜିକ ସଚେତନତା ଉପରେ ଆଲୋକପାତ କରିଥିଲେ। ଡ଼ା ବିଭୂତି ଭୂଷଣ ନାୟକ ଅଭାସି ମୋଡରେ ଅଙ୍ଗଦାନ ପଞ୍ଜିକରଣ କିପରି ଅନଲାଇନ୍ କରାଯିବ ଏବଂ କେଉଁ ପରିସ୍ଥିତିରେ ଅଙ୍ଗଦାନ କରାଯିବ ତାହା ବିସ୍ତୃତ ରୂପେ ବୁଝାଇଥିଲେ। ଜଣେ ବ୍ୟକ୍ତି ଚାହିଁଲେ ହାର୍ଟ, ଆଖି, କିଡନୀ, ଲିଭର, ଟିସୁ ଆଦି ଦାନ କରି କିଭଳି ଅନ୍ୟ ମାନଙ୍କ ଜୀବନ ରକ୍ଷା କରିପାରିବ ତାହା ଡ଼ା ନାୟକ ପ୍ରକାଶ କରିଥିଲେ। ପୁଷ୍ପାଞ୍ଜଳି ଦେହୁରୀ ଏବଂ ବାଣୀ ଦେବ ଅଙ୍ଗଦାନ କରିବାପାଇଁ ଆଗେଇ ଆସିବାରୁ ତାଙ୍କୁ ସ୍ୱାଗତ କରାଯାଇଥିଲା। ଆଇଏସ୍ଏ ଓ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ସହ ?ଯୋଗରେ ହେଉଥ ?ବା ଏହି ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ଡ଼ା ବିଶ୍ୱଜିତ୍ ସାମଲ, ଡ଼ା ପ୍ରଭାତ କୁମାର ପଣ୍ଡା, ଡ଼ା ମାନସ ରଞ୍ଜନ ବିଶ୍ୱାଳ, ଡ଼ା ସୌମ୍ୟକାନ୍ତ ବିଶୋଇ, ଅନ୍ୟ ବରିଷ୍ଠ ସ୍ୱାସ୍ଥ୍ୟ ଅଧିକାରୀ, କର୍ମଚାରୀ ନେତା ଅକ୍ଷୟ ବିଶ୍ୱାଳ ପ୍ରମୁଖ ଯୋଗ ଦେଇ ଅଙ୍ଗଦାନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ବୈଠକରେ ସହରର ଜେସିଆଇ ସଂଗଠନ, ବଣିକ ସଂଘ, ରୋଟାରୀ କ୍ଲବ୍ ରୟାଲର କର୍ମକର୍ତ୍ତା ଏବଂ ବୁଦ୍ଧିଜୀବି ଯୋଗ ଦାନ କରିଥିଲେ।

## ବିଶ୍ୱ ଅଙ୍ଗଦାନ ଦିବସ ପାଳିତ

ଗଜପତି, (ମହାଭାରତ) : ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଓଡ଼ିଶାର ସୌଜନ୍ୟରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଗଜପତି ଆନୁକୂଲ୍ୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓସ୍ୱାନ୍ ହାଲ ଠାରେ ରାଜ୍ୟ ସ୍ତରୀୟ ସିଧା ପ୍ରସାରଣ କାର୍ଯ୍ୟକ୍ରମରେ ବିଶ୍ୱ ଅଙ୍ଗ ଦାନ ଦିବସ ପାଳିତ ହୋଇଯାଉଛି। ଏଥିରେ ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ଫାଲଗୁନି ମାଝୀଙ୍କ ଯୋଗ ଦେଇଥିବା ବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ାକ୍ତର ମହମ୍ମଦ ମୁବାରକ ଅଲ୍ଲୀ ଓ ବିଭାଗୀୟ କର୍ମଚାରୀମାନେ ଉପସ୍ଥିତ ଥିଲେ । ଜିଲ୍ଲାର ପୂର୍ବରୁ ଅଙ୍ଗଦାନ କରୁଥିବା ପାରଳାଖେମୁଣ୍ଡି ସେରୀ ସାହିର ସ୍ୱର୍ଗତ ନରସିଂହ ପ୍ରସାଦ ମହାରଣା, ପାଟିକୋଠା ଗ୍ରାମରେ ସ୍ୱର୍ଗତ ପଣ୍ଡାଇ ଶବର, ତେଲି ଗୌଡ଼ ସାହି ପାରଳାଖେମୁଣ୍ଡି ସ୍ୱର୍ଗତ କେ.ନରେଶ ପଟ୍ଟାୟକ ଓ ରାୟଗଡ଼ ବ୍ଲକ ସନତୁଣ୍ଡି ଗ୍ରାମର ସ୍ୱର୍ଗତ ଅରୁଣ ଭୂୟାଁ ଅଙ୍ଗଦାନ କରି ନୂଆଁ ଜୀବନ ଦେଇଥିବାରୁ ତାଙ୍କ ପରିଜନଙ୍କୁ ରାଜ୍ୟ ସରକାରଙ୍କ ଆଦେଶ ମୁତାବକ ଜିଲ୍ଲା ପ୍ରଶାସନ ପକ୍ଷରୁ ସୁରଜ ପୁରସ୍କାର -୨୦୨୫ ସମ୍ବର୍ଦ୍ଧନା ଦିଆଯାଇଅଛି ଜଣଙ୍କୁ ପ୍ରତି ୫ ଲକ୍ଷ ଟଙ୍କା ଅର୍ଥ ରାଶି ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସହକାରୀ ଜିଲ୍ଲାପାଳ ଶ୍ରୀଯୁକ୍ତ ଜଗନ୍ନାଥ ପାଢ଼ୀ ସମେତ ଜିଲ୍ଲା ଜରୁରକାଳୀନ ବିଭାଗ କର୍ମଚାରୀ ଓ ଜିଲ୍ଲା ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଦଶପଲ୍ଲା ବିଜେପିରେ ଫାଟ, ପଂଚାୟତ ନିର୍ବାଚନରେ ବାଜି ମାରି ନେବେ କି ବିରୋଧୀ

ଦଶପଲ୍ଲା,(ମହାଭାରତ): ଗତ ୨୦୨୪ ସାଧାରଣ ନିର୍ବାଚନରେ ସଂଖ୍ୟାଗରିଷ୍ଠତା ସିଟ ହାସଲ କରି ଦୀର୍ଘ ୨୪ବର୍ଷର ଅପେକ୍ଷା ପରେ ରାଜ୍ୟର ଶାସନଭାର ସମ୍ଭାଳିଥିଲା ଭାରତୀୟ ଜନତା ପାର୍ଟି (ବିଜେପି)। ବୁଧବାର ଦିନ ସମଗ୍ର ରାଜ୍ୟରେ ଭାରତୀୟ ଜନତା ପାର୍ଟି ତରଫରୁ ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ଦଶପଲ୍ଲାରେ ଏହି କାର୍ଯ୍ୟକ୍ରମ ୨ ଥର ହୋଇଥିବା ଜଣାପଡ଼ିଛି। ଯେମିତିକି ଅପରାହ୍ନ ସମୟରେ ଦଶପଲ୍ଲାର ବିଜେପି ବିଧାୟକ ପ୍ରାର୍ଥୀଙ୍କ ନେତୃତ୍ୱରେ ଦଶପଲ୍ଲାର ଆରାଧ ଦେବ ମହାବୀର ମନ୍ଦିର ଠାରୁ ଐତିହାସିକ ମେଳିଆତୋଟା ପର୍ଯ୍ୟନ୍ତ ହରଘର ତ୍ରିରଙ୍ଗା ରାଲି ଯାଇଥିବାବେଳେ ସନ୍ଧ୍ୟାରେ କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀଙ୍କ ନେତୃତ୍ୱରେ ନୂଆଗାଁ




ବ୍ଲକର ପଞ୍ଚୁପାଣ୍ଡ ଠାରୁ ଦଶପଲ୍ଲା ବ୍ଲକ କୁଆଁରିଆ ଡ୍ୟାମ ପର୍ଯ୍ୟନ୍ତ ଆଉ ଏକ ରାଲି ଯାଇଥିଲା। ଯେଉଁଥିରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଯୋଗଦେଇଥିବାବେଳେ ଦଶପଲ୍ଲା ସାଂସଦ ପ୍ରତିନିଧି ଅଞ୍ଜନ କୁମାର ଦାସ ଏବଂ ବହୁ କାର୍ଯ୍ୟକର୍ତା ସାମିଲ ହୋଇଥିଲେ। ସେଥିରେ ମଧ ବିଜେପି ବିଧାୟକ ପ୍ରାର୍ଥୀ ରାଘବ ମଲ୍ଲିକ ସାମିଲ ହୋଇଥିବା ବେଳେ ତାଙ୍କ ଉପସ୍ଥିତିରେ କାର୍ଯ୍ୟକର୍ତା ଓ ବିଜେପି ସମର୍ଥକ ରାଘବ ହଟାଓ, ଦଶପଲ୍ଲା ବଞ୍ଚାଓ ନାରା ଦେଇ ରାଜ୍ୟ ବିଜେପି ସଭାପତିଙ୍କୁ ସ୍ୱାଗତ କରିଥିବା ଜଣାପଡ଼ିଛି। ତେଣୁ ବୁଦ୍ଧିଜୀବୀ ଙ୍କ କହିବା ମୁତାବକ ଦଶପଲ୍ଲାରେ ଏବେ ବିଜେପି ୨ ଫାଳ। ଗୋଟିଏ ବିଜେପି ବିଧାୟକ ପ୍ରାର୍ଥୀ ରାଘବ ମଲ୍ଲିକଙ୍କର ହୋଇଥିବା ବେଳେ ଅନ୍ୟଟି କନ୍ଧମାଳ ସାଂସଦଙ୍କ ଦଳ। ତେଣୁ ଆଗାମୀ ଦିନରେ ଯଦି ବିଜେପିରେ ଏଭଳି ସ୍ଥିତି ଦେଖାଯାଏ। ତେବେ ପଂଚାୟତ ନିର୍ବାଚନରେ ବିଜେଡ଼ି ବାଜିମାରି ନେବାଟା ଗୋଟିଏ ପ୍ରକାର ନିଶ୍ଚିନ୍ତ। ତେବେ ଦେଖିବାକୁ ବାକି ରହିଲା କେବେ ସରୁଛି ବିଜେପି/ ବିଜେପି କଳି।

## ବୁଡିଯାଇଥିବା ନାବାଳିକାର ମୃତ ଦେହ ଉଦ୍ଧାର



ସାଲେପୁର, (ମହାଭାରତ): ଗତକାଲି ବୁଡି ଯାଇ ଥିବା ନବମ ଶ୍ରେଣୀରେ ପଢୁଥିବା ସ୍କୁଲ ଛାତ୍ରି ଆଜି ସକାଳୁ ମୃତ ଅବସ୍ଥାରେ ଭାସୁଥିବା ବେଳେ ତାଙ୍କୁ ଉଦ୍ଧାର କରାଯାଇଛି। ଗତକାଲି ସାଲେପୁର ବ୍ଲକ ଅନ୍ତର୍ଗତ ନରଦା ପଞ୍ଚାୟତର ପ୍ରହ୍ଲାଦ ସ୍ୱାଇଁଙ୍କର ଝିଅ ସୁଚିତ୍ରା ସ୍ୱାଇଁ ବୟସ ୧୪ ନବମ ଶ୍ରେଣୀରେ ପଢୁଥିଲେ। ଘରପାଖ ତୁଠରେ ଗାଧୋଉଥିବା ବେଳେ ଗୋଡଖସି ବୁଡିଯାଇଥିଲେ। ପୋଲିସ ଓ ଅଗ୍ନିଶମ ବାହିନୀ ବହୁ ଅକ୍ଲାନ୍ତ ପରିଶ୍ରମ କରି ଖୋଜା ଖୋଜି କରିବା ପରେ ମଧ ସୁଚିତ୍ରାଙ୍କୁ ପାଇ ନ ଥିଲେ। ଆଜି ସକାଳ ୭.୩୦ ସମୟରେ ଲୋକେ ମାଳ ପୋଲ ପାଖରେ ମୃତ ଦେହ ଭାସୁଥିବାର ଦେଖି ପୋଲିସକୁ ଖବର ଦେଇଥିଲେ ।ଘଟଣା ସ୍ଥଳରେ ଜପକୁଦ ଫାଣ୍ଡି ଅଧିକାରୀ ଭିଷ୍ଣୁଚରଣ ପ୍ରଧାନ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଏହି ଦୃଶ୍ୟ ଓ ଖବର ସାରା ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି।

## ସାଇ ସରସ୍ୱତୀ କନଭେଣ୍ଟ ସ୍କୁଲରେ ଜନ୍ମାଷ୍ଟମୀ ଉତ୍ସବ ପାଳନ

ଗଣିଆ, (ମହାଭାରତ): ଜନ୍ମାଷ୍ଟମୀ ଉପଲକ୍ଷେ ସାଇ ସରସ୍ୱତୀ କନଭେଣ୍ଟ ସ୍କୁଲରେ ଆଜି ଏକ ଉତ୍ସବମୟ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଏହି ଉତ୍ସବମୟ ଅବସରରେ ବିଦ୍ୟାଳୟ ପରିସର ରାଧା-କୃଷ୍ଣଙ୍କ ଭକ୍ତିମୟ ଗୀତ, ନୃତ୍ୟ ଓ ସଂସ୍କୃତିକ କାର୍ଯ୍ୟକ୍ରମରେ ଝଙ୍କାରି ଉଠିଥିଲା। ଦିପ୍ତିରଞ୍ଜନ ଘଡ଼େଇଙ୍କ ସଭାପତିତ୍ୱ ରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ମୁଖ୍ୟ ଅତିଥି ଭାବେ ସାମ୍ବାଦିକ ସଂଘର ସଭାପତି ଅଖିଳ ବିହାରୀ ପାଣିଗ୍ରାହୀ ମଞ୍ଚାସିନ ଥିଲେ। ଏହି ଅବସରରେ ଆଞ୍ଚଳିକ ସାମ୍ବାଦିକ ସଂଘର ସମସ୍ତ ସଦସ୍ୟମାନେ ମଧ ଅତିଥି ଭାବେ ଉପସ୍ଥିତ ରହି ସଭାକୁ ଗରିମାମୟ କରିଥିଲେ। ଅତିଥିମାନେ ତାଙ୍କର ଉଦ୍ବୋଧନରେ ଶ୍ରୀକୃଷ୍ଣଙ୍କ ଜୀବନ ଓ ବାଣୀର ଆଧୁନିକ ସମାଜରେ ଉପଯୋଗିତା ବିଷୟରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମର ଶେଷରେ ଶିଶୁମାନଙ୍କ ପକ୍ଷରୁ ଉପସ୍ଥିତ ଦର୍ଶକଙ୍କୁ ଆନନ୍ଦ ଓ ଭକ୍ତିର ଅନୁଭୂତି ଦିଆଯାଇଥିଲା।

## ଟାଟା ଷ୍ଟିଲ ଫାଉଣ୍ଡେସନର ଉଦ୍ୟମରେ ଓଡ଼ିଶାର ୧୫ ଯୁବତୀଙ୍କୁ ନିଯୁକ୍ତି



କଳିଙ୍ଗନଗର, (ମହାଭାରତ): ଅଗଷ୍ଟ ୧୪,୨୦୨୫: ଟାଟା ଷ୍ଟିଲ ଫାଉଣ୍ଡେସନ୍ (ଟିଏସଏଫ) ଓଡ଼ିଶାର ୧୫ ଜଣ ଯୁବତୀଙ୍କୁ ଟାଟା ଇଲେକ୍ଟ୍ରୋନିକ୍ସର ତାମିଲନାଡୁ ର ହୋସୁର ସ୍ଥିତ ଉନ୍ନତ ମ୍ୟାନୁଫ୍ୟାକ୍ଚରିଂ ୟୁନିଟ୍ ରେ ନିଯୁକ୍ତି ସୁଯୋଗ ଦେବାରେ ସହାୟତା ପ୍ରଦାନ କରିଛି। ଏହି ପଦକ୍ଷେପ ଟାଟା ଷ୍ଟିଲ ଫାଉଣ୍ଡେସନ ଦ୍ୱାରା ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ ପ୍ରତିବଦ୍ଧତାର ଏକ ଅଂଶ ଅଟେ। ଆନ୍ତର୍ଜାତୀୟ ଯୁବ ଦିବସ ଉପଲକ୍ଷେ ଯାଜପୁର ଜିଲ୍ଲାର ଦାନଗଦୀ ସ୍ଥିତ ମଲ୍ଟି ସ୍କିଲ ଡେଭଲପମେଣ୍ଟ ସେଣ୍ଟର (ଏମଏସଡିସି)ରେ ଆୟୋଜିତ ସମାରୋହରେ ମନୋନୀତ ପ୍ରାର୍ଥୀମାନଙ୍କୁ ସମ୍ମାନିତ କରାଯାଇଥିଲା। ଏହି ପ୍ରାର୍ଥୀମାନେ ହୋସୁର ସ୍ଥିତ ନିଜ କାର୍ଯ୍ୟ କ୍ଷେତ୍ରରେ ଯୋଗଦେବେ। ଜୁନ ୨୦୨୫ରେ ଆୟୋଜିତ ନିଯୁକ୍ତି ଅଭିଯାନରେ ଏହି ପ୍ରାର୍ଥୀମାନେ ମନୋନୀତ ହୋଇଥିଲେ। ଏଥିରେ ୧୨ ଜଣ ଯୁବତୀ ଯାଜପୁର ଜିଲ୍ଲାର ସୁକିନ୍ଦା, ଦାନଗଦୀ ଓ କୋରେଇ ବ୍ଲକ୍ର ହୋଇଥିବା ବେଳେ ଜଣେ କେନ୍ଦୁଝର ଜିଲ୍ଲାର ହରିଚନ୍ଦନପୁର ବ୍ଲକର, ଆଉ ଜଣେ ମୟୂରଭଞ୍ଜ ଜିଲ୍ଲାର ସୁକୁରୁଲି ବ୍ଲକ୍ ଏବଂ ଜଣେ କଟକ ଜିଲ୍ଲାର ମହାଙ୍ଗା ବ୍ଲକ୍ ଅଞ୍ଚଳର ବାସିନ୍ଦା ଅଟନ୍ତି। ଟାଟା ଇଲେକ୍ଟ୍ରୋନିକ୍ସ ପକ୍ଷରୁ ପ୍ରାର୍ଥୀମାନଙ୍କୁ ବେତନ ସହିତ ରହିବା, ଖାଇବାର ବ୍ୟବସ୍ଥା ଏବଂ ଚିକିତ୍ସା ସୁବିଧା ମଧ୍ୟ ପ୍ରଦାନ କରାଯିବ। ଟାଟା ଷ୍ଟିଲ ଫାଉଣ୍ଡେସନ୍ ସମାଜରେ ପରିବର୍ତ୍ତନ ଆଣିବା ଏବଂ ବିଭିନ୍ନ ପ୍ରୟାସ ଦ୍ୱାରା ସ୍ଥାନୀୟ ଲୋକଙ୍କ ଜୀବିକାରେ ଉନ୍ନତି ଆଣିବା ପାଇଁ ପ୍ରତିଶ୍ରୁତିବଦ୍ଧ। ଏହାର ସ୍କିଲ ଡେଭଲପମେଣ୍ଟ ପ୍ରୋଗ୍ରାମ୍ ଅନ୍ତର୍ଗତ ମଡେଲ କ୍ୟାରିଅର ସେଣ୍ଟର (ଏମସିସି) ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୟାସ, ଯାହାକି ଟାଟା ଷ୍ଟିଲ ଫାଉଣ୍ଡେସନ୍ ଏବଂ କନଫେଡେରେସନ୍ ଅଫ୍ ଇଣ୍ଡିଆନ୍ ଇଣ୍ଡଷ୍ଟ୍ରି (ସିଆଇଆଇ) ମିଳିତ ଭାବରେ ପରିଚାଳନା କରୁଛନ୍ତି। ଏମସିସି ଝାଡ଼ଖଣ୍ଡ ଏବଂ ଓଡ଼ିଶାର ଯୁବପିଢ଼ିଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ଏବଂ ସେମାନଙ୍କ ଦକ୍ଷତା ବୃଦ୍ଧି କ୍ଷେତ୍ରରେ ଧ୍ୟାନ ଦେଇଥାଏ। ଏହା ପ୍ଲେସମେଣ୍ଟ ଡ୍ରାଇଭ୍, କ୍ୟାରିଅର କାଉନ୍ସିଲିଂ ସେସନ୍ ଏବଂ ସ୍କ୍ରିନିଂ ଇଭେଣ୍ଟ୍ ଆୟୋଜନ କରି ବିଭିନ୍ନ ଶିକ୍ଷାନୁଷ୍ଠାନ ପାଇଁ ପ୍ରାର୍ଥୀଙ୍କୁ ପ୍ରସ୍ତୁତ କରିଥାଏ। ବର୍ତ୍ତମାନ ଟାଟା ଇଲେକ୍ଟ୍ରୋନିକ୍ସ, ହୋସୁରରେ ଆସେମ୍ବଲି ଅପରେଟର ଭାବରେ କେବଳ ମହିଳା ପ୍ରାର୍ଥୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇଥିଲା। ଏଥିରେ ଝାଡ଼ଖଣ୍ଡ ଏବଂ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଯୁବତୀମାନେ ଅଂଶଗ୍ରହଣ କରିଥିଲେ। ପୂର୍ବ ବ୍ୟାଚର ୩୦୦ରୁ ଅଧିକ ପ୍ରାର୍ଥୀଙ୍କ ସଫଳତା ସେମାନଙ୍କୁ ପ୍ରେରଣା ଯୋଗାଇଥିଲା, ଯେଉଁମାନେ ବର୍ତ୍ତମାନ ଟାଟା ଇଲେକ୍ଟ୍ରୋନିକ୍ସରେ କାର୍ଯ୍ୟରତ ଅଛନ୍ତି। ଏହି ନୂତନ ବ୍ୟାଚରେ ଓଡ଼ିଶାର ୧୫ ଜଣ ଯୁବତୀ ନିଯୁକ୍ତି ସୁଯୋଗ ପାଇଛନ୍ତି। ଟାଟା ଷ୍ଟିଲ ଫାଉଣ୍ଡେସନର ଏହି ପ୍ରୟାସ ଦକ୍ଷତା ବିକାଶକୁ ପ୍ରତ୍ୟକ୍ଷ ରୋଜଗାର ସହିତ ସାମିଲ କରି ଓଡ଼ିଶାର ଯୁବପିଢ଼ିଙ୍କୁ ଭାରତର ଉତ୍ପାଦନ କ୍ଷେତ୍ରରେ ସାମିଲ କରି ସେଥିରୁ ଲାଭାନ୍ୱିତ ହେବାର ସୁଯୋଗ ପ୍ରଦାନ କରୁଛି।

## ଆସିକା ବିଜ୍ଞାନ ମହାବିଦ୍ୟାଳୟରେ ଶକ୍ତିଶ୍ରୀ ସାଇକେଲ ରାଲି ଏବଂ ତ୍ରିରଙ୍ଗା ପଦଯାତ୍ରା




ଆସିକା, (ମହାଭାରତ) : ସରକାରଙ୍କ ନିର୍ଦ୍ଦେଶକ୍ରମେ ଦେଶପ୍ରେମ ଓ ରାଷ୍ଟ୍ରୀୟ ଗୌରବକୁ ଯୁବ ପୀଢ଼ୀଙ୍କ ମଧ୍ୟରେ ଅକ୍ଷୁର୍ଣ୍ଣ ରଖିବା ପାଇଁ ତ୍ରିରଙ୍ଗା ପଦଯାତ୍ରା ଆସିକା ବିଜ୍ଞାନ ମହାବିଦ୍ୟାଳର ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ଚୌଧୁରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଂପାଦିତ ହୋଇଯାଇଛି। ଏହି ପଦଯାତ୍ରାରେ ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ସ୍କାଉଟ୍, ଯୁବ ରେଡକ୍ରସ, ଜାତୀୟ ସେବା ଯୋଜନା ଏବଂ ରାଷ୍ଟ୍ରୀୟ ସମର ଶିକ୍ଷାର୍ଥୀ ବାହିନିର ସ୍ୱେଚ୍ଛାସେବୀ, କେଡେଟ୍ ଏବଂ ଅଧ୍ୟାପକ, ଅଧ୍ୟାପିକା, ଏବଂ କର୍ମଚାରୀ ସାମିଲ୍ ହୋଇଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ଦେଶଭକ୍ତିର ସ୍ଲୋଗାନ ଏବଂ ହର ଘର ତ୍ରିରଙ୍ଗା ଧରି କଲେଜ କ୍ୟାମ୍ପସରୁ ବାହାରି କଲେଜ ଛକ ନିକଟସ୍ଥ ରାଜାମ୍ମା ତୋରଣ ନିକଟରୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ପ୍ରଶାସନିକ ଅଧିକାରୀ ବିଭୁତି ଭୂଷଣ ବେବର୍ତ୍ତା, ସହ ପ୍ରଶାସନିକ ଅଧିକାରୀ ଡ. ଅଭୟ କେଶରୀ ପରିଚ୍ଛା ପଟ୍ଟନାୟକ, ଶୈକ୍ଷିକ ଅଧିକାରୀ ଡ. ସ୍ମିତାରାଣି ପଣ୍ଡା, ଉପ ପରୀକ୍ଷା ନିୟନ୍ତ୍ରକ ଡ. ନନ୍ଦିତା ଦାଶ, ୱାର୍ଲ୍ଡବ୍ୟାଙ୍କ ସମନ୍ୱୟକାରୀ ବିଘ୍ନରାଜ ପାଢ଼ୀ, ସ୍କାଉଟ୍ ରୋଭର୍ସର ଅଧିକାରୀ ସରୋଜ କୁମାର ପଣ୍ଡା, ଯୁବ ରେଡକ୍ରସ ଉପଦେଷ୍ଟା ରାଜେଶ କୁମାର ସାହୁ, ଡ. ମାଧୁରୀ ହେମ୍ବ୍ରମ, ଜାତୀୟ ସେବାଯୋଜନା ଅଧିକାରୀ ଚିତ୍ରସେନ ବେହେରା, ପବତ୍ର ଧଙ୍ଗଡାମାଝୀ, ସୁଶ୍ରୀ ଯୋଗେଶ୍ୱରୀ ଧରୁଆ, ଗୌତମ ମାଝୀଙ୍କ ସମେତ ସମସ୍ତ ଅଧାପକ ଅଧାପିକା ଏବଂ କର୍ମଚାରୀଙ୍କ ଅକୁଣ୍ଠ ସହଯୋଗରେ କାର୍ଯ୍ୟକ୍ରମ ସୂଚାରୁରୂପେ ସଂପାଦିତ ହୋଇପାରିଥିଲା।

## ଯୋଡା ମହିଳା ମହାବିଦ୍ୟାଳୟରେ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ




ଯୋଡା (ମହାଭାରତ)ମହିଳା ମହାବିଦ୍ୟାଳୟରେ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ କଲେଜର ଛାତ୍ରୀମାନେ ଜାତୀୟ ପତାକା ଧରି ସ୍ଥାନୀୟ ବନେଇକଳା ଅଞ୍ଚଳରେ ସହର ପରିକ୍ରମଣ କରିଥିଲେ ।ଏହା ପରେ ସ୍ୱାଧୀନତା ଦିବସ ଉପଲକ୍ଷେ କଲେଜର ସଭାଗୃହରେ ଛାତ୍ରୀମାନଙ୍କ ମଧ୍ୟରେ ଦେଶାତ୍ମବୋଧକ ସଙ୍ଗୀତ ଓ କ୍ୱିଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ କଲେଜର ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ଉପସ୍ଥିତ ଥିଲେ।

## ଗାଁ ମୁରବୀଙ୍କ ପରଲୋକ

ବାଲିଚନ୍ଦ୍ରପୁର,(ମହାଭାରତ): ବଡ଼ଚଣା ବ୍ଲକ ବାଲିପଡ଼ିଆ ପଞ୍ଚାୟତ ଦେକୁରି ଗ୍ରାମର ଗାଁ ମୁରବୀ ପ୍ରାଣକୃଷ୍ଣ ଦାସ (୯୪)ଙ୍କର ନିଜ ବାସଭବନରେ ପରଲୋକ ହୋଇଯାଇଛି। ସେ କିଛି ଦିନ ହେବ ବାର୍ଦ୍ଧକ୍ୟ ଜନିତ ରୋଗରେ ପିଡ଼ିତ ହୋଇ ଚିକିତ୍ସିତ ହୋଇଥିଲେ। ତାଙ୍କର ଦେହ ଗୁରୁତର ହେବାରୁ ପରିବାର ଲୋକେ ତାଙ୍କୁ ଗୋପାଳପୁର କ୍ଷେତ୍ରିୟ ଚିକିତ୍ସାଳୟରେ ଚିକିତ୍ସା କରାଇ ଘରକୁ ଆଣିବା ପରେ ତାଙ୍କର ଦେହାନ୍ତ ହୋଇଯାଇଥିଲା। ସେ ଜଣେ ପରୋପକାରୀ, ମିଷ୍ଟଭାସି, ସ୍ନେହି ତଥା ଧର୍ମପରାୟଣ ବ୍ୟକ୍ତି ଥିଲେ। ଗାଁରେ ସେ ବିଭିନ୍ନ ସମାଜିକ ଓ ଧାର୍ମିକ କାର୍ଯ୍ୟକ୍ରମରେ ଯୋଗଦେବା ସହ ସମାଜସେବାରେ ନିଜକୁ ନିୟୋଜିତ ରଖିଥିଲେ। ତାଙ୍କ ମୃତ୍ୟୁ ଶଜ୍ୟା ନିକଟରେ ତାଙ୍କ ପୁଅ, ବୋହୁ, ନାତୀ, ନାତୁଣୀ ଓ ଆତ୍ମିୟସ୍ୱଜନ ମାନେ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ଗୋକୁଳାନନ୍ଦ ଦାଶ, ଫକିର ମୋହନ ପାତ୍ର, ଗୋବିନ୍ଦ ଚନ୍ଦ୍ର ପୃଷ୍ଟି, କୁଳମଣି ମହାନ୍ତି, ପ୍ରାକ୍ତନ ସରପ□ ଅନିରୁଦ୍ଧ ସାମଲ, ସରୋଜ ବେହେରା, ପ୍ରାକ୍ତନ ସମିତି ସଭ୍ୟ ସୁମନ୍ତ କୁମାର ଜେନା, ରଘୁନାଥ ନାୟକ, ପ୍ରମୋଦ ପାତ୍ର, ବାବାଜି ଚରଣ ଦାସ ଓ ରବୀନ୍ଦ୍ର ଭଞ୍ଜ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ପରିବାର ବର୍ଗଙ୍କୁ ସମବେଦନା ଜ୍ଞାପନ କରିଥିଲେ। ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ନେଇ ଗ୍ରାମ ପରିକ୍ରମା କରାଇ ନିଜ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା ବେଳେ ବଡ଼ପୁଅ ଅନିରୁଦ୍ଧ ମୁଖାଗ୍ନି ଦେଇଥିଲେ। ବଡ଼ଚଣା ବିଧାୟକ ଅମର କୁମାର ନାୟକ, ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥି, ବିଜେଡ଼ି ନେତା କ୍ୟାପଟେନ ରାଜନାରାୟଣ ମହାପାତ୍ର, ତାପସ ରାୟ, ବାଲିପଡ଼ିଆ ସରପଞ୍ଚ କିଶୋର ଚନ୍ଦ୍ର ବେହୁରା, ସମିତି ସଭ୍ୟା ମନୋରମା ଭଞ୍ଜ ତାଙ୍କ ପରଲୋକଗତ ଖବର ପାଇ ଶୋକ ବ୍ୟକ୍ତ କରିବା ସହ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ। ତାଙ୍କ ବିୟୋଗରେ ବାଲିପଡ଼ିଆ ପଞ୍ଚାୟତ ତଥା ଆଖପାଖ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

## ବାଲିଗୁଡା ତୋଫାନ ଗ୍ରସ୍ତରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ



କନ୍ଧମାଳ(ମହାଭାରତ): କନ୍ଧମାଳ ଜିଲ୍ଲା ବାଲିଗୁଡା ଗ୍ରସ୍ତରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ।ଶ୍ରୀ ସାମଲ ସମେତ ଫୁଲବାଣୀ ବିଧାୟକ ଉମାଚରଣ ମଲିକ ,କନ୍ଧମାଳ ସାଂସଦ ଶୁକାନ୍ତ ପାଣିଗ୍ରାହି ,ଜିଲ୍ଲା ସଭାପତି ପଣ୍ଡିତ ବିଶିମାଝୀ,ପୂବତନ ବିଜେପି ଜିଲ୍ଲା ସଭାପତି ଜଗନ୍ନାଥ ସାହୁ ,ସାଂସଦ ପ୍ରତିନିଧି ରଞ୍ଜିତ ସାହୁ,ନଗର ସଭାପତି ଆଦିକନ୍ଦ ମହାରଣା ଓ ବହୁ କର୍ମୀ ,କାର୍ଯ୍ୟକର୍ତ୍ତା ଯୋଗଦାନ କରିଥିଲେ ।ରାଜ୍ୟ ସଭାପତିଙ୍କୁ ବାଲିଗୁଡା ହନୁମାନ ମନ୍ଦିର ଠାରେ ଫୁଲତୋଡା ଦେଇ ସମ୍ବୋଧିତ କରିବା ସହ ହଜାର ହଜାର କାର୍ଯ୍ୟକର୍ତ୍ତା ଓ କର୍ମୀଙ୍କ ଗହଣରେ ଏକ ବିଶାଳ ତ୍ରୀରଙ୍ଗା ପଦଯାତ୍ରାରେ ରାଜ୍ୟ ସଭାପତି ଶ୍ରୀଯୁକ୍ତ ମନମୋହନ ସାମଲଙ୍କୁ ପାଛୋଟି ନିଆଯାଇଥିଲା ।ଶେଷରେ ବାଲିଗୁଡା ଟାଉନ ହଲ ଠାରେ ଏହି ଯାତ୍ରାର ସମାପ୍ତ ହେବା ସହିତ ଏକ ଜନ ସଭାରେ ଉଦ୍ବୋଧନ ଦେଇଥିଲେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ।ଶ୍ରୀଯୁକ୍ତ ମନମୋହନ ସାମଲ ସକାଳେ ବରିଷ୍ଠ ବିଜେପି ନେତା ଗଙ୍ଗାଧର ସାହୁଙ୍କ ବାସଭବନରେ ପହଁଚି ସେଠାରେ ବାଲିଗୁଡା ଠାରେ ବିଜେପି ଦଳ କିଭଳି ଶକ୍ତିଶାଳୀ ହେବ ତାହା ଉପରେ ଆଲୋଚନା କରିବା ସହିତ ଚା ପିଇଥିବା ଦେଖିବାକୁ ମିଳିଥିଲା ।

## ଦଣ୍ଡପ୍ରଣାମ କରି ବସ୍ତା ରୁ ମା ତାରିଣୀ ପୀଠ ଘଟଗାଁ କୁ ଯାତ୍ରା



କରଞ୍ଜିଆ (ମହାଭାରତ) ମାନସିକ ଥିବାରୁ ଦଣ୍ଡ ପ୍ରଣାମ କରି କରି ଜଣେ ମାନସିକଧାରୀ ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ଅଞ୍ଚଳ ରୁ ମା ତାରିଣୀ ପୀଠ ଘଟଗାଁ କୁ ଯାତ୍ରା କରୁଛନ୍ତି। ବୁଧବାର ଦିନ ଏହି ମାନସିକ ଧାରୀ ଯୁବକ ଠାକୁରମୁଣ୍ଡା ରେ ପହଞ୍ଚି ଗୁରୁବାର ଦିନ ନିଜ ଗନ୍ତବ୍ୟ ସ୍ଥଳ କୁ ଦଣ୍ଡ ପ୍ରଣାମ କରି ଯାତ୍ରା କରିଛନ୍ତି ।ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ସିଁଧିଆ ଗ୍ରାମପ□ାୟତ ହଲଦୀଗୁଡି ଗ୍ରାମ ର ସଞ୍ଜୟ ବିଜୁଳି ନାମକ ଜଣେ ଯୁବକ ଗତ ଜୁଲାଇ ମାସ ୨୩ ତାରିଖ ଠାରୁ ଘରୁ ଦଣ୍ଡ ପ୍ରଣାମ କରି କରି ମା ତାରିଣୀ ପୀଠ କୁ ଯାଉଥିବା ବେଳେ ଠାକୁରମୁଣ୍ଡା ଠାରେ ତାଙ୍କୁ ଦେଖିବାକୁ ମିଳିଥିଲା।

## ଗୋଟେ ପଟେ ପୋଲିସର ପାଟ୍ରୋଲିଙ୍ଗ, ଅନ୍ୟ ପଟେ ଲୁଟେରାଙ୍କ ଉନ୍ମୁକ୍ତ କାଣ୍ଡ

ଅସ୍ତରଙ୍ଗ(ମହାଭାରତ) : ଅସ୍ତରଙ୍ଗ ଅଞ୍ଚଳ ଏକ ଉତ୍ତେଜନା ପ୍ରବଣ ଅଞ୍ଚଳ ହୋଇଥିବା ବେଳେ ବର୍ତ୍ତମାନ ଏହି ଅଞ୍ଚଳ ର ସୁରକ୍ଷା କୁ ନେଇ ପ୍ରଶ୍ନ ସୃଷ୍ଟି ହେଇଛି, ଆଗରୁ ଅନେକ ଥର ଅସ୍ତରଙ୍ଗ ଅଁଳ ରୁ ଛୋଟ ବଡ଼ ଚୋରୀ ଘଟିଆସୁଛି, ଅତୀତ ରେ ଅନେକ ଚୋରୀ ଉପରେ ଫରେନସିକ୍ ଟିମ୍ ଓ ଡଗ ସ୍କ୍ୱାଡ଼ ଆସି ତଦନ୍ତ କରିଥିଲେ ବି ଏହି ଚୋରୀ ଘଟଣା ର ତଦନ୍ତ କେତେ ଆଗେଇଛି । ଏହି ଘଟଣା ର ତଦନ୍ତ କେଉଁ ସ୍ଥିତି ରେ ରହିଛି ତାହା ବର୍ତ୍ତମାନ ଗଣମାଧମ କୁ ସୂଚନା ହସ୍ତାନ୍ତର ହୋଇନି,ଗତ ୧୨ ତାରିଖ ରାତ୍ର ୧:୩୦ ମିନିଟ ରୁ ୨ ଘଟିକା ଭିତର କଥା, ଅସ୍ତରଙ୍ଗ ବଜାର ଲକ୍ଷ୍ମୀ କଲ୍ୟାଣମଣ୍ଡପ ସାମ୍ନା କୁ ଆସି ଜଣେ ଦୁର୍ବୁର୍ତ୍ତ ମୁହଁ ରେ ନାଲି କପଡା ଘୁରାଇ ମଣ୍ଡପ ତଳେ ଥିବା ଗହଣା ଦୋକାନ ସାମ୍ନା ରେ ପହଞ୍ଚି ସିସି କ୍ୟାମେରା ଓପାଡି ନେଇ ପଳେଇଯାଇଛନ୍ତି, ପରଦିନ ସକାଳୁ ବ୍ୟବସାୟୀ ଆସି ଦେଖିଥିଲେ ତାଙ୍କ ସିସି କ୍ୟାମେରା ନାହିଁ, ଭିତରେ ଯାଇ ସିସି ଟିଭି ଫୁଟେଜ ଯାଞ୍ଚ କରିବାରୁ ଜାଣିବାକୁ ପାଇଥିଲେ କେହି ଜଣେ ଦୁର୍ବୁର୍ତ୍ତ ଚୋରୀ କରିବା ଉଦ୍ଦେଶ୍ୟ ରେ ଆସିଥିଲେ କିନ୍ତୁ ଚୋରୀ କରିବାରେ ଅସମର୍ଥ ହେବାରୁ କ୍ୟାମେରା ଓପାଡି ନେଇ ଚାଲିଯାଇଛନ୍ତି, ଜୀବନ ସୁରକ୍ଷା ଦୃଷ୍ଟି ରୁ ଉକ୍ତ ବ୍ୟବସାୟୀ ମାନେ ଥାନା ରେ କୌଣସି ଅଭିଯୋଗ କରିନାହାନ୍ତି, ଏବେ ପ୍ରଶ୍ନ ଉଠୁଛି ଯେ ଯଦି ରାତ୍ର ରେ ପୋଲିସ ର ପେଟ୍ରୋଲିଙ୍ଗ ସଠିକ ହେଉଛି ତାହେଲେ କିପରି ଲୁଟେରା ମାନେ ଏହିଭଳି ଜଘନ୍ୟ କାଣ୍ଡ ଘଟେଇବାକୁ ସାହସ କରୁଛନ୍ତି, ଗୋଟେ ପଟେ ଦେଖିବାକୁ ଗଲେ ଉକ୍ତ ବିଲିଡିଙ୍ଗ ରେ ଲକ୍ଷାଧିକ ଟଙ୍କା ର ମଣ୍ଡପ ସାମଗ୍ରୀ, ଭେଷ୍ଟିଜ ଦୋକାନ, ଗାଦି ସୋରୁମ, ଗହଣା ଦୋକାନ, କୋଠା ସହିତ ସଂଲଗ୍ନ ହୋଇଥିବା ଅନ୍ୟ କୋଠା ରେ ମଧ ଦୋକାନ ରହିଛି, ନିକଟରେ ୨ ଗୋଟି ବ୍ୟାଙ୍କ, ତାହେଲେ ଏଠି ସାଧାରଣ ଲୋକ ବ୍ୟବସାୟୀ କେତେ ସୁରକ୍ଷିତ ବୋଲି ପ୍ରଶ୍ନ ଉଠୁଛି, ବର୍ତ୍ତମାନ ଥାନା ରେ ଅଭିଯୋଗ କଲେ ଆସନ୍ତା ଦିନରେ ଚୋର ଙ୍କ ଟାର୍ଗେଟ କୁ ଆସିଯିବୁ ବୋଲି ବ୍ୟବସାୟୀ ଭୟ ରେ ଆତୁର, କାରଣ ଅତୀତ ରେ କାକଟପୁର କୁଣ୍ଢେଇ ରେ ସୁନା ଦୋକାନୀ ଙ୍କୁ ଗୁଳିମାଡ଼ ହୋଇଥିବା ଘଟଣା ତାଙ୍କ ସାମ୍ନା କୁହ ଆସିଯାଉଛି, ଏବେ ଜିଲ୍ଲା ପ୍ରଶାସନ ଏହି ଘଟଣା ଉପରେ ଗୁରତ୍ୱର ସହ ହସ୍ତକ୍ଷେପ କରି ରାତ୍ର ଲୁଟେରା ଙ୍କୁ ଧରିବାକୁ ସକ୍ଷମ ହେଲେ ସ୍ଥାନୀୟ ଲୋକ ସୁରକ୍ଷିତ ରହିପାରିବେ ବୋଲି ବୁଦ୍ଧିଜୀବୀ ମହଲ ରେ ଚର୍ଚ୍ଚା ହେଉଛି।

## ଟାଟା ପାୱାର ନେତୃତ୍ୱାଧୀନ ଓଡିଶା ଡିସ୍କମ୍‌ଗୁଡିକ ପକ୍ଷରୁ 'ସୁରକ୍ଷା କବଚ' ଆରମ୍ଭ

ଭୁବନେଶ୍ୱର(ମହାଭାରତ): ସୁରକ୍ଷା ଏବଂ ପରିଚାଳନା ଉତ୍କର୍ଷ ପ୍ରତି ଅଟଳ ପ୍ରତିବଦ୍ଧତାକୁ ଦୋହରାଇ ଟାଟା ପାୱାର ନେତୃତ୍ୱାଧୀନ ଓଡିଶା ଡିସକମଗୁଡ଼ିକ ଏକ ପରିବର୍ତନଶୀଳ ଡିଜିଟାଲ୍ ସମାଧାନ 'ସୁରକ୍ଷା କବଚ' ଆରମ୍ଭ କରିଛନ୍ତି ।ଏହି ପ୍ରଯୁକ୍ତି ସମ୍ବଳିତ ସୁରକ୍ଷା ପ୍ରାଚୀର ଓଡିଶାରେ ହାଇ ଟେନ୍‌ସନ୍ (ଏଚ୍‌ଟି) ନେଟୱାର୍କ କାର୍ଯ୍ୟଗୁଡିକୁ କିପରି ନିର୍ବାହ କରାଯାଉଛି ତାହାକୁ ପୁନର୍ଗଠନ କରିଥିବା ବେଳେ ପରମିଟ୍ ଟୁ ୱାର୍କ (ପିଟିଡବ୍ଲ୍ୟୁ) ପଦ୍ଧତିକୁ ଏକ ଦୃଢ଼ ଡିଜିଟାଲ୍ ଢାଂଚା ଅଧୀନରେ ସୁରକ୍ଷା ପ୍ରୋଟୋକଲ୍ ପାଳନ ସହିତ ସଂଯୋଜିତ କରିଛି ।ସୁରକ୍ଷା କବଚ ହେଉଛି ଏକ ସମ୍ପୂର୍ଣ୍ଣ ଟୁଲ୍ ଯାହା ବିଦ୍ୟୁତ ବଣ୍ଟନ କାର୍ଯ୍ୟଗୁଡିକର ଗୁରୁତ୍ୱପୂର୍ଣ୍ଣ ଦିଗଗୁଡିକୁ ସୁରକ୍ଷା ଏବଂ ପରିଚାଳନାକୁ ଏକତ୍ରୀତ କରିଛି । ଏଚ୍‌ଟି ଲାଇନ୍ ଉପରେ ପ୍ରତ୍ୟେକ କାର୍ଯ୍ୟକ୍ରମ ଏହି ପ୍ଲାଟଫର୍ମ ମାଧ୍ୟମରେ ଏକ ଡିଜିଟାଲ୍ ପରମିଟ୍ ସୁରକ୍ଷିତ କରିବା ପରେ ହିଁ ନିର୍ବାହ କରାଯାଉଛି ଯାହା ଦ୍ୱାରା ସୁରକ୍ଷା ପ୍ରୋଟୋକଲ୍ ଦୈନନ୍ଦିନ କାର୍ଯ୍ୟରେ ସଂଯୋଜିତ ହୋଇପାରିଛି । ଏହି ପ୍ରଣାଳୀରେ ଏମ୍ବେଡେଡ୍ ଉପକରଣ ଡାଟାବେସ୍, ପ୍ରି-ମାପିଂ ଅନୁମୋଦନ, ଢ଼ାଂଚାଗତ ସୁରକ୍ଷା ଚେକଲିଷ୍ଟ, ଏବଂ ଏସଏମ୍‌ଏସ୍ ଏବଂ ହ୍ୱାଟସ୍‌ଆପ୍ ମାଧ୍ୟମରେ ବାସ୍ତବ ଯୋଗାଯୋଗ ସୁବିଧା ଆଦି ସାମିଲ ରହିଛି ଯାହା ଏକ ଶୂନ୍ୟ-ସମାଧାନ ସୁରକ୍ଷା ସଂସ୍କୃତିକୁ ଆଗକୁ ବଢ଼ାଉଛି। ୱେବ୍ ପୋର୍ଟାଲ୍, ମୋବାଇଲ୍ ଆପ୍ ଏବଂ ଏସ୍‌ଏପି ସଂଯୋଗ ମାଧ୍ୟମରେ ଏହି ସାଧନର ବହୁ-ପ୍ଲାଟଫର୍ମ୍‌କୁ ବ୍ୟବହାର କରିବା କ୍ଷମତା ଲାଇନମ୍ୟାନ୍ ଏବଂ ସବଷ୍ଟେସନ୍ ଅପରେଟର୍ ଭଳି ମୌଳିକ ସ୍ତରର କର୍ମଚାରୀମାନେ ମଧ ପ୍ରଯୁକ୍ତିଗତ ଦକ୍ଷତା ବ୍ୟବହାର କରିବାକୁ ସୁନିଶ୍ଚିତ କରୁଛି । ଆଭ୍ୟନ୍ତରୀଣ ଦକ୍ଷତା ଏବଂ ସୁରକ୍ଷା ବ୍ୟତୀତ ସୁରକ୍ଷା କବଚ ଗ୍ରାହକ ଅନୁଭୂତିକୁ ମଧ ବିଶେଷ ଭାବରେ ଉନ୍ନତ କରିଛି। ଭୌଗୋଳିକ ସୂଚନା ପ୍ରଣାଳୀ (ଜିଆଇଏସ୍), ଶକ୍ତି ଅଡିଟ୍ ଗ୍ରୁପ୍ (ଇଏଜି), ଏବଂ ସମାନ ଧରଣର ସୁରକ୍ଷା ଏବଂ ପରିଚାଳନା କାର୍ଯ୍ୟପ୍ରଣାଳୀ ସହିତ ଡାଟା ସଂଯୋଗ କରି ଏହି ପ୍ଲାଟଫର୍ମ ଗ୍ରାହକଙ୍କ ସହିତ ସକ୍ରିୟ ଯୋଗାଯୋଗକୁ ସକ୍ଷମ କରୁଛି। ଗ୍ରାହକମାନେ ଯୋଜନାବଦ୍ଧ ବିଦ୍ୟୁତ୍ ବିଭ୍ରାଟ ବିଷୟରେ ପୂର୍ବ ଅନୁମୋଦିତ ଏସଏମ୍‌ଏସ୍ ନୋଟିଫିକେସନ ପାଇଥାନ୍ତି ଯାହା ଫଳରେ ସେମାନେ ପୂର୍ବରୁ ପ୍ରସ୍ତୁତ ହୋଇପାରିବେ ଏବଂ ଅସୁବିଧା କମ୍ ହୋଇପାରିବ ।ସୁରକ୍ଷା କବଚରୁ ମିଳୁଥିବା ଡାଟା, ୱେବସାଇଟରେ ଗ୍ରାହକମାନଙ୍କୁ ବିଦ୍ୟୁତ୍ ଯୋଗାଣ ବିଭ୍ରାଟ ସମ୍ପର୍କରେ ସଠିକ ସମୟରେ ସୂଚନା ଦେଇଥାଏ। ଏହା




ସହିତ ରିଅଲ ଟାଇମ ଲିଙ୍କେଜ୍ ମାଧ୍ୟମରେ ଡିସକମ୍‌ର ୱେବସାଇଟରେ ବିଦ୍ୟୁତ୍ ଯୋଗାଣର ଗୁଣବତ୍ତା ସମ୍ପର୍କରେ ମଧ ସ୍ୱୟଂଚାଳିତ ଭାବେ ଗ୍ରାହକମାନଙ୍କ ପାଇଁ ସୂଚନା ଉପଲବ୍ଧ ହୁଏ। ଏହା ବ୍ୟତୀତ ଏହି ପ୍ଲାଟଫର୍ମ୍ ଯୋଜନାବଦ୍ଧ ଏବଂ ଅଣ ଯୋଜନାବଦ୍ଧ ରକ୍ଷଣାବେକ୍ଷଣ କାର୍ଯ୍ୟକ୍ରମର ଶୀଘ୍ର, ସୁରକ୍ଷିତ, ଏବଂ ସମନ୍ୱିତ କ୍ଷେତ୍ର ନିର୍ବାହ ନିଶ୍ଚିତ କରୁଛି। ଏହା ସିଧାସଳଖ ଭାବେ ଦ୍ରୁତ ସୁଧାର ସମୟ, ଡାଉନଟାଇମ୍ ହ୍ରାସ ଏବଂ ଅଧିକ ବିଶ୍ୱସନୀୟ ବିଦ୍ୟୁତ୍ ଯୋଗାଣ ଫଳରେ ସାମଗ୍ରିକ ଗ୍ରାହକ ସନ୍ତୁଷ୍ଟି ବୃଦ୍ଧି ପାଇଛି ।ଏହି ଟୁଲ୍ ବାସ୍ତବ ସମୟ ନିରୀକ୍ଷଣ ଏବଂ ପ୍ରଦର୍ଶନକୁ ସମର୍ଥନ କରୁଥିବା ବେଳେ କେନ୍ଦ୍ରୀୟ ଡାଟାକୁ ଏହା ଟିମ୍ ଓ ସ୍ଥାନଗୁଡ଼ିକରେ ପହଂଚାଉଛି। ଫଳସ୍ୱରୂପ ଏହା ଦୈନିକ, ମାସିକ, ଏବଂ ବାର୍ଷିକ ମାପଦଣ୍ଡ ସ୍ୱୟଂଚାଳିତ ଭାବେ ସୃଷ୍ଟି କରିବା ପାଇଁ ବ୍ୟବହୃତ ହେଉଛି। ମାନୁଆଲ୍ ହସ୍ତକ୍ଷେପକୁ ଦୂର କରି ଏହା ଡାଟା ସତ୍ୟତା ନିଶ୍ଚିତ କରୁଛି ଏବଂ ସେବା ଗୁଣବତ୍ତା ରେ ନିରନ୍ତର ଉନ୍ନତି ପାଇଁ ଡାଟା-ଆଧାରିତ ସିଦ୍ଧାନ୍ତ ନେବା ପାଇଁ ଟିମ୍‌କୁ ସଶକ୍ତ କରୁଛି ।ବର୍ତମାନ ସୁଦ୍ଧା ଓଡିଶାରେ ସୁରକ୍ଷା କବଚ ମାଧ୍ୟମରେ ୨୧ ଲକ୍ଷରୁ ଅଧିକ ପରମିଟ୍ ଜାରି କରାଯାଇଛି ଯାହା ଏହାର ବ୍ୟାପକ ଗ୍ରହଣ ଏବଂ ପ୍ରଭାବକୁ ପ୍ରତିଫଳିତ କରୁଛି। ଏହା କେବଳ ଏକ ଡିଜିଟାଲ୍ ଟୁଲ୍ ନୁହେଁ, ସୁରକ୍ଷା କବଚ ହେଉଛି ବିଦ୍ୟୁତ୍ ବଂଟନ କ୍ଷେତ୍ର ପାଇଁ ଏକ ବ୍ୟାପକ ମଡେଲ୍ ଯାହା ସୁରକ୍ଷା ଦୃଢ଼ କରିବା, ସ୍ୱଚ୍ଛତା ବୃଦ୍ଧି କରିବା ଏବଂ ଡାଟା-ଆଧାରିତ ସିଦ୍ଧାନ୍ତ ନେବାକୁ ସମର୍ଥନ କରିବାର କ୍ଷମତା ରଖିଛି । ଏହା ଏକ ସମାଧାନ ପ୍ରସ୍ତୁତ କରୁଛି ଯାହା ପରିଚାଳନା ଆଧୁନିକୀକରଣ କରିବା ସମୟରେ କର୍ମଚାରୀ ଏବଂ ଗ୍ରାହକ ସୁରକ୍ଷାକୁ ପ୍ରାଥମିକତା ଦେଉଛି।

## ଖଣି ଅଧିକାରୀ ଙ୍କ ଚଢାଉରେ ହାଇୱା ମାଲିକଙ୍କ ମଧ୍ୟରେ ଛାନିଆ

ହାଟଡିହି(ମହାଭାରତ):କେନ୍ଦୁଝର ଜିଲ୍ଲା ହାଟଡିହୀ ବ୍ଲକ ଜଳସରପୁର -ଢ଼ଅଁର ରାସ୍ତାରେ ବାଲି ବୋଝେଇ କରି ଯାଉଥିବା ତିନି ହାଇୱାକୁ କେନ୍ଦୁଝର ଖଣି ବିଭାଗ ଜବତ କରିଛି । ସୂଚନା ଅନୁଯାୟୀ ଗତ ଜୁନ ୫ ତାରିଖରୁ ବାଲି ଉତ୍ତୋଳନ ବନ୍ଦ କରିବାକୁ ନିର୍ଦେଶ ଜାରି ହୋଇଥିଲା । କିନ୍ତୁ ନିର୍ଦେଶ ପରେ ମଧ ପାଣି ଭରା ନଦୀରୁ ଯାନ୍ତ୍ରିକ ପଦ୍ଧତିରେ ବାଲି ଉତ୍ତୋଳନ ଏବଂ ପରିବହନ କରାଯାଉଥିବା ଅଭିଯୋଗ ହୋଇଥିଲା । ଗତ ବୁଧବାର ବିଳମ୍ବିତ ରାତିରେ ଖଣି ବିଭାଗ ତରଫରୁ ହାଟଡିହୀ ଅଞ୍ଚଳରେ ଚେକିଂ କରାଯାଇଥିଲା । କେନ୍ଦୁଝର ଖଣି ବିଭାଗ ଅଧିକାରୀ କହିଛନ୍ତି ଯେ ତିନି ବାଲି ବୋଝେଇ ହାଇୱା ଜବତ ହୋଇଛ। ଦୁଇ ଜଣ ଚାଳକଙ୍କୁ ଧରିଛୁ ।ଏହି ଗାଡି ଗୁଡିକ ଲିଜ ଏରିଆକୁ ଛାଡି ଅନ୍ୟ ସ୍ଥାନରୁ ବାଲି ଉତ୍ତୋଳନ କରି ପରିବହନ କରୁଥିବା ପ୍ରାଥମିକ ଅନୁସନ୍ଧାନରୁ ଜଣାପଡିଛି । ହାଟଡିହୀ ଅଞ୍ଚଳର ପାର୍ଥ ନାମକ ଜଣେ ବ୍ୟକ୍ତି ଏହି ବାଲି ଉତ୍ତୋଳନର ମୁଖ୍ୟ ବୋଲି ସ୍ଥାନୀୟ ଲୋକ ମାନେ କହୁଥିବା ଖଣି ଅଧିକାରୀ ସିଂ କହିଛନ୍ତି ।ଆହୁରି ମଧ କହିଛନ୍ତି ଯେ ସବୁ ଲିଜ ଘାଟରେ ସିସି କ୍ୟାମେରା ଲାଗିଛି । ସେଗୁଡିକୁ ଚେକ କଲେ ସେଠାରୁ ବାଲି ଉତ୍ତୋଳନ ହୋଇ ପରିବହନ ହେଉଛି କି ନାହିଁ ଜଣାପଡିବ ।

## ମହିଳା କଲେଜ ରେ ବିଦ୍ୟାର୍ଥୀ ଙ୍କୁ ଫାଲେରିଆ ଔଷଧ ବଣ୍ଟନ



ଆସିକା (ମହାଭାରତ): ଗଞ୍ଜାମ ଜିଲ୍ଲା ଆସିକା ନିରଞ୍ଜନ ମହିଳା ମହାବିଦ୍ୟାଳୟ ର ବିଦ୍ୟାର୍ଥୀ ଙ୍କୁ ଫାଲେରିଆ ଔଷଧ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଓଡିଶା ସରକାର ଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏବଂ ଗଞ୍ଜାମ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ର ସହଯୋଗ ରେ ଏହି ମହାବିଦ୍ୟାଳୟ ର ରେଡ କ୍ରସ ବାହିନୀ ର ମିଳିତ ଉଦ୍ୟମ ରେ ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଅନ୍ତର୍ଗତ ସାମୁହିକ ଫାଲେରିଆ ବଟିକା ବଣ୍ଟନ ମେଳା ଅନୁଷ୍ଠିତ ହୋଇଥିଲା । ଏହି ବଟିକା ସେବନ କାର୍ଯ୍ୟକ୍ରମ କୁ ଅଧ୍ୟକ୍ଷପିକା ଡ଼. ଲିନା ଲିଲିୟକ୍ଷନ ସଂଯୋଜନା ରେ କଲେଜ ଅଧକ୍ଷ ଡ଼ଃ ସରୋଜ କୁମାର ଜେନା,ଡ଼. ଉର୍ମିଳା ମୁଦୁଲି,ଡ଼. ଜୟଶ୍ରୀ ମଲ୍ଲିକ,ପ୍ରୀତି ପାତ୍ର,ଭାଗ୍ୟ ଲକ୍ଷ୍ମୀ ପ୍ରଧାନ,ସମେତ ଅନେକ ଅଧ୍ୟାପକ, ଅଧ୍ୟାପିକା ସହଯୋଗ କରିଥିଲେ। ମହାବିଦ୍ୟାଳୟ ର ୨୦୦ ରୁ ଉର୍ଦ୍ଧ ଏହି ବଟିକା ସେବନ କରିଥିଲେ।

## ଆସିକାରେ ଠାରେ ଗଞ୍ଜାମ ଜିଲ୍ଲା ପଶ୍ଚିମ କଂଗ୍ରେସ ପକ୍ଷରୁ ମଶାଲ ଶୋଭାଯାତ୍ରା

ଆସିକା (ମହାଭାରତ): ଗତ ସାଧାରଣ ନିର୍ବାଚନରେ ଇଭିଏମ ମାଧ୍ୟମରେ ବିଜେପି ଭୋଟ ଚୋରି କେନ୍ଦ୍ରରେ କ୍ଷମତା ଦଖଲ କରିବା ଅଭିଯୋଗ ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ନିର୍ଦ୍ଦେଶ କ୍ରମେ ଆଜି ସାରା ଦେଶରେ ମଶାଲ ଶୋଭାଯାତ୍ରା କରାଯାଇଛି। ଏହି କ୍ରମରେ ଓଡିଶା କଂଗ୍ରେସ ପିସିସି ସଭାପତି ଭକ୍ତ ଚରଣ ଦାସ ଙ୍କ ନିର୍ଦ୍ଦେଶ କ୍ରମେ ଆସିକା ପଶ୍ଚିମ କଂଗ୍ରେସ ପକ୍ଷରୁ ଏକ ବିରାଟ ମଶାଲ ଶୋଭାଯାତ୍ରା ରାଜ୍ୟ କଂଗ୍ରେସ ଉପସଭାପତି ତଥା ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନାଙ୍କ ନେତୃତ୍ୱରେ ଆସିକା ବିଜୁ ପଟ୍ଟନାୟକ ଛକ ଠାରୁ ଆରମ୍ଭ ହୋଇ ସାରା ଆସିକା ସହର ପରିକ୍ରମା କରି ଆସିକା ଟାଉନ ହଲ ପଡିଆ ଠାରେ ଏକ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ସାରା ଭାରତ ବର୍ଷର ଇ ଭିଏମ ଦ୍ୱାରା ପରିଚାଳିତ ନିର୍ବାଚନ ପ୍ରକ୍ରିୟା କି ଭଳି ଟେମ୍ପରିଙ୍ଗ କରି କେନ୍ଦ୍ର ରେ ତୃତୀୟ ଥର ପାଇଁ ବିଜେପି କ୍ଷମତାରେ ରହିବା ସହ ଅନ୍ୟ ସମସ୍ତ ରାଜ୍ୟରେ ଏହି ଇ ଭିଏମ ଟେମ୍ପରିଙ୍ଗ କରି ସମ୍ପୃକ୍ତ ରାଜ୍ୟରେ ଶାସନ ଭାର ହାତଉଛି। ଏହା କିଭଳି ହାତଉଛି କେନ୍ଦ୍ର ନିର୍ବାଚନ କମିଶନର ଆଗରେ ରାହୁଲ ଗାନ୍ଧୀ ଏକ ତଥ୍ୟ ଭିତ୍ତିକ ପ୍ରମାଣ ଦେଇଥିଲେ। ଏହା ସାରା ଭାରତ ବର୍ଷର ଗଣତନ୍ତ୍ର ପାଇଁ କିଭଳି ବିପଦ ତାହା ଲୋକଲୋଚନ କୁ ଆଣିଥିଲେୟ ଏହାକୁ ଭାରତ ବର୍ଷରେ ତୀବ୍ର ବିରୋଧ କରାଯାଇଛି। ନିର୍ବାଚନ କମିଶନର ଙ୍କୁ ତଥ୍ୟ ମଗାଇବାରୁ ତାଙ୍କ ୱେବ ସାଇଟ କୁ ହ୍ୟାକ କରାଯାଇଛି। ଏହାର ପ୍ରତିବାଦରେ ଆଜି ହଜାର ହଜାର କଂଗ୍ରେସ ର ହଜାର ହଜାର ସମର୍ଥକ ଏକ ତ୍ରିତ ହୋଇ ଏହି ମଶାଲ ଶୋଭାଯାତ୍ରାରେ ସାମିଲ ହୋଇଥିଲେୟ ଏହି ଶୋଭାଯାତ୍ରାରେପଶ୍ଚିମ କଂଗ୍ରେସ ସଭାପତି ଦେବାକନ୍ତ ଶର୍ମା,ରାଜ୍ୟ ଉପସଭାପତି କଂଗ୍ରେସ ଲଲାଟେନ୍ଦୁ ମହାପାତ୍ର, ପଶ୍ଚିମ କଂଗ୍ରେସ ପର୍ଯ୍ୟବେକ୍ଷକ ବିଜୟ ପ୍ରଧାନ,ସୋରଡ଼ା ବିଧାୟକ ପାର୍ଥି ହରେକୃଷ୍ଣ ରଥ, କଂଗ୍ରେସ ନେତ୍ରୀ ସୂଦୀପ୍ତା ଦାସ, ପ୍ରିୟାଂଶୁ ପରିଡା ପ୍ରମୁଖ ସାମିଲ ଥିଲେ।

## ଠାକୁରମୁଣ୍ଡା ଡାକ ବିଭାଗ ତରଫରୁ ହର ଘର ତ୍ରିରଙ୍ଗା ଶୋଭା ଯାତ୍ରା

କରଞ୍ଜିଆ,(ମହାଭାରତ) ଠାକୁରମୁଣ୍ଡା ଡାକ ବିଭାଗ ତରଫରୁ ଠାକୁରମୁଣ୍ଡା ବ୍ଲକ ରେ ଏକ ହର ଘର ତ୍ରିରଙ୍ଗା ପ୍ରଭାତ ଫେରି ଅନୁଷ୍ଠିତ ହୋଇଯାଇଛି ।ଏହି ସଭାଜାତ୍ରା ଠାକୁରମୁଣ୍ଡା ଡାକ ଘରୁ ବାହାରି ବ୍ଲକ ଛକ ,ହନୁମାନ ଛକ, ମେଡିକାଲ ଛକ ଓ ବଜାର ପରିକ୍ରମା କରିଥିଲା । ଏହି ସଭାଜାତ୍ରା ରେ କରଞ୍ଜିଆ ବିଧାୟକ ପଦ୍ମ ଚରଣ ହଇବୁରୁ ଯୋଗ ଦେଇ ଅଞ୍ଚଳ ବାସୀଙ୍କୁ ସ୍ୱାଧୀନତା ଦିବସରେ ପ୍ରତ୍ୟେକ ଘରେ ତ୍ରିରଙ୍ଗା ଲଗାଇ ସ୍ୱାଧୀନତା ଦିବସ କୁ ପାଳନ କରିବା ପାଇଁ ଲୋକମାନଙ୍କୁ ସଚେତନ କରିଥିଲେ। କାର୍ଯ୍ୟକ୍ରମରେ ରାଇରଙ୍ଗପୁର ମଣ୍ଡଳ ଡାକ ଅଧିକ୍ଷକ ଗୌରାଙ୍ଗ ଚରଣ ବେହେରା ଙ୍କ ନେତୃତ୍ୱ ରେ ପରିଚାଳିତ ହେଇଥିଲା ।

## ବିଭିନ୍ନ ଅଭିଯୋଗ ନେଇ ଅଖାପଲାଶ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ତାଲା,ପ୍ରଧାନ ଶିକ୍ଷକ ଙ୍କ ଅନ୍ୟତ୍ର ବଦଳି



କରଞ୍ଜିଆ, (ମହାଭାରତ) ବିଦ୍ୟାଳୟ ର ବିଭିନ୍ନ ପ୍ରକାର ସମସ୍ୟା ର ସମାଧାନ ଓ ପ୍ରଧାନଶିକ୍ଷକ ଙ୍କ ବଦଳି ଦାବୀ କରି ଗୁରବାର ଦିନ ମୟୁରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଅଖାପଲାଶ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଭିଭାବକ ମାନେ ତାଲା ପକାଇ ଦେଇଥିଲେ ।ଖବର ପାଇ ଠାକୁରମୁଣ୍ଡା ବିଡିଓ ଓ ବ୍ଲକ ଶିକ୍ଷା ଅଧିକାରୀ ବିଦ୍ୟାଳୟ ରେ ପହଞ୍ଚି ଅଭିବାବକ ଙ୍କ ସହିତ ଆଲୋଚନା କରି ସମସ୍ୟା ର ସମାଧାନ କରିବାକୁ ପ୍ରତିଶ୍ରୁତି ଦେବା ସହିତ ପ୍ରଧାନଶିକ୍ଷକ ଙ୍କୁ ଅନ୍ୟତ୍ର ବଦଳି କରିଥିଲେ। ବିଦ୍ୟାଳୟ ରେ ନିମ୍ନମାନ ର ମଧାହ୍ନ ଭୋଜନ,ଅପରିଷ୍କାର, ସହିତ ପ୍ରଧାନ ଶିକ୍ଷକ ଙ୍କ ବଦଳି ଦାବୀ କରି ଏହାର ସମାଧାନ ପାଇଁ ଠାକୁରମୁଣ୍ଡା ବ୍ଲକ ଶିକ୍ଷା ଅଧିକାରୀ ଓ ବିଡିଓ ଙ୍କୁ ପୂର୍ବରୁ ଲିଖିତଭାବରେ ଜଣାଇ ଥିଲେ ।କିନ୍ତୁ ଅଭିଯୋଗ ର ସମାଧାନ ନ ହେବାରୁ ଗ୍ରାମବାସୀ ମାନେ ସକାଳ ୯.୩୦ ମିନିଟ ସମୟରେ ବିଦ୍ୟାଳୟ ର ମୁଖ୍ୟ ଫାଟକ ରେ ତାଲା ପକାଇ ଦେଇଥିଲେ ।ତାଲା ପଡିଥିବା ର ଖବର ପାଇ ଠାକୁରମୁଣ୍ଡା ବିଡିଓ ସପନେଶ୍ୱର ବେହେରା ,ବ୍ଲକ ଶିକ୍ଷା ଅଧିକାରୀ କୁଞ୍ଜ ବିହାରୀ ପ୍ରଧାନ, ସରପ□ ଦଶମା ସଏ, ସେମିତି ସଭ୍ୟ ପ୍ରତାପ ନାଏକ ବିଦ୍ୟାଳୟ ରେ ପହଞ୍ଚି ଗ୍ରାମବାସୀ ମାନଙ୍କ ଅଭିଯୋଗ ଶୁଣି ଥିଲେ ।ବିଦ୍ୟାଳୟ ର ସମସ୍ୟା ଗୁଡିକୁ ସମାଧାନ କରାଯିବା ସହିତ ପ୍ରଧାନ ଶିକ୍ଷକ ସୁଶାନ୍ତ ସେନାପତି ଙ୍କୁ ଡଙ୍ଗାଡ଼ିହା ପ୍ରାଥମିକ ବିଦ୍ୟାଳୟ କୁ ବଦଳି କରିଥିଲେ। ଏହାପରେ ଅଭିଭାବକ ମାନେ ତାଲା ଖଲି ପାଠ ପଢ଼ା ସ୍ୱାଭାବିକ ହେଇଥିଲା ।

## ମେସ୍କୋ କାରଖାନା ଫାଟକ ସମ୍ମୁଖରେ ବସିରହିଲେ ବିସ୍ଥାପିତ ଓ କର୍ମଚାରୀ ବୃନ୍ଦ

ଦାନଗଦି:(ମହାଭାରତ) କାରଖାନା ଫାଟକ ସମ୍ମୁଖରେ ବିସ୍ଥାପିତ ଜମିହରା କ୍ଷତିଗ୍ରସ୍ତ ଓ କର୍ମଚାରୀ ଆନ୍ଦୋଳନ ରେ ବସିଥିବାବେଳେ ନ୍ୟାୟ ଦାବିରେ କର୍ମଚାରୀ ବୁଧବାର ପୂର୍ବାହ୍ନ ସମୟରେ ମୋହମ୍ମଦ ଜାହିଦ ଙ୍କ ସଭାପତିତ୍ୱ ରେ ବିସ୍ଥାପିତ ଓ କର୍ମଚାରୀ ଆନ୍ଦୋଳନ ରେ ବସିରହିଥିଲେ ।ଏହି ଆନ୍ଦୋଳନ ରେ ଶତାଧିକ କର୍ମଚାରୀ ଉପସ୍ଥିତ ରହିଥିବାସହ କାରଖାନା ମାଲିକ ବାରମ୍ବାର ମିଛ ପ୍ରତିଶୃତି ଦେଇ ଜିଲ୍ଲା ପ୍ରଶାସନ ଓ ସରକାର ଙ୍କୁ ଠକୁଥିବା ବେଳେ ନା ଜିଲ୍ଲାପ୍ରଶାସନ ନା ସରକାର କାରଖାନା ଚାଲୁକରିବାପାଇଁ କୌଣସି ପଦକ୍ଷେପ ନ ନେବା ବିସ୍ଥାପିତ ପରିବାର ଓ କର୍ମଚାରୀ ଙ୍କୁ ମର୍ମାହତ କରୁଛି। କାରଖାନା ପାଇଁ ବିସ୍ଥାପିତ ହୋଇଥିବା ପରିବାର ଆଜି ଦୁଃଖ ଓ ଦୁର୍ଦଶା ଭୋଗ କରୁଥିବାବେଳେ ସରକାର ନୂଆ ନୂଆ ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ବାହାର ଦେଶର ପୁଞ୍ଜିପତି ମାନଙ୍କୁ ନିମନ୍ତ୍ରଣ କରୁଛନ୍ତି। ଏବଂ କଳିଙ୍ଗନଗରରେ ଦିନକୁ ଦିନ ଅନେକ କାରଖାନା ବୃଦ୍ଧି ପାଇବାକୁ ବସିଲାଣି। ହେଲେ ଦୁଃଖ ଓ ପରିତାପର ବିଷୟ କଳିଙ୍ଗନଗର ର ପ୍ରଥମ କାରଖାନା ମେସ୍କୋ କାରଖାନା ଦୀର୍ଘ ପାଞ୍ଚ ବର୍ଷ ରୁ ଉର୍ଦ୍ଧ ମାସ ବନ୍ଦ ହୋଇ ପଡ଼ିରହିଥିବାବେଳେ ତାକୁ



ପୁନଃ ଚାଲୁ କରିବା ପାଇଁ କୌଣସି ପଦକ୍ଷେପ ନିଆଯାଇନାହିଁ ବିସ୍ଥାପିତ ପରିବାର ସହିତ ଏ ଅଞ୍ଚଳ ର ବୁଦ୍ଧିଜୀବୀ କର୍ମଚାରୀ ଓ ସାଧାରଣ ଲୋକେ ଦୁଃଖ ପ୍ରକାଶ କରିଛନ୍ତି ! ଯେଉଁ ପରିବାର ଦିନେ କାରଖାନା ହେବାପାଇଁ ନିଜ ମାଟି ମା କୁ ଶିଳ୍ପପତି ପୁଞ୍ଜିନିବେସ ଙ୍କୁ ଟେକିଦେଇ ଅନେକ ଆଶା ମନରେ ବିସ୍ଥାପିତ ପରିବାର ରଖିଥିଲେ । ଶିଳ୍ପ ହେବାରେ ନିଜର ବିକାଶ ହେବାସ ଏ ଅଞ୍ଚଳର ମଧ ବିକାଶହେବ ଦୁର୍ଭାଗ୍ୟର ବିଷୟ ମେସ୍କୋ କାରଖାନା କୁ ସବୁକିଛି ଟେକି ଦେଇ ଆଜି ଆନ୍ଦୋଳନ ପରେ ଆନ୍ଦୋଳନ ଦେଖିବାକୁ ମିଳୁଛି ମସ୍କୋ ଫାଟକ ସମ୍ମୁଖରେ କିନ୍ତୁ ବିସ୍ଥାପିତ ଓ କର୍ମଚାରୀଙ୍କୁ କୌଣସି ସୁଫଳ ମିଳିନାହିଁ ଯଦି ଆଗାମୀ ଦିନରେ କାରଖାନା ମାଲିକ, ଜିଲ୍ଲାପ୍ରଶାସନ ଓ ଓଡିଶା ସରକାର ବିସ୍ଥାପିତ ପରିବାର ଓ କର୍ମଚାରୀ ଙ୍କ ଦୁଃଖ କୁ ବିଚାର କୁ ନିଅନ୍ତି ବା ସମାଧାନ ନକରି ବିଫଳ ହେବେ ତାହେଲେ ବାଧ୍ୟହୋଇ ଦୁର୍ବାର ଆନ୍ଦୋଳନ କୁ ଓହଲ୍ଲାଇବାକୁ କର୍ମଚାରୀ ମାନେ ଚେତାବନୀ ଦେଇଛନ୍ତି । ନରେନ୍ଦ୍ର କୁମାର ସାମଲ, ପ୍ରକାଶ କୁମାର ଜେନା,ଓମ ପ୍ରକାଶ ସାହୁ, ମିହିର ସାମନ୍ତରାୟ, ନିହାର ପୋହି, ଉଗ୍ରସେନ ପାତ୍ର, ମାନବେନ୍ଦ୍ର ଜେନା, ବୁଲୁ ସାହୁ, ମୁସ୍ତାକ, ଶିବ ଦାସ, ଏ.ସିଂହ, ନଗେନ କୁମାର ପୃଷ୍ଟି, ଖାଲିଦ ଅନୱାର, ରମେଶ ପୋହି, ଗଦା ପରିଡା ଏହି ଆନ୍ଦୋଳନରେ ଉପସ୍ଥିତ ଥିବାବେଳେ ଆଗକୁ ଏହାର କଣ ସମାଧାନ ହେଉଅଛି ତାହାଦେଖିବାକୁ ରହିଲା ବାକି।

## ରାଜଧାନୀରେ ପ୍ରବଳ ବର୍ଷା: ଗଛ ପଡି ବାପା ମୃତ, ଝିଅ ଗୁରୁତର



ଦିଲ୍ଲୀ: ଭାରତର ରାଜଧାନୀ ଦିଲ୍ଲୀରେ ପ୍ରବଳ ବର୍ଷା କାରଣରୁ 'ଟ୍ରାଫିକ ବ୍ୟବସ୍ଥା ସ୍ଥିର ରହିଛି । ସ୍ଥାନରେ ସ୍ଥାନରେ ପ୍ରବଳ ବର୍ଷା ହେଉଥିବାରୁ ସାଧାରଣ ଜନତା ଅସ୍ତବ୍ୟସ୍ତ ହୋଇପଡିଲେଣି । ଏଭଳି ସମୟରେ ଦିଲ୍ଲୀରେ ଥିବା କାଲକାଜି ସ୍ଥାନରୁ ଏକ ଦୁଃଖଦ ଘଟଣା ସାମନାକୁ ଆସିଛି । ସୂଚନା ଅନୁସାରେ କାଲକାଜିରେ ଆଜି ଏକ ଅଘଟଣ ଘଟିଛି । ପ୍ରବଳ ବର୍ଷା ହେବା କାରଣରୁ ଏକ ବଡ ଗଛ ହଠାତ ରାସ୍ତା ଉପରେ ଚଳି ପଡିଲା । ଦୁର୍ଭାଗ୍ୟର କଥା ସେହି ସମୟରେ ଏହି ବାଟଦେଇ ଏକ ବାଇକ ଚାଳକ ଯାଉଥିଲେ । ଗଛଟି ଏହି ବାଇକ ଆରୋହିଙ୍କ ଉପରେ ହଠାତ ପଡିଯାଇଥିଲା । ଏହି କାରଣରୁ ଘଟଣା ସ୍ଥଳରେ ବାଇକ ଚାଳକଙ୍କ ଜୀବନ ଚାଲି ଯାଇଥିଲା । ଏହା ସହ ଆଉଜଣେ ଗୁରୁତର ଆହତ ହୋଇଛନ୍ତି । ନିକଟରେ ଯାଉଥିବା କାର ଉପରେ ଗଛଟି ପଡିଯାଇଥିଲା । ଯାହା ଫଳରେ କାରଟି କ୍ଷତିଗ୍ରସ୍ତ ହୋଇପଡିଛି । ଘଟଣା ସ୍ଥଳରେ ପୋଲିସ ଓ ପ୍ରଶାସନ ପହଞ୍ଚିଛି । ଘଟଣାର ଯାଞ୍ଚ ଚାଲିଛି । ଏହି ଘଟଣାଟି ସମ୍ପୂର୍ଣ୍ଣ ଭାବେ ସିସିଟିଭିରେ କଏଦ ହୋଇଛି । ଦୁଇଟି କ୍ରେନ ସାହାଯରେ ରାସ୍ତା ଉପରୁ ବିଶାଳ ଗଛଟିକୁ ହଟାଇ ଦିଆଯାଇଛି । ପ୍ରଥମେ ଏକ କଟର ସାହାଯ୍ୟରେ ଗଛଟିକୁ କଟା ଯାଇଥିଲା । ଏହାପରେ ଏହାକୁ ଦୁଇଟି ଅଂଶରେ ଅଲଗା କରାଯାଇଥିଲା । ତେବେ ମୃତକଙ୍କ ପରିଚୟ ଜଣା ପଡିଛି । ମୃତ ବ୍ୟକ୍ତି ହେଲେ ସୁଧୀର କୁମାର । ତାଙ୍କ ଝିଅ ପ୍ରିୟା ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ରାସ୍ତାରେ ପଡିଥିବା ଗଛକୁ ହଟାଇବା ଫଳରେ ଯାତାୟତ ସ୍ୱାଭାବିକ ହୋଇଛି । ଏସପି କାଲକାଜୀଙ୍କ ତତ୍ୱାବଧାନରେ ସ୍ଥାନୀୟ ପୋଲିସ ୨ ଜଣଙ୍କୁ ଉଦ୍ଧାର କରିଛି । ସେମାନଙ୍କୁ ଏମସ ଟ୍ରୋମା ସେଣ୍ଟରେ ଭର୍ତି କରାଯାଇଛି ।

## ଗମ୍ଭୀର ପରିଣାମ ଭୋଗିବ ରୁଷ: ଟ୍ରମ୍ପ

ୟୁକ୍ରେନ ଏବଂ ରୁଷ ମଧ୍ୟରେ ଯୁଦ୍ଧ ୨୦୨୨ ମସିହାରେ ଆରମ୍ଭ ହୋଇଥିଲା । କିନ୍ତୁ ଏପର୍ଯ୍ୟନ୍ତ ଏହାର କୌଣସି ଫଳାଫଳ ମିଳିନାହିଁ । ଏହି ଯୁଦ୍ଧକୁ ବନ୍ଦ କରିବା ପାଇଁ ଅନେକ ଦେଶ ପ୍ରୟାସ କରିଥିଲେ । ହେଲେ, କେହି ସଫଳ ହୋଇନଥିଲେ । ଯୁଦ୍ଧବିରତି ଉପରେ ସହମତି ହୋଇପାରିନଥିଲା । ଏହି ସମୟରେ, ଆସନ୍ତାକାଲି, ଅର୍ଥାତ୍ ୧୫ ଅଗଷ୍ଟରେ, ଆଲାସ୍କାରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ମଧ୍ୟରେ ହେବାକୁ ଥିବା ବୈଠକକୁ ଏହି ଯୁଦ୍ଧ ଦୃଷ୍ଟିରୁ ବହୁତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି । ଏହି ବୈଠକ ପୂର୍ବରୁ ଡୋନାଲ୍ଡ ଟ୍ରମ୍ପ ପୁଟିନଙ୍କୁ ସ୍ପଷ୍ଟ ଶବ୍ଦରେ କଡ଼ା ଚେତାବନୀ ଦେଇଛନ୍ତି । ସେ କହିଛନ୍ତି ଯେ ଯଦି ମସ୍କୋ ୟୁକ୍ରେନ ସହିତ ଶାନ୍ତି ଆଲୋଚନାରେ ବାଧା ସୃଷ୍ଟି କରିବାକୁ ଚେଷ୍ଟା କରେ, ତେବେ ଏହାର ଗମ୍ଭୀର ପରିଣାମ ହେବ । ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା ସମୟରେ ଟ୍ରମ୍ପ କହିଛନ୍ତି ଯେ ଯଦି ଆଲାସ୍କାରେ ହେବାକୁ ଥିବା ବୈଠକରୁ କୌଣସି ଠୋସ୍ ଫଳାଫଳ ନ ମିଳେ , ତେବେ ମସ୍କୋ ବିରୁଦ୍ଧରେ କଠୋର ପଦକ୍ଷେପ ନିଆଯିବ । ହୁଏତ ଆର୍ଥିକ କଟକଣା ଲାଗୁ ହୋଇପାରେ । ହେଲେ, ଟ୍ରମ୍ପ ସ୍ପଷ୍ଟ କରିନଥିଲେ ଯେ କି ପ୍ରକାରର ଆର୍ଥିକ ପ୍ରତିବନ୍ଧକ ଲଗାଯିବ କିମ୍ବା କେବେ ଲଗାଯିବ । ଏଥି ସହ ଜାଣିରଖନ୍ତୁ ଯେ, ଆମେରିକା ରାଷ୍ଟ୍ରପତି କହିଛନ୍ତି ଯେ ଆଲାସ୍କାରେ ହେବାକୁ ଥିବା ବୈଠକ ଦ୍ୱିତୀୟ ବୈଠକ ଆଡ଼କୁ ଏକ ପଦକ୍ଷେପ ହେବ, ଯେଉଁଥିରେ ୟୁକ୍ରେନୀୟ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍ସ୍କି ମଧ୍ୟ ସାମିଲ ହେବେ । ଯଦି ପ୍ରଥମ ବୈଠକ ସକାରାତ୍ମକ ହୁଏ, ତେବେ ଆମେ ତୁରନ୍ତ ଦ୍ୱିତୀୟ ବୈଠକ କରିବୁ । ମୁଁ ଏହା ତୁରନ୍ତ କରିବାକୁ ଚାହୁଁଛି । ଯଦି ସେ ଚାହାଁନ୍ତି, ତେବେ ମୁଁ ସେମାନଙ୍କ ମଧ୍ୟରେ ବୈଠକରେ ଯୋଗଦେବି । ସେ ବୈଠକରେ ମୋର ଉପସ୍ଥିତି ଚାହାଁନ୍ତି କି ନାହିଁ ତାହା ତାଙ୍କ ଉପରେ ନିର୍ଭର କରେ ।

## ସମୁଦ୍ରରେ ଡଙ୍ଗା ଓଲଟି ୨୭ ମୃତ



ଇଟାଲୀ: ଇଟାଲୀର ଲାମ୍ପେଡୁସା ଉପକୂଳରେ ଆଜି ଏକ ମର୍ମନ୍ତୁଦ ଅଘଟଣ ଘଟିଛି । ଯେଉଁଥିରେ ୨୭ ଜଣ ପ୍ରବାସୀ ଏବଂ ଶରଣାର୍ଥୀ ବୁଡ଼ି ଯାଇଛନ୍ତି । ଏହି ସମ୍ପର୍କରେ ସୂଚନା ଦେଇଛନ୍ତି ଜାତିସଂଘର ଶରଣାର୍ଥୀ ଉଚ୍ଚାୟୁକ୍ତ ଫିଲିପୋ ଗ୍ରାଣ୍ଡି । ସେ କହିଛନ୍ତି ଯେ ୨୦୨୫ ମସିହାରେ ଏପର୍ଯ୍ୟନ୍ତ କେନ୍ଦ୍ରୀୟ ଭୂମଧ୍ୟସାଗରର ବିପଦପୂର୍ଣ୍ଣ ରାସ୍ତାରେ ୭୦୦ ରୁ ଅଧିକ ପ୍ରବାସୀ ଏବଂ ଶରଣାର୍ଥୀ ଜୀବନ ହରାଇଛନ୍ତି । ଗ୍ରାଣ୍ଡି ସୋସିଆଲ ମିଡିଆରେ ପୋଷ୍ଟ କରି କହିଛନ୍ତି । ସମୁଦ୍ରରେ ଉଦ୍ଧାର, ନିରାପଦ ପଥ ଏବଂ ପ୍ରବାସୀ ଦେଶଗୁଡ଼ିକୁ ସାହାଯ୍ୟ ସମେତ ସମସ୍ତ ପଦକ୍ଷେପକୁ ମଜବୁତ କରିବାର ଆବଶ୍ୟକତା ରହିଛି ବୋଲି କହିଛନ୍ତି । ଟଘଐଉଜ ଇଟାଲୀର ଯୋଗାଯୋଗ ଅଧିକାରୀ କହିଛନ୍ତି ଏଜେନ୍ସି ଏବେ ଏହି ଦୁର୍ଘଟଣାରୁ ବଞ୍ଚିଥିବା ଲୋକଙ୍କୁ ସାହାଯ୍ୟ କରୁଛି । ସେ କହିଛନ୍ତି ଯେ ଏପର୍ଯ୍ୟନ୍ତ ୨୦ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି । ଯେତେବେଳେ ସମାନ ସଂଖ୍ୟକ ଲୋକ ନିଖୋଜ ଅଛନ୍ତି । ଚଳିତ ବର୍ଷ ଏପର୍ଯ୍ୟନ୍ତ କେନ୍ଦ୍ରୀୟ ଭୂମଧ୍ୟସାଗରରେ ୬୭୫ ଜଣଙ୍କ ମୃତ୍ୟୁ ରେକର୍ଡ କରାଯାଇଛି । ଏପରି ଦୁର୍ଘଟଣାକୁ ହ୍ରାସ କରିବା ପାଇଁ ଆଇନଗତ ପଥଗୁଡ଼ିକୁ ସୁଦୃଢ଼ କରିବା ଆବଶ୍ୟକ ବୋଲି ଅଧିକାରୀ କହିଛନ୍ତି । ଆନ୍ତର୍ଜାତୀୟ ପ୍ରବାସ ସଂଘଠନର ଭୂମଧ୍ୟସାଗର ସମନ୍ୱୟ କାର୍ଯାଳୟର ମୁଖପାତ୍ର ଫ୍ଲାଭିଓ ଡିଗିଆକୋମା ଦୁର୍ଘଟଣା ବିଷୟରେ କହିଛନ୍ତି ୨ ଟି ଡଙ୍ଗାରେ ପ୍ରାୟ ୯୫ ଲୋକ ଲିବିଆ ଛାଡିଥିଲେ। ଡଙ୍ଗାରେ ପାଣି ଭର୍ତି ହେବା ପରେ ସମସ୍ତେ ଦ୍ୱିତୀୟ ଡଙ୍ଗାକୁ ଯିବାକୁ ପଡିଥିଲା । ଫଳରେ ଡଙ୍ଗାରେ ଅଧିକ ଲୋକ ହୋଇଯିବା ହେତୁ ଓଭର ଲୋଡିଙ୍ଗ ପାଇଁ ଡଙ୍ଗାଟି ଓଲଟି ଯାଇଥିଲା । ଏହି ଦୁର୍ଘଟଣାରେ ୬୦ ଜଣଙ୍କୁ ଉଦ୍ଧାର କରାଯାଇଛି । ୩୫ଜଣ ଲୋକ ନିଖୋଜ ହୋଇଥିବା କିମ୍ବା ମୃତ୍ୟୁ ଆଶଙ୍କା କରାଯାଉଛି ।

# ଜମ୍ମୁ କଶ୍ମୀର କିସ୍ତୱାରରେ ବାଦଲଫଟା ବର୍ଷା, ଅନେକ ମୃତ



ନୂଆଦିଲ୍ଲୀ : ଜମ୍ମୁ ଓ କାଶ୍ମୀରର କିଷ୍ଟୱାର ଜିଲାର ଚୋସିତି ଗାଁରେ ଗୁରୁବାର ଏକ ଭୟଙ୍କର ବାଦଲଫଟା ବର୍ଷା ହେତୁ ସୃଷ୍ଟ ଆକସ୍ମିକ ବନ୍ୟା ଓ ବିପର୍ଯ୍ୟୟରେ ଅତି କମରେ ୩୩ ଜଣଙ୍କର ମୃତ୍ୟୁ ହୋଇଛି, ଯେଉଁଥିରେ ୨ ଜଣ ସିଆଇଏସଏଫ ଯବାନ ମଧ ଅଛନ୍ତି। ଏହି ଘଟଣାରେ ୧୨୦ରୁ ଅଧିକ ଲୋକ ଆହତ ହୋଇଥିବା ବେଳେ ୨୨୦ରୁ ଅଧିକ ଲୋକ ନିଖୋଜ ଥିବା ଜଣାପଡ଼ିଛି। ଏହି ବିପର୍ଯ୍ୟୟ ମାଚେଲ ମାତା ଯାତ୍ରା ପଥରେ ଘଟିଛି, ଯାହା ହିମାଳୟରେ ଅବସ୍ଥିତ ମାତା ଚଣ୍ଡୀଙ୍କ ପୀଠକୁ ଯାଇଥାଏ। ଏହା ଯାତ୍ରା ପଥରେ ବିଶୃଙ୍ଖଳା ସୃଷ୍ଟି କରିଛି। ଉଦ୍ଧାରକାରୀ ଦଳ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛନ୍ତି, ଯେଉଁଥିରେ ବଞ୍ଚିଥିବା ଲୋକଙ୍କୁ ଖୋଜିବା ଓ ଫସିଥିବା ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଉଛି। ଜମ୍ମୁ ଓ କାଶ୍ମୀରର ମୁଖ୍ୟମନ୍ତ୍ରୀ ଓମର ଆବଦୁଲ୍ଲା କେନ୍ଦ୍ରୀୟ ଗୃହମନ୍ତ୍ରୀ ଅମିତ ଶାହାଙ୍କୁ କିଷ୍ଟୱାର ଅଞ୍ଚଳର ପରିସ୍ଥିତି ସମ୍ପର୍କରେ ଅବଗତ କରାଇଛନ୍ତି। ସେ କହିଛନ୍ତି, "ବାଦଲଫଟା ବର୍ଷା। ପ୍ରଭାବିତ ଅଞ୍ଚଳରୁ ନିଶ୍ଚିତ ସୂଚନା ଧୀରେ ଧୀରେ ମିଳୁଛି, କିନ୍ତୁ ଜମ୍ମୁ ଓ କାଶ୍ମୀର ଭିତରେ ଓ ବାହାରୁ ସମସ୍ତ ସମ୍ଭାବ୍ୟ ସମ୍ବଳକୁ ଉଦ୍ଧାର କାର୍ଯ୍ୟ ପାଇଁ ନିୟୋଜିତ କରାଯାଉଛି।" ସେ ଗଣମାଧ୍ୟମକୁ କୌଣସି ବୟାନ ଦେବେ ନାହିଁ ବୋଲି କହିଛନ୍ତି ଏବଂ ସରକାର ଯଥାସମ୍ଭବ ସୂଚନା ଅପଡେଟ କରିବେ ବୋଲି ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୁଃଖ ପ୍ରକାଶ କରି କହିଛନ୍ତି, "କିଷ୍ଟୱାର, ଜମ୍ମୁ ଓ କାଶ୍ମୀରରେ ମେଘଭଙ୍ଗା ଓ ବନ୍ୟା ପ୍ରଭାବିତ ସମସ୍ତଙ୍କ ସହ ମୋର ଚିନ୍ତା ଓ ପ୍ରାର୍ଥନା ରହିଛି। ପରିସ୍ଥିତି ଉପରେ ନିକଟରୁ ନଜର ରଖାଯାଉଛି। ଉଦ୍ଧାର ଓ ରିଲିଫ କାର୍ଯ୍ୟ ଜାରି ରହିଛି। ଆବଶ୍ୟକ ଥିବା ସମସ୍ତଙ୍କୁ ସମ୍ଭାବ୍ୟ ସହାୟତା ପ୍ରଦାନ କରାଯିବ।" ଜାତୀୟ ବିପର୍ଯ୍ୟୟ ମୁକାବିଲା ବାହିନୀ (ଏନଡିଆରଏଫ), ରାଜ୍ୟ ବିପର୍ଯ୍ୟୟ ମୁକାବିଲା ବାହିନୀ (ଏସଡିଆରଏଫ), ସେନା ଓ ସ୍ଥାନୀୟ ପ୍ରଶାସନ ମିଳିତ ଭାବେ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି।

## ଶିକ୍ଷକଙ୍କ ସହ ଛାତ୍ରୀଙ୍କ ଭିଡିଓ ଭାଇରାଲ

ଜୟନଗର : ବିହାରର ମଧୁବନୀ ଜିଲାର ଜୟନଗରରେ ଏକ ଘରୋଇ କୋଚିଂ ସେଣ୍ଟରର ଜଣେ ଶିକ୍ଷକ ଛାତ୍ରୀଙ୍କ ସହ ଅଶ୍ଳୀଳ କାର୍ଯ୍ୟ କରିବାର ଏକ ଭିଡିଓ ଭାଇରାଲ ହେଉଛି। ଏହି ମାମଲାରେ ପୋଲିସ କଠୋର ଥିବା ଦେଖାଯାଉଛି। ପୀଡିତାଙ୍କ ବୟାନ ଉପରେ ମଙ୍ଗଳବାର ଥାନାରେ ଶିକ୍ଷକଙ୍କ ସମେତ ତିନି ଜଣଙ୍କ ବିରୋଧରେ ଏଫଆଇଆର ରୁଜୁ କରାଯାଇଛି। ଏସଏଚଓ ଅମିତ କୁମାର କହିଛନ୍ତି ଯେ ଏହି ଘଟଣାରେ ଏକ ମାମଲା ରୁଜୁ କରାଯାଇଛି ଏବଂ ତଦନ୍ତ ଆରମ୍ଭ ହୋଇଛି। ଏଫଆଇଆର ଅନୁଯାୟୀ, ପୀଡିତା କହିଛନ୍ତି ଯେ ସେ ରାକେଶ କୁମାର ଯାଦବ ନାମକ ଜଣେ ଶିକ୍ଷକଙ୍କ କୋଚିଂ ସେଣ୍ଟରରେ ପଢୁଥିଲେ। ଅଭିଯୋଗ ହୋଇଛି ଯେ ଶିକ୍ଷକ ତାଙ୍କୁ କୋଚିଂରେ ଏକା ପାଇ ତାଙ୍କ ସହିତ ଦୁର୍ବ୍ୟବହାର କରୁଥିଲେ। ପୀଡିତା ଘଟଣା ବିଷୟରେ କାହାକୁ ଜଣାଇ ନଥିଲେ। ଏହା ମଧ ଅଭିଯୋଗ ହୋଇଛି ଯେ କୋଚିଂ ସେଣ୍ଟରର ଘରମାଲିକ କୁଳଦୀପ ସିଂହ ଏବଂ କମଳାବାରୀ ବାସିନ୍ଦା ସୋନୁ ଚୌଧୁରୀ ମଧ୍ୟ ପୀଡିତାଙ୍କୁ ବଳାତ୍କାର କରିଥିଲେ। ପୀଡିତା ପୋଲିସକୁ କହିଛନ୍ତି ଯେ ଉଭୟ ଶିକ୍ଷକଙ୍କ ଭିଡିଓ କରିବାକୁ କହିଥିଲେ, କାରଣ ସେମାନଙ୍କୁ ୨୦ ଲକ୍ଷ ଟଙ୍କା ଆଦାୟ କରିବାକୁ ଅଛି। ପ୍ରାୟ କୋଡ଼ିଏ ଦିନ ପୂର୍ବେ ଯେତେବେଳେ ମୁଁ କୋଚିଂକୁ ଆସିଥିଲି, ଘରକୁ ଯାଉଥିବା ସମୟରେ ଘରମାଲିକ କୁଳଦୀପ ସିଂହ ଏବଂ ସୋନୁ ଚୌଧୁରୀ ମୋତେ ଧରି ପକାଇଲେ। କୋଚିଂ ଇନଷ୍ଟିଚ୍ୟୁଟର ଘରମାଲିକ ଏବଂ ତାଙ୍କ ସାଥୀଙ୍କ ଚାପରେ ଭିଡିଓ ତିଆରି କରିଥିବା ଅଭିଯୋଗ ହୋଇଛି। ପୀଡିତା ଆହୁରି କହିଛନ୍ତି ଯେ ଅଭିଯୁକ୍ତ ମୋ ଉପରକୁ ପିସ୍ତଲ ଦେଖାଇ କହିଥିଲେ ଯେ ତୁମେ ଆଜି ଶିକ୍ଷକଙ୍କ ଭିଡିଓ କର ନଚେତ ଆମେ ତୁମକୁ ହତ୍ୟା କରିଦେବୁ। ଏହା ପରେ ମୁଁ ରୁମକୁ ଯାଇ ମୋବାଇଲରେ ଭିଡିଓ ଅନ କରିଥିଲି।

# ମହାକାଶରୁ ସଫଳ ଭାବରେ ଫେରିବା ପରେ ଭାରତ ଆସିବେ ଶୁଭାଂଶୁ ଶୁକ୍ଲା



ଦିଲ୍ଲୀ: ମହାକାଶ ଯାତ୍ରୀ ଶୁଭାଂଶୁ ଶୁକ୍ଲା ଅନ୍ତର୍ଜାତୀୟ ମହାକାଶ ଷ୍ଟେସନ (ଓଝଝ)ରୁ ସଫଳ ଭାବରେ ଫେରିଛନ୍ତି । ଫେରିବାର ଗୋଟିଏ ଦିନ ପରେ ସେ ଟେକ୍ସାସର ହ୍ୟୁଷ୍ଟନରେ ନିଜ ପୁଅକୁ ଭେଟିଛନ୍ତି । ସେ ହେଉଛନ୍ତି ଭାରତର ଦ୍ୱିତୀୟ ସଫଳ ମହାକାଶ ଯାତ୍ରୀ । ଯିଏକି ଏହି ସପ୍ତାହାନ୍ତରେ ଭାରତ ଆସିବେ ବୋଲି କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂହ ଆଜି ସୂଚନା ଦେଇଛନ୍ତି । ତେବେ ଜିତେନ୍ଦ୍ର ସିଂହ କହିଛନ୍ତି ଶୁକ୍ଲା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ତାଙ୍କ ପରିବାରକୁ ଭେଟିବା ପାଇଁ ତାଙ୍କ ଜନ୍ମସ୍ଥାନ ଲକ୍ଷ୍ନୌ କୁ ଯିବେ । ଦିଲ୍ଲୀରେ ତାଙ୍କର ସ୍ୱଳ୍ପ ରହଣି ସମୟରେ ସେ ପ୍ରଧାନିମନ୍ତ୍ରୀଙ୍କୁ ଭେଟିପାରନ୍ତି । ସେ ଅଗଷ୍ଟ ୨୩ ତାରିଖରେ ଜାତୀୟ ମହାକାଶ ଦିବସ ପାଳନ ପାଇଁ ଦିଲ୍ଲୀ ଫେରିବେ । ଜୁନ୍ ୨୫ ତାରିଖରେ ଫ୍ଲୋରିଡାରୁ ଉଡ଼ାଣ ଭରି ଜୁନ୍ ୨୬ ତାରିଖରେ ଓଝଝ ରେ ପହଞ୍ଚିଥିବା ଇଙ୍ଗସକ୍ସିଅମ-୪ ପ୍ରାଇଭେଟ୍ ସ୍ପେସ୍ ମିଶନର ଅଂଶ ଥିଲେ ଶୁକ୍ଲା । ଅନ୍ୟ ତିନି ଜଣ ମହାକାଶଚାରୀ, ପେଗି ହ୍ୱିଟସନ୍ (ଆମେରିକା), ସ୍ଲାଓସ୍ ଉଜନାନସ୍କି-ୱିସନିଓ୍ବସ୍କି (ପୋଲାଣ୍ଡ) ଏବଂ ଟିବୋର୍ କାପୁ (ହଙ୍ଗେରୀ)ଙ୍କ ସହିତ, ଶୁକ୍ଲା .ଶୁକ୍ଲା ୧୮ ଦିନିଆ ମିଶନରେ ୬୦ ରୁ ଅଧିକ ପରୀକ୍ଷଣ ଏବଂ ୨୦ ଟି ଆଉଟରିଚ୍ ସେସନ୍ କରିଥିଲେ । ୧୫ ଜୁଲାଇରେ ସାନ ଡିଏଗୋ ଉପକୂଳରେ ପ୍ରଶାନ୍ତ ମହାସାଗରରେ ଆକ୍ସିଅମ୍-୪ କ୍ରୁକୁ ନେଇ ଡ୍ରାଗନ୍ ମହାକାଶଯାନ ଖସିପଡ଼ିଥିଲା, ଯାହା ମିଶନର ସଫଳ ସମାପ୍ତିକୁ ଚିହ୍ନିତ କରିଥିଲା। ଏହି ମିଶନକୁ ଭାରତର ନିଜସ୍ୱ ମାନବ ମହାକାଶ ଉଡ଼ାଣ କାର୍ଯ୍ୟକ୍ରମ ଗଗନୟାନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଭାବରେ ବିବେଚନା କରାଯାଉଛି । ଯାହା ୨୦୨୭ ସୁଦ୍ଧା ଉତ୍କ୍ଷେପଣ କରିବାକୁ ଲକ୍ଷ୍ୟ ରଖିଛି । ପ୍ରଧାନମନ୍ତ୍ରୀ ମୋଦୀ ଏହି ମିଶନକୁ ପ୍ରଶଂସା କରି କହିଥିଲେ ଯେ ଶୁଭାଂଶୁ ଶୁକ୍ଲା କୋଟି କୋଟି ସ୍ୱପ୍ନକୁ ପ୍ରେରଣା ଦେଇଛନ୍ତି ଏବଂ ଭାରତର ମହାକାଶ ମହତ୍ତ୍ୱାକାଂକ୍ଷାକୁ ଆଗକୁ ନେବାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି ।

## ଆତଙ୍କବାଦୀ ଆକ୍ରମଣ, ଜଣେ କନଷ୍ଟେବଲଙ୍କ ମୃତ୍ୟୁ ଏବଂ ଜଣେ ଅଧିକାରୀ ଆହତ



ପାକିସ୍ତାନ : ପାକିସ୍ତାନରେ ପୁଣି ଥରେ ଆତଙ୍କବାଦୀ ଆକ୍ରମଣ ହୋଇଛି । ଉତ୍ତର-ପଶ୍ଚିମ ପାକିସ୍ତାନର ପେଶାୱରର ଉପକଣ୍ଠରେ ଅବସ୍ଥିତ ଏକ ପୋଲିସ ଷ୍ଟେସନ ଉପରେ ଅଜଣା ଆତଙ୍କବାଦୀମାନେ ଆକ୍ରମଣ କରିଛନ୍ତି । ଏହି ଆତଙ୍କବାଦୀ ଆକ୍ରମଣରେ ଜଣେ କନଷ୍ଟେବଲଙ୍କ ମୃତ୍ୟୁ ଘଟିଛି ଏବଂ ଜଣେ ଅଧିକାରୀ ଆହତ ହୋଇଛନ୍ତି । ବୁଧବାର ବିଳମ୍ବିତ ରାତିରେ ପେଶାୱରର ଦକ୍ଷିଣ-ପଶ୍ଚିମରେ ପ୍ରାୟ ୩୦ କିଲୋମିଟର ଦୂରରେ ଅବସ୍ଥିତ ହାସନ ଖେଲ ପୋଲିସ ଷ୍ଟେସନ ଉପରେ ମାରାତ୍ମକ ଅସ୍ତ୍ରଶସ୍ତ୍ର ଧରି ଆତଙ୍କବାଦୀମାନେ ଆକ୍ରମଣ କରିଛନ୍ତି । ଅଧିକାରୀମାନେ କହିଛନ୍ତି ଯେ ପୋଲିସକର୍ମୀମାନେ ପ୍ରତିରକ୍ଷା ନେଇଥିଲେ ଏବଂ ଆତଙ୍କବାଦୀମାନଙ୍କୁ ପ୍ରବଳ ଗୁଳିଚାଳନା ସହିତ ଜବାବ ଦେଇଥିଲେ । ସେମାନେ କହିଛନ୍ତି ଯେ ଆକ୍ରମଣକୁ ପଣ୍ଡ କରିବା ପାଇଁ ପ୍ରବଳ ଗୁଳିଚାଳନା କରାଯାଇଥିଲା । ସେମାନେ କହିଛନ୍ତି ଯେ ଆକ୍ରମଣରେ କନଷ୍ଟେବଲ ଅବୁ ବକର ସହିଦ ହୋଇଛନ୍ତି, ଯେତେବେଳେ ଜଣେ ଅଧିକାରୀ ହାରୁନ୍ ଆହତ ହୋଇଛନ୍ତି । ଅଞ୍ଚଳକୁ ହାଇ ଆଲର୍ଟରେ ରଖାଯାଇଛି ଏବଂ ସହାୟତା ପାଇଁ ଅତିରିକ୍ତ ଫୋର୍ସ ମୁତୟନ କରାଯାଇଛି । ଆପଣଙ୍କୁ କହିରଖୁଛୁ ଯେ ଏହା ପୂର୍ବରୁ, ନିକଟରେ ପାକିସ୍ତାନର ବେଲୁଚିସ୍ତାନରେ ଏକ ବଡ଼ ଆତଙ୍କବାଦୀ ଆକ୍ରମଣ ହୋଇଥିଲା । ଏହି ଆକ୍ରମଣରେ ଅତି କମରେ ୯ ଜଣ ପାକିସ୍ତାନୀ ସୈନିକଙ୍କ ମୃତ୍ୟୁ ହୋଇଥିଲା ଏବଂ ୬ ଜଣ ଆହତ ହୋଇଥିଲେ । ୱାଶୁକ୍ ଜିଲ୍ଲାର ଜଣେ ବରିଷ୍ଠ ଅଧିକାରୀ କହିଥିଲେ ଯେ ଡଜନ ଡଜନ ଆତଙ୍କବାଦୀ ଏକ ପୋଲିସ ଷ୍ଟେସନ ଉପରେ ଆକ୍ରମଣ କରିଥିଲେ । ଏହି ସମୟରେ, ଆମେ ଆପଣଙ୍କୁ ଏଠାରେ ଏହା ମଧ କହି ରଖୁଛୁ ଯେ ପାକିସ୍ତାନୀ ସୁରକ୍ଷା ବାହିନୀ ଅଶାନ୍ତ ବେଲୁଚିସ୍ତାନ ପ୍ରଦେଶର ସୀମାବର୍ତ୍ତୀ ଅଞ୍ଚଳରେ ଏକ ସାମରିକ ଅଭିଯାନ ସମୟରେ ୫୦ ଜଣ ଆତଙ୍କବାଦୀଙ୍କୁ ହତ୍ୟା କରିଛନ୍ତି । ପାକିସ୍ତାନୀ ସେନା ନିଜେ ଏ ବିଷୟରେ ସୂଚନା ଦେଇଛି । ସେନା ଏକ ବିବୃତ୍ତିରେ କହିଛି ଯେ ଆଫଗାନିସ୍ତାନ ସୀମାନ୍ତ ଝାବ୍ ଜିଲ୍ଲାର ସାମ୍ବାଜା ଅଞ୍ଚଳରେ ୭ ରୁ ୧୧ ଅଗଷ୍ଟ ମଧ୍ୟରେ ବିଭିନ୍ନ ସମୟରେ ଆତଙ୍କବାଦୀମାନଙ୍କୁ ଟାର୍ଗେଟ କରାଯାଇଛି ।

## ଋଷରେ ହ୍ୱାଟ୍ସଆପ୍ ଓ ଟେଲିଗ୍ରାମ୍ କଲ୍ ଉପରେ କଟକଣା...




ରୁଷ: ରୁଷିଆରେ ହ୍ୱାଟ୍ସଆପ୍ ଓ ଟେଲିଗ୍ରାମ୍ କଲ୍ ଉପରେ କଟକଣା, ଆତଙ୍କବାଦୀ କାର୍ଯ୍ୟକଳାପ ଓ ଅପରାଧ ନିୟନ୍ତ୍ରଣ ପାଇଁ କଟକଣା ଜାରି, କାରଣ ରୁଷିଆର ଅଧିକାରୀମାନେ ଅପରାଧ ଓ ଆତଙ୍କବାଦୀ କାର୍ଯ୍ୟକଳାପକୁ ରୋକିବା ପାଇଁ ମେସେଜିଂ ଆପ୍ ଟେଲିଗ୍ରାମ୍ ଓ ହ୍ୱାଟ୍ସଆପ୍ ଉପରେ କଲ୍ ସେବାକୁ ଆଂଶିକ ଭାବେ ପ୍ରତିବନ୍ଧକ କରିବାକୁ ଘୋଷଣା କରିଛନ୍ତି । ଏହି ନିଷ୍ପତ୍ତି ଦ୍ୱାରା ଅଧିକାରୀମାନେ ଅପରାଧୀ ଓ ଆତଙ୍କବାଦୀଙ୍କ ଦ୍ୱାରା ଏହି ଆପ୍‌ଗୁଡ଼ିକର ଦୁରୁପଯୋଗ ରୋକିବାକୁ ଲକ୍ଷ୍ୟ ରଖିଛନ୍ତି । ରୁଷିଆର ସୁରକ୍ଷା ଏଜେନ୍ସିଗୁଡ଼ିକ କହିଛନ୍ତି, ଏହି ପ୍ଲାଟଫର୍ମଗୁଡ଼ିକ ଅପରାଧୀ କାର୍ଯ୍ୟକଳାପ ପାଇଁ ବ୍ୟବହୃତ ହେଉଥିବାରୁ ଏହାକୁ ନିୟନ୍ତ୍ରଣ କରାଯିବ। ଏହି କଟକଣା ସାଧାରଣ ବ୍ୟବହାରକାରୀଙ୍କ ଉପରେ କିଛି ପ୍ରଭାବ ପକାଇପାରେ, କିନ୍ତୁ ଅଧିକାରୀମାନେ ଦାବି କରିଛନ୍ତି ଯେ ଏହା ଜାତୀୟ ସୁରକ୍ଷା ପାଇଁ ଅତ୍ୟନ୍ତ ଜରୁରୀ ।

# ଏବେ ଗାଡ଼ିରୁ ଫାଇନ୍ କାଟନି: ସୁପ୍ରିମକୋର୍ଟ




ନୂଆଦିଲ୍ଲୀ : ରାସ୍ତାରେ ଆଉ ଗଡ଼ିବନି ପୁରୁଣା ଗାଡ଼ି । ଏନେଇ ଦିଲ୍ଲୀ ସରକାର ବଡ଼ ନିଷ୍ପତ୍ତି ନେଇଥିଲେ । ଖାଲି ନିଷ୍ପତ୍ତି ନେଇଥିଲେ ତାହା ନୁହେଁ ବରଂ ପୁରୁଣା ଗାଡ଼ି ଉପରେ ମୋଟା ଫାଇନ୍ ଦେବାକୁ ନିର୍ଦ୍ଦେଶ ଜାରି ହୋଇଥିଲା । ଖାସ୍ କରି ପେଟ୍ରୋଲ୍ ପମ୍ପରେ ପୁରୁଣା ଗାଡ଼ି ଦେଖିବା ମାତ୍ରେ ସଙ୍ଗେ ସଙ୍ଗେ ଆକ୍ସନ ନେବାକୁ କୁହାଯାଇଥିଲା । ଯାହାକୁ ନେଇ ପ୍ରବଳ ଅସନ୍ତୋଷ ଦେଖିବାକୁ ମିଳିଥିଲା । ମାମଲା ଯାଇ ପହଞ୍ଚିଥିଲା ସୁପ୍ରିମକୋର୍ଟରେ । ଶେଷରେ କୋର୍ଟ ରାୟ ଦେଇ କହିଛନ୍ତି ଯେ ବର୍ତ୍ତମାନ ପୁରୁଣା ଗାଡ଼ି ଉପରେ କୌଣସି ଫାଇନ୍ ପଡ଼ିବ ନାହିଁ । ଅର୍ଥାତ୍ ୪ ସପ୍ତାହ ପର୍ଯ୍ୟନ୍ତ ଜରିମାନା ଛାଡ଼ କରାଯିବ । ଏନେଇ ସୁପ୍ରିମକୋର୍ଟ ଦିଲ୍ଲୀ ସରକାରକୁ ନୋଟିସ୍ କରିଛନ୍ତି । ଦିଲ୍ଲୀରେ ଦିନକୁ ଦିନ ପ୍ରଦୂଷଣ ମାତ୍ରା ବଢ଼ିବାରେ ଲାଗିଛି । ସ୍ଥିତି ବିଗିଡୁଥିବାରୁ ଅଡ୍ ଏଣ୍ଡ ଇଭେନ୍ ଲାଗୁ କରିଛନ୍ତି ସରକାର । ଏହାପରେ ବି ପୁରୁଣା ଗାଡ଼ିକୁ ସହରରୁ ସଂପୂର୍ଣ୍ଣ ବାଦ୍ ଦେବା ପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି । ହେଲେ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯିବା ପରେ କୋର୍ଟ ମାମଲାର ବିଚାର କରି ୪ ସପ୍ତାହ ପର୍ଯ୍ୟନ୍ତ ମହଲତ ଦେଇଛନ୍ତି । ପ୍ରଧାନ ବିଚାରପତି ବି.ଆର. ଗଭାଇଙ୍କ ନେତୃତ୍ୱରେ ଗଠିତ ଏକ ଖଣ୍ଡପୀଠ ଦିଲ୍ଲୀ ସରକାରଙ୍କ ଦ୍ୱାରା ଦାଖଲ ହୋଇଥିବା ଏକ ଆବେଦନର ଶୁଣାଣି କରି ଏହି ମଧ୍ୟବର୍ତ୍ତୀକାଳୀନ ଆଦେଶ ଦେଇଛନ୍ତି ।

ସୁପ୍ରିମକୋର୍ଟରେ କି ଯୁକ୍ତି ରଖିଲେ ଦିଲ୍ଲୀ ସରକାର: ପୁରୁଣା ଗାଡ଼ି ବ୍ୟାନ୍‌କୁ ନେଇ ସୁପ୍ରିମକୋର୍ଟରେ ଯୁକ୍ତି ବାଢିଥିଲେ ଦିଲ୍ଲୀ ସରକାର । ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଯୁକ୍ତି ବାଢିଥିଲେ ଯେ କେବଳ ଗାଡ଼ିର ବୟସ ଆଧାରରେ ଏକ ସାମୂହିକ ପ୍ରତିବନ୍ଧକ ଲଗାଇବା ଆଦୌ ଠିକ୍ ନୁହେଁ । ସରକାରଙ୍କ ପକ୍ଷରୁ କୁହାଯାଇଥିଲା ଯେ ଏକ ଗାଡ଼ି ରାସ୍ତାରେ ଚାଲିବା ପାଇଁ ଫିଟ୍ କି ନୁହେଁ, ତାହା ତା'ର ପ୍ରକୃତତଥ୍ୟ ଜାଣିବାର ଆବଶ୍ୟକତା ରହିଛି । ଅନେକ ପୁରୁଣା ଗାଡ଼ିର ଅବସ୍ଥା ଏବେ ବି ଠିକ୍ ରହିଛି । ତେଣୁ ସେନେଇ ବିଚାରବିମର୍ଷ କରିବାର ଆବଶ୍ୟକତା ରହିଛି ।

କଣ କହିଲେ ସୁପ୍ରିମକୋର୍ଟ ? : ସୁପ୍ରିମକୋର୍ଟ ଦିଲ୍ଲୀ ସରକାରଙ୍କ ଯୁକ୍ତିକୁ ବିଚାରକୁ ନେଇ ଏକ ମଧ୍ୟବର୍ତ୍ତୀକାଳୀନ ଆଦେଶ ଜାରି କରିଛନ୍ତି । ଖଣ୍ଡପୀଠ କହିଛନ୍ତି, ବର୍ତ୍ତମାନ ସମୟରେ ଡିଜେଲ ଗାଡ଼ି କ୍ଷେତ୍ରରେ ୧୦ ବର୍ଷ ଏବଂ ପେଟ୍ରୋଲ ଗାଡ଼ି କ୍ଷେତ୍ରରେ ୧୫ ବର୍ଷ ପୁରୁଣା ହୋଇଥିବା ପରେ ବି ମାଲିକମାନଙ୍କ ବିରୋଧରେ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ଏବେ ଗ୍ରହଣ କରାଯିବ ନାହିଁ। ଏହି ମାମଲାରେ କେନ୍ଦ୍ର ସରକାର ଏବଂ ବାୟୁ ଗୁଣବତ୍ତା ପରିଚାଳନା ଆୟୋଗ (ଉଇଛଗ)କୁ ମଧ୍ୟ ନୋଟିସ୍ ଜାରି କରାଯାଇଛି ଏବଂ ଚାରି ସପ୍ତାହ ପରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ ହେବ ବୋଲି ସୁପ୍ରିମକୋର୍ଟ କହିଛନ୍ତି ।

ସୁପ୍ରିମକୋର୍ଟଙ୍କ ଏହି ନିଷ୍ପତ୍ତି ଦିଲ୍ଲୀ-ଏନସିଆରର ହଜାର ହଜାର ଗାଡ଼ି ମାଲିକଙ୍କ ପାଇଁ ଏକ ଆଶ୍ୱସ୍ତି ଆଣି ଦେଇଛି । ତେଣୁ ଏବେ ପୁରୁଣା ଗାଡ଼ି ରାସ୍ତାରେ ଗଡ଼ିଲେ ବି କୌଣସି ଜରିମାନା ଦେବାକୁ ପଡ଼ିବ ନାହିଁ।

# ସଚିନଙ୍କ ଘରେ ଖୁସିର ଲହରୀ





ନୂଆଦିଲ୍ଲୀ, ୧୪।୮ : କ୍ରିକେଟର ଭଗବାନ କୁହାଯାଉଥିବା ସଚିନ ତେନ୍ଦୁଲକରଙ୍କ ପୁଅ ଅର୍ଜୁନ ତେନ୍ଦୁଲକରଙ୍କ ନିର୍ବନ୍ଧ ହୋଇଛି । ଏହା ପରେ ସଚିନଙ୍କ ଝିଅ ସାରା ତେନ୍ଦୁଲକର ମଧ୍ୟ ଖୁସି ଖବର ଦେଇଛନ୍ତି । ସେ ମୁମ୍ବାଇରେ ଏକ ପାଇଲେଟ୍ସ ଏକାଡେମୀ ଖୋଲିଛନ୍ତି । ଅର୍ଜୁନ ନିର୍ବନ୍ଧ ପରେ ଏହାର ଉଦଘାଟନ ହୋଇଥିଲା ଏଥିରେ ସଚିନ ତେନ୍ଦୁଲକର, ତାଙ୍କ ସ୍ତ୍ରୀ ଏବଂ ଭାବି ବୋହୂ ସାନିଆ । ଚନ୍ଦୋକ ମଧ୍ୟ ନଜର ଆସିଥିଲେ । ପ୍ରଥମ ଥର ପାଇଁ ସଚିନ ଏବଂ ସାନିଆଙ୍କୁ ଏକ ଫଟୋରେ ଦେଖିବାକୁ ମିଳିଛି ।

ଏହାପୂର୍ବରୁ ପାଇଲେଟ୍ସ ଏକାଡେମୀର ଦୁବାଇରେ ଏକ ଶାଖା ଥିଲା ସେ ମୁମ୍ବାଇର ଅନ୍ଧେରୀରେ ଏହି ଏକାଡେମୀ ଖୋଲିଛନ୍ତି ପାଇଲେଟ୍ସ ଏକାଡେମୀରେ ଶରୀରର ମୂଳ ମାଂସପେଶୀକୁ ମଜଭୁତ କରିବା, ପୋଷ୍ଟର ଉନ୍ନତ କରିବା ଏବଂ ନମନୀୟତା ବୃଦ୍ଧି କରିବା ଉପରେ ଧ୍ୟାନ ଦିଆଯାଏ ପାଇଲେଟ୍ସ ଏକ ବ୍ୟାୟାମ ପ୍ରଣାଳୀ, ଯାହା ଶରୀର ଏବଂ ମନ ମଧ୍ୟରେ ସଂଯୋଗ ଉପରେ ଗୁରୁତ୍ୱାରୋପ କରେ ।

ଅର୍ଜୁନ ତେନ୍ଦୁଲକର ଏବଂ ସାନିଆ । ଚନ୍ଦୋକଙ୍କ ନିର୍ବନ୍ଧ ଏକ ବ୍ୟକ୍ତିଗତ ଭାବରେ ହୋଇଥିଲା, ଏହାକୁ ଗଣମାଧ୍ୟମରୁ ଦୂରରେ ରଖାଯାଇଥିଲା । ଅଗଷ୍ଟ ୧୨ରେ ନିର୍ବନ୍ଧ ହୋଇଥିଲା । ଏହି ନିର୍ବନ୍ଧରେ କେବଳ ପରିବାରର ନିକଟ ସମ୍ପର୍କୀୟ ଏବଂ ଉଭୟଙ୍କ କିଛି ବନ୍ଧୁ ଯୋଗ ଦେଇଥିଲେ । ନିର୍ବନ୍ଧ ପରେ ସଚିନ ଏବଂ ତାଙ୍କ ଭାବି ବୋହୂ ସାନିଆଙ୍କୁ ପ୍ରଥମ ଥର ପାଇଁ ଏକାଠି ଦେଖାଯାଇଥିଲା ।ସେ ମୁମ୍ବାଇର ପ୍ରସିଦ୍ଧ ଶିଳ୍ପପତି ରବି ଘାଇଙ୍କ ନାତୁଣୀ ସାନିଆ । ଚନ୍ଦୋକଙ୍କୁ ମୁଦି ପିନ୍ଧାଇ ସାତ ଜନ୍ମର ସାଥି ଭାବେ ବାଛି ନେଇଛନ୍ତି ଅର୍ଜୁନଙ୍କ ପିତା ସଚିନଙ୍କୁ ସବୁଠାରୁ ଧନୀ କ୍ରିକେଟରଙ୍କ ମଧ୍ୟରେ ଗଣନା କରାଯାଏ ସାନିଆ । ମଧ୍ୟ ଏକ ଧନୀ ପରିବାରର ଝିଅ ଅଟନ୍ତି ।

ତାଙ୍କ ପିତାଙ୍କ ସମ୍ପତ୍ତି ବ୍ୟତୀତ, ଅର୍ଜୁନ ତେନ୍ଦୁଲକରଙ୍କ ନିଜସ୍ୱ ସମ୍ପତ୍ତି ୨୨ କୋଟି ଟଙ୍କା ବୋଲି କୁହାଯାଏ ତାଙ୍କର ସର୍ବାଧିକ ଆୟ ରୁ ଆସେ ତାଙ୍କ ଫ୍ରାଞ୍ଚାଇଜ ମୁମ୍ବାଇ ଇଣ୍ଡିଆନ୍ସ ତାଙ୍କୁ ୩୦ ଲକ୍ଷ ଟଙ୍କା ଦିଏ ୨୦୨୧ ମସିହାରେ ପ୍ରଥମ ଥର ପାଇଁ ତାଙ୍କୁ ୨୦ ଲକ୍ଷ ମୂଲ୍ୟରେ କିଣିଥିଲା ଏହା ପରେ, ୨୦୨୨ ମସିହାରେ, ତାଙ୍କୁ ୩୦ ଲକ୍ଷ ଟଙ୍କା ଦେଇ ବଜାୟ ରଖାଯାଇଥିଲା ସେବେଠାରୁ, ଏହି ଯୁବ ଅଲରାଉଣ୍ଡର ପାଞ୍ଚ ଥର ଚମ୍ପିଅନ ଦଳ ସହିତ ସମାନ ଫିସରେ ରହିଛନ୍ତି ।

ଏହା ବ୍ୟତୀତ, ଅର୍ଜୁନ ତେନ୍ଦୁଲକର ଘରୋଇ କ୍ରିକେଟ ମାଧ୍ୟମରେ ରୋଜଗାର କରନ୍ତି ଯେଉଁଥିରେ ରଣଜୀ ଟ୍ରଫି, ବିଜୟ ହଜାରେ ଟ୍ରଫି ଏବଂ ସୟଦ ମୁସ୍ତାକ ଅଲି ଟ୍ରଫି ଅନ୍ତର୍ଭୁକ୍ତ ଯେଉଁଥିରୁ ଅର୍ଜୁନ ବାର୍ଷିକ ପ୍ରାୟ ୧୦ ଲକ୍ଷ ଟଙ୍କା ରୋଜଗାର କରନ୍ତି ଏହା ବ୍ୟତୀତ ସଚିନ ତେନ୍ଦୁଲକରଙ୍କ ପୁଅ ମଧ୍ୟ ପ୍ରାୟୋଜକ ମାଧ୍ୟମରେ ଟଙ୍କା ପାଆନ୍ତି ।

ଅର୍ଜୁନ ତେନ୍ଦୁଲକରଙ୍କ ମଙ୍ଗେତର ସାନିଆ । ଚନ୍ଦୋକ ଏକ ବ୍ୟବସାୟିକ ପରିବାରରୁ ଆସିଛନ୍ତି ତାଙ୍କ ପରିବାରର ଫୁଡ ଆଣ୍ଡ ହସ୍ପିଟାଲିଟି କ୍ଷେତ୍ରରେ ବହୁତ ପ୍ରଭାବ ରହିଛି ତାଙ୍କ ଜେଜେବାପା ରବି ଘାଇ ଇଣ୍ଟରକଣ୍ଟିନେଣ୍ଟାଲ ମାରିନ ଡ୍ରାଇଭ ହୋଟେଲ ଏବଂ ଏକ ଆଇସକ୍ରିମ କମ୍ପାନୀ ବ୍ରୁକଲିନ କ୍ରିମେରୀର ମାଲିକ ତାଙ୍କର ମୋଟ ସମ୍ପତ୍ତି ପ୍ରାୟ ୧୬ ବିଲିୟନ ବୋଲି କୁହାଯାଏ ଯାହା ସଚିନ ତେନ୍ଦୁଲକରଙ୍କ ମୋଟ ସମ୍ପତ୍ତି (୧୪ ବିଲିୟନ) ଠାରୁ ଅଧିକ ।




# ଦଳାଚକଟା ପାଇଁ ଚିନ୍ନାସ୍ୱାମୀ ହାତରୁ ଖସିଲା ମ୍ୟାଚ !

ନୂଆଦିଲ୍ଲୀ, ୧୪।୮ : ଆସନ୍ତା ମାସରୁ ମହିଳା କ୍ରିକେଟ ବିଶ୍ୱକପ୍ ଆରମ୍ଭ ହେଉଛି ।ଭାରତ ଏବଂ ଶ୍ରୀଲଙ୍କାର ୮ଟି ଦଳ ମଧ୍ୟରେ ମୋଟ ୩୧ଟି ମ୍ୟାଚ୍ ଖେଳାଯିବ, ଯାହାର କାର୍ଯ୍ୟସୂଚୀ ପ୍ରକାଶ ପାଇଛି । ପାକିସ୍ତାନ ଦଳ ତାର ସମସ୍ତ ମ୍ୟାଚ୍ ଶ୍ରୀଲଙ୍କାରେ ଖେଳିବ । ପ୍ରକାଶିତ କାର୍ଯ୍ୟସୂଚୀରେ, ବେଙ୍ଗାଲୁରୁର ଏମ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ୫ଟି ମ୍ୟାଚ୍ ସ୍ଥିର କରାଯାଇଛି, କିନ୍ତୁ କ୍ରିକବଜର ରିପୋର୍ଟ ଅନୁଯାୟୀ, ରିପୋର୍ଟ ଆସିଛି ଯେ ଏବେ ବେଙ୍ଗାଲୁରୁରେ ହେବାକୁ ଥିବା ମ୍ୟାଚ୍ ଥିରୁବନନ୍ତପୁରମରେ ଆୟୋଜନ କରାଯାଇପାରିବ । ଭାରତକୁ ଲିଗ୍ ପର୍ଯ୍ୟାୟରେ ଏଠାରେ ୨ଟି ମ୍ୟାଚ୍ ଖେଳିବାର ଥିଲା । ସେପ୍ଟେମ୍ବର ୩୦ ପରେ, ଭାରତର ଦ୍ୱିତୀୟ ମ୍ୟାଚ୍ ଏଠାରେ ଅକ୍ଟୋବର ୨୬ ରେ ବାଂଲାଦେଶ ସହିତ ହେବାର ଥିଲା । ତଥାପି, କାର୍ଯ୍ୟସୂଚୀ ଏବଂ ସ୍ଥାନ ପରିବର୍ତ୍ତନର ଆନୁଷ୍ଠାନିକ ଘୋଷଣା ଏପର୍ଯ୍ୟନ୍ତ ହୋଇନାହିଁ ।



ଉଲ୍ଲେଖ ଥାଉ କି ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୧୮ ବର୍ଷ ପରେ ସେମାନଙ୍କର ପ୍ରଥମ ଟାଇଟଲ୍ (୨୦୨୫) ଜିତିଥିଲା ଟାଇଟଲ୍ ମ୍ୟାଚ୍ ନରେନ୍ଦ୍ର ମୋଦି କ୍ରିକେଟ୍ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ସେମାନେ ପଞ୍ଜାବ କିଙ୍ଗସକୁ ପରାସ୍ତ କରିଥିଲେ ବିରାଟ କୋହଲିଙ୍କ ସମେତ ସମସ୍ତ ଖେଳାଳି ପରଦିନ ବାଙ୍ଗାଲୋରରେ ପହଞ୍ଚିଥିଲେ, ଯେଉଁଠାରେ ଏମ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଏକ ଉତ୍ସବ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ଟିକେଟ୍ ମାଗଣା ଥିଲା ଏବଂ ସେମାନଙ୍କ ପ୍ରିୟ କ୍ରିକେଟରମାନଙ୍କୁ ଦେଖିବା ପାଇଁ ସେଠାରେ ଏକ ବଡ଼ ଭିଡ଼ ଜମା ହୋଇଥିଲା, ଯାହା ପରେ ଦଳାଚକଟା ହୋଇଥିଲା । ଏଥିରେ ଅନେକ ଲୋକ ପ୍ରାଣ ହରାଇଥିଲେ ।ଜୁନ୍ ୪ ରେ ଘଟିଥିବା ଏହି ଦୁଃଖଦ ଘଟଣାରେ ୧୧ ଜଣ ପ୍ରାଣ ହରାଇଥିଲେ ସେବେଠାରୁ, କର୍ଣ୍ଣାଟକ ସରକାର ସୁରକ୍ଷା ବ୍ୟବସ୍ଥା ପ୍ରତି ଅଧିକ କଠୋର ହୋଇଯାଇଛନ୍ତି ଆପଣଙ୍କୁ କହି ରଖୁଛୁ ଯେ ପୂର୍ବରୁ ବେଙ୍ଗାଲୁରୁ ଏବଂ କଲମ୍ବୋକୁ ୨୦୨୫ ମହିଳା ବିଶ୍ୱକପର ଫାଇନାଲ ପାଇଁ ଚୟନ କରାଯାଇଥିଲା । ଅର୍ଥାତ ଯଦି ପାକିସ୍ତାନ ଫାଇନାଲରେ ପହଞ୍ଚିବ ନାହିଁ, ତେବେ ଫାଇନାଲ ମ୍ୟାଚ୍ ଏମ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥାନ୍ତା ।

ବର୍ତ୍ତମାନ ଏଠାରେ କୌଣସି ମ୍ୟାଚ୍ ହେବ ନାହିଁ କିନ୍ତୁ ଏହାର କାରଣ କ'ଣ ?କ୍ରିକବଜର ରିପୋର୍ଟ ଅନୁଯାୟୀ, ଆଇସିସି ମହିଳା ବିଶ୍ୱକପର କାର୍ଯ୍ୟସୂଚୀ ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନିଆଯାଇଛି ।ଏମ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ମ୍ୟାଚ୍ ଆୟୋଜନ କରିବା ପାଇଁ କର୍ଣ୍ଣାଟକ ରାଜ୍ୟ କ୍ରିକେଟ୍ ସଂଘକୁ କର୍ଣ୍ଣାଟକ ସରକାରଙ୍କଠାରୁ ଅନୁମତି ମିଳିନାହିଁ ।

ବିଶ୍ୱକପର ଉଦଘାଟନୀ ମ୍ୟାଚ୍ ଭାରତ ଏବଂ ଶ୍ରୀଲଙ୍କା ମଧ୍ୟରେ ଏମ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳାଯିବାର ଥିଲା ।

ଇଣ୍ଡିପେଣ୍ଡେନ୍ସ କପ୍ କରାଟେ

# ଓଡ଼ିଶାକୁ ୨୦ ପଦକ

ଭୁବନେଶ୍ୱର, ୧୪।୮ : ଦିଲ୍ଲୀର ତାଲକୋଟରା ଇନ୍‌ଡୋର୍ ଷ୍ଟାଡିୟମ୍‌ଠାରେ ଆୟୋଜିତ ସର୍ବଭାରତୀୟ ଇଣ୍ଡିପେଣ୍ଡେନ୍ସ କପ୍ କରାଟେ ପ୍ରତିଯୋଗିତାରେ ଓଡ଼ିଶା ଖେଳାଳି ୮ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୧୦ କାଂସ୍ୟ ସହ ମୋଟ ୨୦ ପଦକ ଜିତିଛି ।ନୀଶାନ ସିଂହ ୨ଟି ଏବଂ ରାଜେଶ ମହାପାତ୍ର, ଲୋମା ସ୍ୱାଇଁ, ଅର୍ଣ୍ଣାଦିତ୍ୟା ସ୍ୱାଇଁ, ଉର୍ଜା ସାମନ୍ତ, ଡି ଧନୁଷ, ରେୟାଂଶ ଚେଧୁରୀ ଗୋଟିଏ ଲେଖାଏଁ ସ୍ୱର୍ଣ୍ଣ ପଦକ ଜିତିଥିଲେ ଆର୍ଯ୍ୟବ୍ରତ ବିଶ୍ୱାଳ ଓ ତ୍ରିଲୋଚନା ରଣା ରୌପ୍ୟ ପଦକ ପାଇଥିଲେ କାଂସ୍ୟ ଜିତିଥିଲେ ।ବ୍ରତତୀ ବିଶ୍ୱପ୍ରଭା ପତି, ଯୋଗେଶ ବରିହା, ଆଦ୍ୱିୟ ବାରିକ, ବାସୁଦେବ ପଣ୍ଡା, ବିନ୍ଦୁ ଜେନା, ଆର୍ଯ୍ୟ ବଂଶିକା, ଅର୍ଣ୍ଣାଦିତ୍ୟ ସ୍ୱାଇଁ, ଉର୍ଜା ସାମନ୍ତ, ରିୟାଂଶ ଚେଧୁରୀ ଓ ଡି ଧନୁଷ ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ୨୬ଜଣ କରାଟେକା ଭାଗ ନେଇଥିଲେ । ପଦକ ବିଜୟୀମାନଙ୍କୁ ଓଡ଼ିଶା ରାଜ୍ୟ କରାଟେ ସଂଘ ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି ।

# ମ୍ୟାଚ ନ ଖେଳି ବି ଫାଇଦାରେ ରହିଲେ ତିଲକ

ନୂଆଦିଲ୍ଲୀ, ୧୪।୭ : ଭାରତୀୟ କ୍ରିକେଟ୍ ଦଳର ଖେଳାଳିମାନେ ରାଙ୍କିଂ ଯୋଗୁଁ ଏବେ ଚର୍ଚ୍ଚାରେ ଅଛନ୍ତି । ଯଦି ଆମେ ଆଇସିସି ଟି୨୦ ରାଙ୍କିଂ ବିଷୟରେ କଥା ହେବା, ତେବେ ଅଭିଷେକ ଶର୍ମା ପୂର୍ବରୁ ଏକ ନମ୍ବରରେ ଆସିସାରିଛନ୍ତି । ଏବେ ତିଲକ ବର୍ମା ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି ତେବେ ତିଲକ ନିକଟ ଅତୀତରେ କୌଣସି ମ୍ୟାଚ୍ ଖେଳି ନାହାଁନ୍ତି ।

ସଦ୍ୟତମ ଆଇସିସି ରାଙ୍କିଙ୍ଗ ବିଷୟରେ କହିବାକୁ ଗଲେ, ଅଭିଷେକ ଶର୍ମା ନମ୍ବର ଏକରେ ଅଛନ୍ତି । ତାଙ୍କର ରେଟିଂ ୮୨୯ ଏବେ ତିଲକ ବର୍ମା ଟ୍ରାଭିସ୍ ହେଡ୍‌ଙ୍କୁ ହଟାଇ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି ତିଲକ ବର୍ମାଙ୍କ ରେଟିଂ ୮୦୪ ସେ ଗୋଟିଏ ସ୍ଥାନ ଉପରକୁ ଉଠିଛନ୍ତି । ଟ୍ରାଭିସ୍ ହେଡ୍ ଦ୍ୱିତୀୟ ସ୍ଥାନରୁ ଖସି ସିଧାସଳଖ ଚତୁର୍ଥ ସ୍ଥାନରେ ପହଞ୍ଚିଛନ୍ତି । ଏବେ ଫିଲ୍ ସଲ୍ଟ ତୃତୀୟ ସ୍ଥାନ ଅଧିକାର କରିଛନ୍ତି ଫିଲ୍ ସଲ୍ଟ ମଧ୍ୟ ଗୋଟିଏ ସ୍ଥାନ ବୃଦ୍ଧି ପାଇବା ଦେଖାଯାଉଛି ତାଙ୍କର ରେଟିଂ ୭୯୧ ।

ଅଷ୍ଟ୍ରେଲିଆର ଓପନର୍ ଟ୍ରାଭିସ୍ ହେଡ୍ ଏଥର ଏକ ବଡ଼ କ୍ଷତି ସହିଛନ୍ତି । ସେ ଦୁଇଟି ସ୍ଥାନ ହରାଇ ସିଧାସଳଖ ଚତୁର୍ଥ ନମ୍ବରକୁ ଖସି ଯାଇଛନ୍ତି । ହେଡ୍‌ଙ୍କ ରେଟିଂ ଏବେ ୭୮୨କୁ ଖସି ଆସିଛି । ପ୍ରକୃତରେ, ଦକ୍ଷିଣ ଆଫ୍ରିକା ବିପକ୍ଷରେ ଚାଲିଥିବା ଟି୨୦ ଅନ୍ତର୍ଜାତୀୟ ସିରିଜରେ ହେଡ୍‌ଙ୍କ ବ୍ୟାଟ୍ ସମ୍ପୂର୍ଣ୍ଣ ନୀରବ ଅଛି, ଏଥିପାଇଁ ସେ କ୍ଷତି ସହୁଛନ୍ତି । ଜସ୍ ବଟଲର୍ ଏପର୍ଯ୍ୟନ୍ତ ପଞ୍ଚମ ସ୍ଥାନରେ ଅଛନ୍ତି ।ତାଙ୍କର ରେଟିଂ ୭୭୨ ସୂର୍ଯ୍ୟକୁମାର ଯାଦବ ୭୩୯ ରେଟିଂ ସହିତ ଷଷ୍ଠ ସ୍ଥାନରେ ରହିଛନ୍ତି । ଶ୍ରୀଲଙ୍କାର ପଥୁମ୍ ନିସାଙ୍କା ୭୩୬ ରେଟିଂ ସହିତ ସପ୍ତମ ସ୍ଥାନରେ ରହିଛନ୍ତି ଏବଂ ନ୍ୟୁଜିଲାଣ୍ଡର ଟିମ୍ ସିଫର୍ଟ ୭୨୫ ରେଟିଂ ସହିତ ୮ମ ସ୍ଥାନରେ ରହିଛନ୍ତି ଜୋଶ୍ ଇଙ୍ଗଲିସ୍ ନବମ ସ୍ଥାନରେ ଅଛନ୍ତି ।ଏହି ସମୟ ମଧ୍ୟରେ ଘଟିଥିବା ବଡ଼ ପରିବର୍ତ୍ତନ ହେଉଛି ଯେ ଟିମ୍ ଡେଭିଡ୍ ଏକ ଲମ୍ବା ଲମ୍ଫ ମାରିଛନ୍ତି ।ସେ ବର୍ତ୍ତମାନ ସିଧାସଳଖ ଦଶମ ସ୍ଥାନରେ ପହଞ୍ଚିଛନ୍ତି ।ତାଙ୍କ ରେଟିଂ ଏବେ ୬୮୦କୁ ବୃଦ୍ଧି ପାଇଛି । ଏହି କାରଣରୁ ଭାରତର ଯଶସ୍ୱୀ ଜୟସ୍ୱାଲ୍ ଏବେ ଶ୍ରେଷ୍ଠ ୧୦ ରୁ ବାହାରିଯାଇଛନ୍ତି ।

# ଏସିଆ କପ୍ ଲାଗି ଅଙ୍କକଷା : ଗିଲ୍, ଜୟସ୍ୱାଲ, ସୁଦର୍ଶନଙ୍କ ଉପରେ ନଜର

ନୂଆଦିଲ୍ଲୀ, ୧୪।୮ : ଭାରତ-ପାକିସ୍ତାନ ସଂପର୍କରେ ସୃଷ୍ଟି ହୋଇଥିବା ତିକ୍ତତା ଦିନକୁ ଦିନ ବଢ଼ିବଢ଼ି ଚାଲିଥିବା ବେଳେ ଆସନ୍ତା ମାସରେ ୟୁଏଇରେ ଖେଳାଯିବାକୁ ଥିବା ଏସିଆ । କପ୍‌ର ଭବିଷ୍ୟତ ନେଇ ଆଶଙ୍କା ସୃଷ୍ଟି ହୋଇଛି । ପହଲଗାମ ଆତଙ୍କବାଦୀ ଆକ୍ରମଣର ଜବାବ ଭାରତ ଅପରେସନ୍ ସିନ୍ଦୁରରେ ଦେବା ପରେ ଦୁଇ ଦେଶ କ୍ରିକେଟ୍ ପଡ଼ିଆରେ ପରସ୍ପର ମୁହାଁମୁହିଁ ହେବେ କି ନାହିଁ, ସେ ଦ୍ୱନ୍ଦ୍ୱ ବି ବଢ଼ି ଚାଲିଛି । ତଥାପି ୟୁଏଇର ଦୁବାଇ ଓ ଆବୁଧାବିରେ ଖେଳାଯିବାକୁ ଥିବା ଏହି ୮ ରାଷ୍ଟ୍ରୀୟ ପ୍ରତିଯୋଗିତାରେ ଭାରତୀୟ ଦଳର ସ୍ୱରୂପ କିଭଳି ହେବ, ସେ ଚର୍ଚ୍ଚା ଏବେଠୁ ଆରମ୍ଭ ହୋଇଗଲାଣି ଭାରତ-ପାକିସ୍ତାନ ଗୋଟିଏ ଗ୍ରୁପ୍‌ରେ ରହିବା ମଧ୍ୟ ସ୍ଥିତିକୁ ଆହୁରି ରୋଚକ କରିଛି । ଆତଙ୍କବାଦୀଙ୍କୁ ନିରନ୍ତର ସମର୍ଥନ ପାଇଁ ପାକିସ୍ତାନ ସହ କ୍ରିକେଟ୍ ସଂପର୍କ ଛିନ୍ନ କରିବାକୁ ଦେଶସାରା ଦାବି ଜୋର୍ ଧରିଥିଲା ବେଳେ ବହୁ ପୂର୍ବତନ କ୍ରିକେଟର୍ କିନ୍ତୁ ଖେଳକୁ ରାଜନୀତିଠାରୁ ଦୂରେଇ ରଖିବାକୁ ଆହ୍ୱାନ କରିଛନ୍ତି । ଇଂଲଣ୍ଡରେ ଖେଳାଯାଇଥିବା ଲିଜେଣ୍ଡସ ଲିଗ୍‌ରେ ପୂର୍ବତନ କ୍ରିକେଟରଙ୍କୁ ନେଇ ଗଠିତ ଭାରତୀୟ ଦଳ ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରୁ ଓହରିଯିବା ପରେ ଟିମ୍ ଇଣ୍ଡିଆ । ମଧ୍ୟ ସମାନ ପଥ ଅନୁସରଣ କରିବାର ଯଥେଷ୍ଟ ସମ୍ଭାବନା ରହିଛି । ସେପଟେ ବିସିସିଆଇ ଏଥିନେଇ ଚୁପ୍ ରହିବା ମାମଲାକୁ ଆହୁରି ଗୋଳମାଳିଆ । କରିଛି ।ଏଭଳି ସ୍ଥିତିରେ ଏସିଆ । କପ୍-୨୦୨୫ର ଭାଗ୍ୟ ଏକପ୍ରକାର ସୂତା ଖିଅରେ ଝୁଲୁଛି ।ଏସିଆ । କପ୍-୨୦୨୫ରେ ଭାଗ ନେବାକୁ ଥିବା ୮ଟି ଦଳକୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି ଗ୍ରୁପ୍-ଏ'ରେ ଭାରତ, ପାକିସ୍ତାନ, ୟୁଏଇ ଏବଂ ଓମାନ ଅଛନ୍ତି ।ଗ୍ରୁପ୍-ବିରେ ରହିଛନ୍ତି ଶ୍ରୀଲଙ୍କା, ଆଫଗାନିସ୍ତାନ, ହଂକଂ ଓ ବାଂଲାଦେଶ ଭାରତ ତାର ଅଭିଯାନ ସେପ୍ଟେମ୍ବର ୧୦ରେ ୟୁଏଇ ବିପକ୍ଷରେ ଆରମ୍ଭ କରିବାର ସୂଚୀ ରହିଛି । ତେବେ ଟିମ୍ ଇଣ୍ଡିଆ । ନିଜର ସବୁଠୁ ବଡ଼ ମ୍ୟାଚ୍ ସେପ୍ଟେମ୍ବର ୧୪ରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷରେ ଖେଳିବ । ଶେଷ ଲିଗ ମ୍ୟାଚ୍‌ରେ ସେପ୍ଟେମ୍ବର ୧୯ରେ ଓମାନକୁ ଭେଟିବ ପ୍ରତ୍ୟେକ ଗ୍ରୁପ୍‌ର ଶୀର୍ଷ ଦୁଇ ଦଳ ସୁପର-୪କୁ ଉନ୍ନୀତ ହେବେ । ଏଣୁ ଭାରତ ଯଦି ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରୁ ଓହରି ଯାଏ, ତାହେଲେ ବି ଦଳ ପାଖରେ ଏହି ପର୍ଯ୍ୟାୟକୁ ଯିବାର ପର୍ଯ୍ୟାପ୍ତ ସୁଯୋଗ ରହିବ ।



ଇଂଲଣ୍ଡ ବିପକ୍ଷ ଟେଷ୍ଟ୍ ଶୃଙ୍ଖଳାରେ ଜବରଦସ୍ତ ପ୍ରଦର୍ଶନ କରିବା ପରେ ଭାରତୀୟ ଅଧିନାୟକ ଶୁବମନ୍ ଗିଲ୍, ଓପନର୍ ଯଶସ୍ୱୀ ଜୟସ୍ୱାଲ ଏବଂ ଆଇପିଏଲ୍-୨୦୨୫ର ସର୍ବାଧିକ ରନ୍ ସଂଗ୍ରହକାରୀ ସାଇ ସୁଦର୍ଶନଙ୍କୁ ଭାରତୀୟ ଟ୍ୱେଣ୍ଟି-୨୦ ଦଳର ନିୟମିତ ସଦସ୍ୟ କରିବାକୁ ଅଜିତ ଅଗରକରଙ୍କ ନେତୃତ୍ୱାଧୀନ ଜାତୀୟ ଚୟନ ସମିତି ଚିନ୍ତା କରୁଥିବା ଜଣାପଡ଼ିଛି । ଏମାନଙ୍କ ପାଇଁ ପ୍ରଥମ ବଡ଼ ସୁଯୋଗ ଏସିଆ କପ୍‌ରେ ଆସିପାରେ । ତେବେ ଦଳୀୟ ଗଠିନ ଦୃଷ୍ଟିରୁ ଏମାନଙ୍କୁ ଏସିଆ । କପ୍ ଦଳରେ ନେବା ଚୟନ ସମିତି ପାଇଁ ସହଜ ନିଷ୍ପତ୍ତି ହେବନି ଏମାନଙ୍କ ସହ କେଟ୍ ରକ୍ଷକ ଋଷଭ ପନ୍ତ ବି ଏସିଆ । କପ୍ ଦଳରେ ସୁଯୋଗ ପାଇ ନପାରନ୍ତି ।ଭାରତୀୟ ଦଳର ଗତ କିଛି ଟ୍ୱେଣ୍ଟି-୨୦ ଶୃଙ୍ଖଳାରେ ଗିଲ୍ ଓ ଜୟସ୍ୱାଲ ସାମିଲ ନଥିଲେ । ଅନ୍ୟପକ୍ଷରେ ସୁଦର୍ଶନ କେବେ ବି ଭାରତୀୟ ଟ୍ୱେଣ୍ଟି-୨୦ ଦଳରେ ସ୍ଥାନ ପାଇ ନାହାନ୍ତି ।

ସୂଚନାଯୋଗ୍ୟ ଯେ ଚଳିତବର୍ଷର ଆଇପିଏଲ୍‌ରେ ଜୟସ୍ୱାଲ ୧୬୦ ଷ୍ଟ୍ରାଇକ୍ ରେଟ୍‌ରେ ୫୫୯ ରନ୍ କରିଛନ୍ତି ଗିଲ୍ ୧୫୫ ଷ୍ଟ୍ରାଇକ୍ ରେଟ୍‌ରେ ୧୫ ମ୍ୟାଚ୍‌ରୁ ୬୫୦ ଏବଂ ସୁଦର୍ଶନ ୧୫୬ ଷ୍ଟ୍ରାଇକ୍ ରେଟ୍‌ରେ ସର୍ବାଧିକ ୭୫୯ ରନ୍ କରି ନାରଙ୍ଗୀ ଟୋପି ହାସଲ କରିଛନ୍ତି । ଏସିଆ । କପ୍ ଲାଗି ଭାରତ ଚିରାଚରିତ ୧୫ଜଣିଆ । ପରିବର୍ତ୍ତେ ୧୭ଜଣିଆ । ଦଳ ନେଇ ୟୁଏଇ ଯିବାକୁ ବିସିସିଆଇ ମଞ୍ଜୁରି ଦେଇପାରେ ଏଭଳି ସ୍ଥିତିରେ ଚୟନ ସମିତି ଅଭିଷେକ ଶର୍ମା, ସଞ୍ଜୁ ସାମ୍‌ସନଙ୍କ ସହ ଗିଲ୍, ଜୟସ୍ୱାଲ ଓ ସୁଦର୍ଶନଙ୍କୁ ଦଳରେ ରଖିବାର କିଛିଟା ସମ୍ଭାବନା ରହିଛି ।

ଏସବୁ ଭିତରେ କିନ୍ତୁ ଅଜିତ ଅଗରକରଙ୍କ ନେତୃତ୍ୱରେ ଗଠିତ ଜାତୀୟ ଚୟନ ସମିତି ଆସନ୍ତା ୧୯ କିମ୍ବା ୨୦ ତାରିଖରେ ଏସିଆ । କପ୍‌ର ଏହି ସପ୍ତଦଶ ସଂସ୍କରଣ ପାଇଁ ଭାରତୀୟ ଦଳ ଘୋଷଣା କରିପାରେ । ଏହା ପୂର୍ବରୁ ସମିତି ବେଙ୍ଗାଲୁରୁସ୍ଥିତ ସେଣ୍ଟର ଅଫ୍ ଏକ୍ସଲେନ୍ସର ଡାକ୍ତରୀଦଳଠାରୁ ସମସ୍ତ ସମ୍ଭାବ୍ୟ ଖେଳାଳିଙ୍କୁ ମେଡିକାଲ୍ ରିପୋର୍ଟ ତଲବ କରିଛି । ରିପୋର୍ଟ ଅନୁସାରେ ହିଁ ଖେଳାଳିମାନଙ୍କ ନାଁ ଏସିଆ । କପ୍ ଦଳ ପାଇଁ ବିଚାରକୁ ନିଆଯିବ । ଯେଉଁମାନେ ଫିଟ୍ ନଥିବେ, ସେମାନଙ୍କ ନାଁକୁ ପ୍ରାଥମିକ ପର୍ଯ୍ୟାୟରୁ ବାଦ୍ ଦିଆଯିବ ଅନ୍ୟପକ୍ଷରେ ଟ୍ୱେଣ୍ଟି-୨୦ ଫର୍ମାଟ୍‌ରେ ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତା ଲାଗି ଭାରତୀୟ ଦଳରେ ବଡ଼ ଧରଣର ପରିବର୍ତ୍ତନ ସମ୍ଭାବନା କମ୍ ଥିବା ଜଣାପଡ଼ିଛି । ଅଧିନାୟକ ସୂର୍ଯ୍ୟକୁମାର ଯାଦବ, ଅଭିଷେକ ଶର୍ମା, ସଞ୍ଜୁ ସାମ୍‌ସନ୍, ତିଳକ ବର୍ମା ଓ ହାର୍ଦ୍ଦିକ ପାଣ୍ଡ୍ୟା ଶୀର୍ଷ ୫ରେ ଚମତ୍କାର ପ୍ରଦର୍ଶନ କରିଥିବାରୁ ସେମାନଙ୍କୁ ହଟାଇବା ମଧ୍ୟ ଚୟନକର୍ତ୍ତାଙ୍କ ପାଇଁ ସହଜ ହେବନି ଅକ୍ଷର ପଟେଲ ଓ ୱାସିଂଟନ୍ ସୁନ୍ଦର ମଧ୍ୟ ଦୁଇ ସ୍ପିନ୍ ଅଲରାଉଣ୍ଡର୍ ଭାବେ ନିଜନିଜ ସ୍ଥାନ ସୁରକ୍ଷିତ ରଖିବା ଏକପ୍ରକାର ନିଶ୍ଚିତ ମୁଖ୍ୟ ସମସ୍ୟା ହେଉଛି ତୃତୀୟ ସିମରଙ୍କ ଚୟନ ଯଶପ୍ରୀ ବୁମ୍‌ରା ଓ ଅର୍ଶଦୀପ ସିଂହ ପ୍ରଥମ ପସନ୍ଦର ବୋଲର ଥିବାରୁ ତୃତୀୟ ଦ୍ରୁତ ବୋଲର ପାଇଁ ପ୍ରସିଦ୍ଧ କ୍ରିଷ୍ଣା ଓ ହର୍ଷିତ ରାଣାଙ୍କ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହେବ ।

# ଟେଷ୍ଟ କ୍ରିକେଟ ସର୍ବୋତ୍ତମ ଓ ସ୍ପନ୍ଦନଶୀଳ : ସାଉଦି

ନୂଆଦିଲ୍ଲୀ: ନ୍ୟୁଜିଲାଣ୍ଡର ପୂର୍ବତନ ଦ୍ରୁତବୋଲର ଏବଂ ଇଂଲଣ୍ଡ ଟେଷ୍ଟ ଦଳର ବୋଲିଂ ପ୍ରଶିକ୍ଷକ ଟିମ୍ ସାଉଦିଙ୍କ କହିବା ଅନୁସାରେ ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ସଦ୍ୟ ସମାପ୍ତ ଟେଷ୍ଟ ସିରିଜ ପୁଣି ଥରେ ପ୍ରମାଣିତ କରିଛି ଯେ ଟେଷ୍ଟ କ୍ରିକେଟ୍ ଏବେ ବି ସର୍ବୋତ୍ତମ ଏବଂ ସବୁଠାରୁ ସ୍ପନ୍ଦନଶୀଳ ଫର୍ମାଟ୍ ।



ସାଉଦି ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ଖେଳାଯାଇଥିବା ପାଞ୍ଚଟିକିଆ । ଟେଷ୍ଟ ସିରିଜକୁ ଦୁଇଟି ବିଶ୍ୱସ୍ତରୀୟ ଏବଂ ପ୍ରତିଯୋଗିତାମୂଳକ ଦଳ ମଧ୍ୟରେ ଏକ ମହାନ ମୁକାବିଲା ଭାବରେ ବର୍ଣ୍ଣନା କରିଛନ୍ତି ସେ କହିଛନ୍ତି, ସମଗ୍ର ସିରିଜରେ କ୍ରିକେଟର ସ୍ତର ବହୁତ ଉଚ୍ଚ ଥିଲା ପ୍ରତ୍ୟେକ ମ୍ୟାଚ୍‌ରେ ଦର୍ଶକମାନେ ଉତ୍ସାହ ଦେଖିବାକୁ ପାଇଥିଲେ ଏହା ହେଉଛି ଟେଷ୍ଟ କ୍ରିକେଟର ବିଶେଷତ୍ୱ ।

ବର୍ତ୍ତମାନ ବହୁତ କ୍ରିକେଟ୍ ଖେଳାଯାଉଛି ଜଣେ ଖେଳାଳିଙ୍କୁ ତିନୋଟି ଫର୍ମାଟରେ ଖେଳିବାକୁ ପଡିଥାଏ, ଯାହା ଶରୀର ଉପରେ ପ୍ରଭାବ ପକାଏ ବିଶେଷକରି ଦ୍ରୁତ ବୋଲରମାନଙ୍କ ପାଇଁ କାର୍ଯ୍ୟଭାର ପରିଚାଳନା ଜରୁରୀ ହୋଇଯାଇଛି ଭାରତ ବିପକ୍ଷ ସିରିଜରେ, ଆମର ବୋଲରମାନଙ୍କର ଏକ ଭଲ ପୁଲ ଥିଲା, ଯାହା କାର୍ଯ୍ୟଭାରକୁ ସନ୍ତୁଳିତ କରିବାରେ ସାହାଯ୍ୟ କରିଥିଲା ।

ଟେଷ୍ଟ କ୍ରିକେଟର ଭବିଷ୍ୟତ ଉପରେ ଉଠାଯାଇଥିବା ପ୍ରଶ୍ନକୁ ପ୍ରତ୍ୟାଖ୍ୟାନ କରି ସେ କହିଛନ୍ତି, ଯଦି ଆମେ ଗତ ପାଞ୍ଚ ବର୍ଷକୁ ଦେଖିବା, ତେବେ ଟେଷ୍ଟ କ୍ରିକେଟ୍ ଆହୁରି ରୋମାଞ୍ଚକର ହୋଇଛି ଅଧିକ ଫଳାଫଳ ଆସିଛି, ଷ୍ଟାଡିୟମରେ ଦର୍ଶକଙ୍କ ସଂଖ୍ୟା ବୃଦ୍ଧି ପାଇଛି ଭାରତ, ଅଷ୍ଟ୍ରେଲିଆ, ଇଂଲଣ୍ଡ ଏବଂ ନ୍ୟୁଜିଲ୍ୟାଣ୍ଡ ଭଳି ଦେଶରେ ଟେଷ୍ଟ ପ୍ରତି ଆଗ୍ରହ ବୃଦ୍ଧି ପାଇଛି ମୁଁ ଭାବୁନାହିଁ ଯେ ଟେଷ୍ଟ କ୍ରିକେଟ୍ କେବେ ଶେଷ ହେବ, ଏହା ସର୍ବଦା ଶୀର୍ଷରେ ରହିବ ସାଉଦିଙ୍କ ପାଇଁ ଏହି ଅଭିଜ୍ଞତା ବହୁତ ସ୍ୱତନ୍ତ୍ର ଥିଲା, ଯିଏ ସଦ୍ୟତମ ଭାବରେ ଅବସର ନେଇ ପ୍ରଶିକ୍ଷଣରେ ପାଦ ଦେଇଛନ୍ତି

ସେ କହିଛନ୍ତି ଯେ ଇଂଲଣ୍ଡ ଭଳି ଦଳରେ ପ୍ରଶିକ୍ଷକ ଭାବରେ ଯୋଗଦାନ କରିବା ଏକ ଭିନ୍ନ ଅଭିଜ୍ଞତା ଏତେ ବର୍ଷ ଧରି ପଡ଼ିଆରେ ଖେଳିବା ପରେ, ଯେତେବେଳେ ଆପଣ ପ୍ରଶିକ୍ଷଣ ଭୂମିକାରେ ଆସନ୍ତି, ସେତେବେଳେ ଦୃଷ୍ଟିକୋଣ ସମ୍ପୂର୍ଣ୍ଣ ଭାବରେ ବଦଳିଯାଏ ଖେଳରୁ ଆପଣ ଯାହା ପାଇଛନ୍ତି ତାହା ଫେରାଇବାର ଭାବନା ପ୍ରବଳ ହୋଇଥାଏ । ବର୍ତ୍ତମାନ କ୍ରିକେଟର ବ୍ୟସ୍ତ କାର୍ଯ୍ୟସୂଚୀକୁ ଦେଖି ସାଉଦି କାର୍ଯ୍ୟଭାର ପରିଚାଳନାକୁ ବହୁତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ